


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ଯା ଦେବୀ ସର୍ବଭୂତେଷୁ............


ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୨୪ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 SEPTEMBER 2021
Vol.No. 32 ■ No. 245 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


# ପେଗାସସ୍ ସ୍ପାଏ-ଓ୍ୟାର ମାମଲାର ତଦନ୍ତ କରିବ ସ୍ୱତନ୍ତ୍ର ଟିମ୍ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୩୨/୦୯: ପେଗାସସ ସ୍ପାଏ-ଓ୍ୟର ମାମଲାର ତଦନ୍ତ ହେବ । ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ । ସୁପ୍ରିମକୋର୍ଟ ପେଗାସସ ପ୍ରସଙ୍ଗରେ ଶୁଣାଣି କରି ଏପରି କହିଛନ୍ତି । ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ସତ୍ୟପାଠ ଦାଖଲ କରିବେ ନାହିଁ ବୋଲି କହିଥିଲେ । ଏହାପରେ ସୁପ୍ରିମକୋର୍ଟ ବିଶେଷଜ୍ଞ କମିଟି ନେଇ ନେଇ ଚୂଡାନ୍ତ ନିଷ୍ପତି ନେଇଛନ୍ତି । ଆସନ୍ତା ସପ୍ତାହରେ ବିଶେଷଜ୍ଞ କମିଟି ଆଦେଶ ଦେବେ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ଏନ ଭି ରମନ୍ନା କହିଛନ୍ତି । ଚଳିତ ସପ୍ତାହରେ ଆଦେଶ ଦେବେ ବୋଲି ସୁପ୍ରିମକୋର୍ଟ ଚିନ୍ତା କରିଥିଲେ । ହେଲେ କମିଟି ରହିବାକୁ ଥିବା ସଦସ୍ୟଙ୍କ ସହ ଯୋଗାଯୋଗରେ ବିଳମ୍ୱ ହେଉଥିବାରୁ ଆସନ୍ତା ସପ୍ତାହରେ ଆଦେଶ ଦେବେ ବୋଲି କହିଛନ୍ତି ପ୍ରଧାନ ବିଚାରପତି । କେନ୍ଦ୍ର ପୂର୍ବରୁ ସୁପ୍ରିମକୋର୍ଟରେ କହିଥିଲା ସତ୍ୟପାଠ ଦାଖଲ କଲେ କେଉଁ ସଫ୍ଟଓ୍ୱୟାର ଜରିଆରେ ତଥ୍ୟ ସଂଗ୍ରହ କରାଯାଉଛି ଜଣାପଡିବା ଯାହାକି ଜାତୀୟ ସୁରକ୍ଷା ପ୍ରତି ବିପଦ ରହିବ । ଆତଙ୍କବାଦୀ ଏ ବାବଦରେ ଅଧିକ ସୂଚନା ପାଇଯିବେ । ତେବେ ସୁପ୍ରିମକୋର୍ଟ ସତ୍ୟପାଠ ଦାଖଲ କରିବାକୁ କହିବା ପରେ କେନ୍ଦ୍ର ସରକାର ତିନି ସପ୍ତାହ ସମୟ ନେଇଥିଲେ । ଶେଷରେ କେନ୍ଦ୍ର ସତ୍ୟପାଠ ଦାଖଲ ନକରିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ । ପେଗାସସ ସ୍ପାଏଓ୍ୱୟର ଜରିଆରେ କେନ୍ଦ୍ର ସରକାର ବିଚାରପତି, ବ୍ୟବସାୟୀ, ରାଜନେତା ଏବଂ ସାମ୍ବାଦିକଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରିଥିବା ଅଭିଯୋଗ ରହିଛି ।

## ପିଓକେରେ ଡେରା ପକାଇଛନ୍ତି ୨୦୦ରୁ ୩୦୦ ଆତଙ୍କବାଦୀ

ନୂଆଦିଲ୍ଲୀ,୨୩୨/୦୯: ପଡୋଶୀ ପାକିସ୍ତାନରୁ ଆସିଲା ବଡ ଖବର । ଆତଙ୍କବାଦୀଙ୍କ ଆଡ୍ଡା କୁହାଯାଇଥିବା ପାକିସ୍ତାନରେ ଏବେ ପୁଣିଥରେ ଆତଙ୍କୀ କାର୍ଯ୍ୟକଳାପ ବଢିବାରେ ଲାଗିଛି । ଯାହା ଭାରତର ଚିନ୍ତା ବଢାଇଛି । ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପାକ୍ ଅଧିକୃତ କାଶ୍ମୀର ବା ପିଓକେରେ ଆତଙ୍କବାଦୀଙ୍କ ଗତିବିଧି ବଢିଥିବା କୁହାଯାଉଛି । ଏପରିକି ପିଓକେରେ ୨୦୦ରୁ ୩୦୦ ଆତଙ୍କବାଦୀ ଡେରା ପକାଇଥିବା ସୂଚନା ମିଳିଛି । ଯେଉଁମାନେ ସୁଯୋଗ ମିଳିବା ମାତ୍ରେ ଭାରତକୁ ପଶିବାକୁ ଚାହିଁ ବସିଛନ୍ତି । ଯାହା ଦର୍ଶାଉଛି ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ▶▶ପୃଷ୍ଠା ୭

# ଆମେରିକାରେ ନରେନ୍ଦ୍ର ମୋଦୀ



ନୂଆଦିଲ୍ଲୀ,୨୩୨/୦୯: ବିଦେଶ ମାଟିରେ ମୋଦୀ ମୋଦୀ ନାରା ଦେଉଛନ୍ତି ଭାରତୀୟ । ରାଷ୍ଟ୍ରପତି ଜୋ ବାଇଡେନ ଆମେରିକାର ନେତୃତ୍ୱ ନେବା ପରେ ପ୍ରଥମ ଥର ପାଇଁ ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । କରୋନା ମହାମାରୀ ଓ ଆଫଗାନିସ୍ତାନରେ ତାଲିବାନର କବଜା ପରେ ମୋଦୀଙ୍କ ଗସ୍ତର ଗୁରୁତ୍ୱ ବଢିଯାଇଛି । ଏହି ଗସ୍ତ ସମୟରେ ଭାରତ-ଆମେରିକା ଆହୁରି ନିକଟତର ହେବା ସହ ଚୀନର ଘେରାବନ୍ଦୀ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇପାରେ । କ୍ୱାଡ ରାଷ୍ଟ୍ର ସମୂହର ବୈଠକରେ ମୋଦୀ, ଆତଙ୍କବାଦ ଓ କରୋନା ପ୍ରସଙ୍ଗ ଉଠାଇପାରନ୍ତି । ଚୀନର ଟିକା କୂଟନୀତି ବିରୋଧରେ ଏକାଠି ହୋଇପାରନ୍ତି କ୍ୱାଡ ସଦସ୍ୟ । ସେହିପରି ଜାତିସଂଘ ସାଧାରଣ ପରିଷଦ ବୈଠକରେ ଚୀନ୍ ବିରୋଧରେ କୂଟନୈତିକ ସହମତି ସୃଷ୍ଟି କରିପାରନ୍ତି ମୋଦୀ । ପ୍ରଧାନମନ୍ତ୍ରୀ ୱାଶିଂଟନ ଡିସି ପହଂଚିବା ପରେ ବିମାନ ବନ୍ଦର ବାହାରେ ଥିଲା କିଛି ରୋଚକ ଦୃଶ୍ୟ । ବର୍ଷାରେ ଭିଜି ଭିଜି ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଥିଲେ ଶତାଧିକ ପ୍ରବାସୀ ଭାରତୀୟ । ଜାତୀୟ ପତାକା ଧରି ଆମେରିକାରେ ରହୁଥିବା ଭାରତୀୟ ମୋଦି ମୋଦି ନାରା ଦେଉଥିଲେ । ଏୟାରପୋର୍ଟରେ ଆମେରିକା ▶▶ପୃଷ୍ଠା ୭

## ଶ୍ରୀ ଅତୁଲିଆ ସିହ୍ନାଙ୍କ ଅତିରିକ୍ତ ଜେନେରାଲ୍ ମ୍ୟାନେଜର ଦାୟିତ୍ୱ ଗ୍ରହଣ



କୋଲକାତା,୨୩/୦୯ (ନି.ପ୍ର): ଶ୍ରୀ ଅତୁଲିଆ ସିହ୍ନା ଆଜି (୨୩.୦୯.୨୦୨୧) ଦକ୍ଷିଣ ପୂର୍ବାଞ୍ଚଳ ରେଳବାଇ, ଗାର୍ଡେନ୍ ରିଚ୍, ଅତିରିକ୍ତ ଜେନେରାଲ୍ ମ୍ୟାନେଜର ଦାୟିତ୍ୱ ଗ୍ରହଣ କରିଛନ୍ତି । ଅତିରିକ୍ତ ଜେନେରାଲ୍ ମ୍ୟାନେଜର, ଏସ୍ ଇ ରେଳବାଇର ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ସିହ୍ନା ପୂର୍ବ ରେଳବାଇର ମୁଖ୍ୟ କର୍ମଶାଳା ଇଞ୍ଜିନିୟର ଥିଲେ। ଶ୍ରୀ ସିହ୍ନା, ଆଇଆରଏସଏମଇ (ଇଣ୍ଡିଆନ ରେଲଓ୍ୱେ ସର୍ଭିସ ଅଫ ମେକାନିକାଲ ଇଞ୍ଜିନିୟର୍ସ) ୧୯୮୮ ୧୯୮୮ ଭବଷ ରେ ଆସିଷ୍ଟାଣ୍ଟ ମେକାନିକାଲ ଇଞ୍ଜିନିୟର, ୧୯୮୮ ରେ ଦକ୍ଷିଣ କେନ୍ଦ୍ରୀୟ ରେଳବାଇରେ ଭାରତୀୟ ରେଳ ବ୍ୟାଚ୍ ଯୋଗ ଦେଇଥିଲେ।

## ମୁଖ୍ୟ ସୂଚନା କମିଶନର ହେଲେ ଜଳଦ ତ୍ରିପାଠୀ

ଭୁବନେଶ୍ୱର,୨୩/୦୯ (ନି.ପ୍ର): ଜଳଦ ତ୍ରିପାଠୀ ହେଲେ ରାଜ୍ୟର ମୁଖ୍ୟ ସୂଚନା କମିଶନର । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଜଳଦ ତ୍ରିପାଠୀଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ସୁନୀଲ ମିଶ୍ରଙ୍କ କାର୍ଯ୍ୟକାଳ ଶେଷ ପରେ ମୁଖ୍ୟ ସୂଚନା କମିଶନର ପଦବୀ ଖାଲିଥିଲା । ତାମିଲନାଡୁ କ୍ୟାଡରର ୧୯୮୫ ବ୍ୟାଚ୍ ର ଭାରତୀୟ ପୁଲିସ୍ ସେବା ଅଧିକାରୀ ଶ୍ରୀ ତ୍ରିପାଠୀ ତାମିଲନାଡୁର ▶▶ପୃଷ୍ଠା ୭

# ଭାରତରେ ପଶିଛନ୍ତି ଆଫଗାନିସ୍ତାନ ଆତଙ୍କବାଦୀ : ସତର୍କ କଲା ଗୁଇନ୍ଦା ବିଭାଗ



ନୂଆଦିଲ୍ଲୀ,୨୩୨/୦୯: ଆଫଗାନିସ୍ତାନକୁ ତାଲିବାନ କବଜା କରିବା ଭାରତର ଚିନ୍ତା ବଢାଇଥିଲା । ଆଉ ଏବେ ଏହି ଚିନ୍ତା ଦ୍ୱିଗୁଣିତ ହୋଇଛି ଯେତେବେଳେ ଆଫଗାନୀ ଆତଙ୍କବାଦୀ ଭାରତରେ ପଶିଥିବା ନେଇ ଖବର ସାମ୍ନାକୁ ଆସିଛି । ଏନେଇ ଗୁଇନ୍ଦା ବିଭାଗ ସତର୍କ ସୂଚନା ଜାରି କରିଛି । ଏପରିକି ଏହି ଆତଙ୍କବାଦୀଙ୍କ ଦ୍ୱାରା ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ବଡ ଧରଣର ଆକ୍ରମଣ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଆଉ ସବୁଠୁ ବଡ କଥା ହେଲା, ଏହି ଆତଙ୍କବାଦୀଙ୍କ ଟାର୍ଗେଟରେ ସେନା କ୍ୟାମ୍ପ ନଚେତ ବଡ ବଡ ସରକାରୀ ଅନୁଷ୍ଠାନ ରହିଥିବା ଗୁଇନ୍ଦା ସୂଚନା ମିଳିଛି । ମିଳିଥିବା ସୂଚନା ମୁତାବକ, ଉରି ସେକ୍ଟର ବାଟେ କିଛି ଆଫଗାନୀ ଆତଙ୍କବାଦୀଙ୍କୁ ଭାରତକୁ ପଠାଯାଇଛି । ଆଫଗାନୀ ଆତଙ୍କବାଦୀଙ୍କୁ ଭାରତରେ ଅନୁପ୍ରବେଶ କରାଇ ପାକିସ୍ତାନ ଆତଙ୍କବାଦୀ ଫେରୁଥିବା ବେଳେ ଭାରତୀୟ ଯବାନଙ୍କ ସହ ମୁହାଁମୁହିଁ ହୋଇଥିଲା । ଯେଉଁଥିରେ ଜଣେ ଭାରତୀୟ ଯବାନ ଆହତ ହୋଇଛନ୍ତି ଓ ଆତଙ୍କବାଦୀ ଛାଡି ଯାଇଥିବା ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଗତ ସେପଟ୍ଟେମ୍ବର ୧୮ ତାରିଖରେ ଆଫଗାନ ଆତଙ୍କବାଦୀ ମାନେ ଉରି ସେକ୍ଟର ଦେଇ ଭାରତ ଆସିଥିବା କୁହାଯାଉଛି । ଏହି ଗୁଇନ୍ଦା ସୂଚନା ମିଳିବା ପରେ ଉରି ସେକ୍ଟରରେ ଜୋରଦାର ଖାନତଲାସି କରାଯାଉଛି । ଯେହେତୁ ଏହି ଆତଙ୍କବାଦୀ ମାନେ ଆଫଗାନିସ୍ତାନରୁ ଆସିଛନ୍ତି ତେଣୁ ଏମାନେ ସହଜରେ କାଶ୍ମୀର ବାସିନ୍ଦାଙ୍କ ସହ ମିଶିପାରିବେ ନାହିଁ । ତେଣୁ ସମସ୍ତ ସନ୍ଦିଗ୍ଧ ସ୍ଥାନରେ ଜୋରଦାର ତଲାସୀ ଅଭିଯାନ ଜାରି ରଖିଛି ଭାରତୀୟ ସେନା । ଏହାଛଡା ସେନା କ୍ୟାମ୍ପ ଓ ବିଭିନ୍ନ ସରକାରୀ ସଂସ୍ଥାର ସୁରକ୍ଷାକୁ ମଧ ବଢାଇ ଦିଆଯିବା ସହ ସତର୍କ କରାଯାଇଛି ।

# ଫାର୍ମାସିଷ୍ଟ ଦେଖିବେ ରୋଗୀ : ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ କରିବେ ଚିକିତ୍ସା



ଭୁବନେଶ୍ୱର,୨୩/୦୯(ନି.ପ୍ର): ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ କରିବେ ଚିକିତ୍ସା । ସରକାର ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ୧୩ ପ୍ରକାର ରୋଗର ଚିକିତ୍ସା ଫାର୍ମାସିଷ୍ଟ କରିପାରିବେ । ଏଥିପାଇଁ କି ପ୍ରକାର ଔଷଧ ଦିଆଯିବ, ତାର ମଧ ତାଲିକା ପ୍ରକାଶ କରିଛି ସ୍ୱାସ୍ଥ୍ୟ ବିଭାଗ । ଏହି ତାଲିକା ଅନୁସାରେ ଫାର୍ମାସିଷ୍ଟମାନେ ରୋଗୀଙ୍କୁ ଔଷଧ ଦେଇପାରିବେ । ହେଲେ ସରକାରଙ୍କ ଏହି ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ଡାକ୍ତର । ଫାର୍ମାସିଷ୍ଟ ଦେଖିବେ ରୋଗୀ । ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ କରିବେ ଚିକିତ୍ସା । କୋରାପୁଟ ସେମିଳିଗୁଡ଼ା ସହରାଂଚଳ ପ୍ରାଥମିକ ଚିକିତ୍ସା କେନ୍ଦ୍ର । ଏଠି ଡାକ୍ତର ନାହାନ୍ତି, ଫାର୍ମାସିଷ୍ଟ ଦେଖୁଛନ୍ତି ରୋଗୀ । ଗାଁ ହେଉ କି ସହର, ଏହି ଚିତ୍ର ଅନେକ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଦେଖିବାକୁ ମିଳେ । ଡାକ୍ତର ଯେଉଁଠି ନଥାନ୍ତି, ସେଠି ରୋଗୀଙ୍କୁ ଚିକିତ୍ସା କରିଥାନ୍ତି ଫାର୍ମାସିଷ୍ଟ । ଏବେ ସେହି ଧାରାକୁ ବିଧିବଦ୍ଧ ଭାବେ ଅନୁମତି ଦେଇଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ଏ ନେଇ ସରକାର ଜାରି କରିଛନ୍ତି ନିର୍ଦ୍ଦେଶନାମା । କେଉଁ ରୋଗର ଚିକିତ୍ସା କରିବେ, କେଉଁ ଔଷଧ ଦେବେ, ପୂରା ବିବରଣୀ ବି ଦେଇଛି ସ୍ୱାସ୍ଥ୍ୟ ବିଭାଗ । ମେଲେରିଆ, ଫାଇଲେରିଆ, ଟିବି, ଲେପ୍ରସୀ, ଥଣ୍ଡା ଜ୍ୱର, କାଶ, କାଛୁ, କୁଣ୍ଡିଆ, ଯାଦୁ, କୃମି, ଡାଇରିଆ, ଗ୍ୟାସ ଓ ବଦହଜମୀ, ଛୋଟ କ୍ଷତ ଓ ପୋଡ଼ାଜଳା, ବଥ ଭଳି ୧୩ ପ୍ରକାର ରୋଗର ଚିକିତ୍ସା କରିପାରିବେ ▶▶ପୃଷ୍ଠା ୭

# ଦୂର୍ଗାପୂଜା ପାଇଁ ବିଏମସିର ଗାଇଡ୍ ଲାଇନ୍ ଜାରି

ଭୁବନେଶ୍ୱର,୨୩/୦୯ (ନି.ପ୍ର): ଦଶହରା ପୂଜା ପାଳନ ନେଇ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଗାଇଡଲାଇନ ଜାରି ହୋଇଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ଏହାସହିତ ମେଢ଼ ବିସର୍ଜନ ପାଇଁ ଭସାଣୀ ଶୋଭାଯାତ୍ରା ହୋଇପାରିବ ନାହିଁ। କୌଣସି ପରିସ୍ଥିତିରେ ପୂଜା ମଣ୍ଡପରେ ଏକସଙ୍ଗେ ୭ଜଣରୁ ଅଧିକ କମିଟି ସଦସ୍ୟ ଉପସ୍ଥିତ ରହିବେ ନାହିଁ ବୋଲି ବିଏମସି ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବିଏମସି କମିଶନରଙ୍କ ଦ୍ୱାରା ଜାରି ଦଶହରା ପୂଜା ପାଳନ ନିମନ୍ତେ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ରାଜ୍ୟରେ କୋଭିଡ୍-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଦ୍ୱାରା ଅଗଷ୍ଟ ୩୧ତାରିଖରେ ଜାରି ଗାଇଡଲାଇନ ଅନୁସାରେ ବିଏମସି ପକ୍ଷରୁ କେତେକ ପଦକ୍ଷେପ ନିଆଯାଇଛି। ବିଏମସି ଅଂଚଳରେ ସମସ୍ତ ଦୁର୍ଗା ପୂଜା ପାଳନ ନିମନ୍ତେ ଲୋକଙ୍କ ଏକଜୁଟ ପାଇଁ ଅନୁମତି ମିଳିବ ନାହିଁ। ପୂଜା କମିଟି ଓ ଆୟୋଜକମାନେ ପୂଜା ମଣ୍ଡପ ବା ପେଣ୍ଡାଲରେ କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ପାଳନ କରିବେ। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ଓ ସାନିଟାଇଜେସନ୍ ନିୟମକୁ ପାଳନ କରିବା ସହ ପୁଲିସ କମିଶନରଙ୍କଠୁ ପୂଜା ମଣ୍ଡପ ନିମନ୍ତେ ଅନୁମତି ନେବେ। ପୂଜା ବେଶୀ ଆଡ଼ମ୍ବରପୂର୍ଣ୍ଣ ହେବ ନାହିଁ। କେବଳ ରୀତିନୀତି ପାଇଁ ପୂଜାର୍ଚ୍ଚନା ହେବ। ଏହି ପୂଜା ମଣ୍ଡପରେ ତିନିପଟ ବନ୍ଦ ରଖାଯିବ ଓ ଗୋଟିଏ ପଟ କେବଳ ପୂଜକଙ୍କ ରୀତିନୀତି ନିମନ୍ତେ ଖୋଲା ରହିବ। ତେବେ ଏହି ଚତୁର୍ଥ ପଟକୁ ମଧ ଠିକ୍ ଭାବେ ଢାଙ୍କିବାକୁ ପଡ଼ିବ, ଯାହାଫଳରେ ଶ୍ରଦ୍ଧାଳୁମାନେ ଦର୍ଶନ କରିପାରିବେ ନାହିଁ। ମୂର୍ତ୍ତିର ଉଚ୍ଚତା ସର୍ବାଧିକ ୪ଫୁଟ ରହିବ। ବିସର୍ଜନ ପାଇଁ ବିଏମସି ପକ୍ଷରୁ କୃତ୍ରିମ ପୋଖରୀ ସୃଷ୍ଟି କରାଯିବ। ବିସର୍ଜନବେଳେ ସର୍ବାଧିକ ୧୦ଜଣ ଲୋକଙ୍କୁ ଏକଜୁଟ ହେବାକୁ ଅନୁମତି ଦିଆଯାଉଥିବାରୁ ମୂର୍ତ୍ତିର ଉଚ୍ଚତା ଓ ଓଜନକୁ ସୀମିତ ରଖିବାକୁ ବିଏମସି କମିଶନର ପରାମର୍ଶ ଦେଇଛନ୍ତି। ଏହାସହିତ ଯେଉଁମାନେ ବିସର୍ଜନରେ ସାମିଲ ହେବେ, ସେମାନେ କୋଭିଡ୍ ଟିକା ଦୁଇ ଡୋଜ୍ ନେଇଥିବାକୁ ପୂଜା କମିଟି ସୁନିଶ୍ଚିତ କରାଇବେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ମଧ୍ୟ ରୋକ୍ ଲଗାଯାଇଛି। ପୂଜା କମିଟି ନିଜର ସମସ୍ତ ସଦସ୍ୟଙ୍କୁ କୋଭିଡ୍ ଟିକାର ସାର୍ଟିଫିକେଟ ପାଖରେ ସବୁବେଳେ ରଖିବା ଓ ଯାଂଚବେଳେ ଦେଖାଇବା ନିମନ୍ତେ ଅବଗତ କରାଇବେ ବୋଲି ବିଏମସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ପିପିଲି ମୈଦାନରେ ଚାଲିଛି ଜୋରଦାର ଟକ୍କର

## ବିଜୟ ନେଇ ଦମ୍ଭୋକ୍ତି ବାଢିଲେ ୩ ରାଜନୈତିକ ଦଳ

ଭୁବନେଶ୍ୱର,୨୩/୦୯(ନି.ପ୍ର): ଚତୁର୍ଥ ଦିନରେ ଜୋରଦାର ହୋଇଛି ପିପିଲି ପ୍ରଚାର । ନିର୍ବାଚନ ଆୟୋଗ ଦେଇଥିବା ୭ଦିନର ସମୟକୁ କେହି ହାତଛଡା କରିବାକୁ ଚାହୁଁନାହାନ୍ତି । ଗଡ ରକ୍ଷା ସହ ବଡ ବ୍ୟବଧାନରେ ଜିତିବ ବୋଲି ବିଜେଡି ଦମ୍ଭୋକ୍ତି କରୁଛି । ହେଲେ ପୁଅ ରୁଦ୍ର ମହାରଥୀଙ୍କ ପାଇଁ ମା’ ପ୍ରତିଭା ପ୍ରଚାର ମୈଦାନକୁ ଏଯାଏଁ ନଆସିବା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେପଟେ ଫନି ସହାୟତା ପାଇନଥିବା ଡେଲାଙ୍ଗବାସୀଙ୍କ ଅସନ୍ତୋଷକୁ ଆଧାର କରି କାଉଣ୍ଟର ରଣନୀତି କରୁଛି ବିଜେପି । ଆଉ କଂଗ୍ରେସ କହିଛି ନିର୍ବାଚନ ସ୍ୱଚ୍ଛ ଉପାୟରେ ହେଲେ ଦଳ ଜିତିବ, ଅର୍ଥ ଓ ବାହୁବଳର ଉପଯୋଗ ହେଲେ କଂଗ୍ରେସ ପ୍ରାର୍ଥୀଙ୍କ ସ୍ଥିତି କ’ଣ ହେବ କହିହେବନାହିଁ । ପିପିଲି ଉପନିର୍ବାଚନ ପାଇଁ ଗତ ୨୦ ତାରିଖରୁ ପ୍ରଚାର ଆରମ୍ଭ ହୋଇଥିବାବେଳେ ଆଜି ଚତୁର୍ଥ ଦିନରେ ପହଞ୍ଚିଛି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରଚାର ପାଇଁ ମାତ୍ର ୮ ଦିନିଆ ସମୟ ଦିଆଯାଇଥିବାରୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ଜୋର ଲଗାଇ ଦେଇଛନ୍ତି ୩ ପ୍ରମୁଖ ରାଜନୈତିକ ଦଳ । ବିଜେଡିର ଗଡ ହୋଇ ରହିଆସିଥିବା ପିପିଲିରୁ ଦିବଙ୍ଗତ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ମହାରଥୀଙ୍କୁ ପ୍ରାର୍ଥୀ କରି ବଡ ବ୍ୟବଧାନରେ ଜିତିବାକୁ ରଣନୀତି କରିଛି ବିଜୁ ଜନତା ଦଳ । ସେପଟେ ପ୍ରଦୀପ ମହାରଥୀଙ୍କ ବିରୋଧରେ ମାତ୍ର ୧୫ ହଜାର ଭୋଟରେ ହାରିଥିବା ବିଜେପି ପ୍ରାର୍ଥୀ ଆଶ୍ରୀତ ପଟ୍ଟନାୟକ ମଧ ବିଜେଡି ଗଡରେ ଧସେଇ ପଶିବାକୁ ଜୋରଦାର ପ୍ରୟାସ କରୁଛନ୍ତି । କଂଗ୍ରେସ କିନ୍ତୁ ପିପିଲିରେ ୧ ନମ୍ବର ହୋଇପାରିବ ନାହିଁ ବୋଲି ମୂଳରୁ ହାତ ଟେକି ଦେଇଛି । ୨୦୦୯ ପରଠାରୁ କୌଣସି ଉପନିର୍ବାଚନ ହାରିନଥିବା ବିଜେଡି ଏଥର ପିପିଲିରେ ମଧ ସ୍ୱତନ୍ତ୍ର ରଣନୀତି ସହ ଆଗକୁ ବଢୁଛି । ଦଳର ସଂଗଠନକୁ ମଜଭୂତ କରି ଭୋଟ ବୃଦ୍ଧି କରିବା ଲକ୍ଷ୍ୟରେ ବିଜେଡି ସାଂସଦ, ବିଧାୟକ, ମନ୍ତ୍ରୀଙ୍କ ସମେତ ଯୁବ, ଛାତ୍ର ଓ ମହିଳା ସାମୁଖ୍ୟକୁ ଧରି ବିଭିନ୍ନ ପଞ୍ଚାୟତ ଓ ଓ୍ୱାର୍ଡରେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି । ପୂର୍ବାପେକ୍ଷା ବିଜେଡି ଅଧିକ ଭୋଟ ବ୍ୟବଧାନରେ ▶▶ପୃଷ୍ଠା ୭

# ନବୀନଙ୍କ ବଡ ଘୋଷଣା : ଓଡ଼ିଶାରେ ହେବ ଜୁନିୟର ପୁରୁଷ ହକି ବିଶ୍ୱକପ

ଭୁବନେଶ୍ୱର,୨୩/୦୯(ନି.ପ୍ର): ଓଡ଼ିଶାରେ ଖେଳାଯିବ ଜୁନିୟର ପୁରୁଷ ହକି ବିଶ୍ୱକପ । କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ ଜୁନିୟର ପୁରୁଷ ହକି ବିଶ୍ୱକପ । ଏନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏନେଇ ଘୋଷଣା କରିଛନ୍ତି ନବୀନ । ଏହାସହ ଜୁନିୟର ହକି ବିଶ୍ୱକପର ଟ୍ରଫି ଉନ୍ମୋଚନ କରିଛନ୍ତି ନବୀନ । ଆଗାମୀ ନଭେମ୍ବର ମାସରେ କଳିଙ୍ଗ ଷ୍ଟାଡିୟମରେ ଜୁନିୟର ହକି ବିଶ୍ୱକପ ଖେଳାଯିବ । ୨୪ ନଭେମ୍ବରରୁ ୫ ଡିସେମ୍ବର ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଜୁନିୟର ହକି ବିଶ୍ୱକପ ଖେଳାଯିବ । ତେବେ ଚଳିତଥର ହୋମଗ୍ରାଉଣ୍ଡରେ ଭାରତୀୟ ଦଳ ପ୍ରଦର୍ଶନ କରିବ ବୋଲି କହିଛନ୍ତି ନବୀନ । ଏହାସହ ନବୀନ କହିଛନ୍ତି, ଓଡ଼ିଶାର ଅନେକ ଖେଳାଳୀ ଟିମ୍ ଇଣ୍ଡିଆ ପାଇଁ ଖେଳି ରାଜ୍ୟକୁ ଗର୍ବିତ କରିଛନ୍ତି । ହକିକୁ ଆହୁରି ଆଗକୁ ନେବାକୁ ଓଡ଼ିଶା ଆଉ ୧୦ ବର୍ଷ ଭାରତୀୟ ହକି ଟିମର ପ୍ରାୟୋଜକ ରହିବ । ଓଡ଼ିଶା ହକିକୁ ନୂଆ ପରିଚୟ ଦେଇଛି । ହକିର ଉନ୍ନତି ପାଇଁ ସର୍ବଦା ପ୍ରୟାସ କରି ଆସିଛି ଓଡ଼ିଶା । ଯେଉଁଥିପାଇଁ ବିଭିନ୍ନ ଟୁର୍ଣ୍ଣାମେଣ୍ଟ ସହ ହକି ବିଶ୍ୱକପର ଆୟୋଜନ କରିଛି ଓଡ଼ିଶା । ଏହାଛଡା ଏହି ପୁରୁଷ ଜୁନିୟର ହକି ବିଶ୍ୱକପ ପାଇଁ ମାତ୍ର ୨ ମାସ ସମୟ ମିଳିଥିଲା । ଆଉ କରୋନା କାଳରେ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରିବା ସହ ଜୁନିୟର ହକି ବିଶ୍ୱକପ ଆୟୋଜନ କରିବା ପାଇଁ ସମ୍ମତି ଦେଇଥିଲା ଓଡ଼ିଶା । ଏହି କାର୍ଯ୍ୟକ୍ରମରେ ଏଫଆଇଏଚ ସଭାପତି ନରିନ୍ଦର ବାତ୍ରା କହିଛନ୍ତି, ଭାରତୀୟ ହକି ପାଇଁ ଓଡିଶା ହେଉଛି ଅତ୍ୟନ୍ତ ଶୁଭଙ୍କର । ଯେଉଁଥିପାଇଁ ୪୧ ବର୍ଷ ପରେ ଭାରତୀୟ ହକି ଟିମ ଅଲମ୍ପିକ୍ସରେ ପଦକ ବିଜେତା ହୋଇଛି ।

# ୨୪ ସନ୍ଧ୍ୟାରେ ଲଘୁଚାପ : ୨୫ରୁ ବର୍ଷା

ଭୁବନେଶ୍ୱର,୨୩/୦୯(ନି.ପ୍ର): ଗତକାଲିର ଘୂର୍ଣ୍ଣି-ବଳୟ ମିଆଁମାର ଉପକୂଳ ତତସଂଲଗ୍ନ ମାର୍ଟାବାନ୍ ଉପକୂଳ ଅଂଚଳରେ ସକ୍ରିୟ ରହିଛି । ଏହା ଉତର-ପଶ୍ଚିମ ଦିଗକୁ ଗତି କରି, ଉତର-ପୂର୍ବ ଏବଂ ପୁର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ପହଂଚିବ। ଏହାର ପ୍ରଭାବରେ ୨୪ତାରିଖ ସନ୍ଧ୍ୟା ବେଳକୁ, ସମାନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଲଘୁଚାପ ପ୍ରଭାବରେ ରାଜ୍ୟର କେତେକ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ୨୫ ତାରିଖରୁବର୍ଷା ବଢିବା ସହ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

# ଅଲ୍ ଓଡ଼ିଶା ୱାଚ୍ ଟ୍ରେଡ ଫେଡେରେସନର ବୈଠକ




ଭଦ୍ରକ,୨୩/୯ (ନି.ପ୍ର): ଘଡି ଉଦ୍ୟୋଗ ସହିତ ସଂଶ୍ଲିଷ୍ଟ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନ ତଥା ଉଦ୍ୟୋଗୀମାନଙ୍କର ହିତକୁ ଆଖି ଆଗରେ ରଖି 'ଅଲ ଓଡିଶା ୱାଚ୍ ଟ୍ରେଡ୍ ଫେଡେରେସନ' ଗଠନ ହୋଇଛି। ଏହାର ପ୍ରଥମ ଅନୁଷ୍ଠାନିକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଭାବରେ ଭଦ୍ରକର ବିଶିଷ୍ଟ ଘଣ୍ଟା ବ୍ୟବସାୟୀ ତଥା ରାଜନେତା ସତ୍ୟବ୍ରତ ମହାନ୍ତିଙ୍କୁ ନିର୍ବାଚିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ପାତ୍ର ଉପ-ସଭାପତି, ସେକ୍ ଓସିମୁଲା ସଂପାଦକ, ସୁମନ ସାହୁ ସହ ସଂପାଦକ, ଦିନେଶ ଟୋଙ୍କ ସହ ସଂପାଦକ, ବାଲ୍ମିକୀ ମୁନୀ କୋଷାଧକ୍ଷ ସହିତ ୧୨ ଜଣ ସଦସ୍ୟ ଏକ୍‌ଜିକ୍ୟୁଟିଭ କମିଟିକୁ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନ ମାନଙ୍କରେ ଘଣ୍ଟା ବ୍ୟବସାୟକୁ ନେଇ ସରକାରଙ୍କର ବିଭିନ୍ନ ନୀତି ନିର୍ଦ୍ଧାରଣରେ ସରକାରଙ୍କ ସହ ଏହି ସଂଗଠନ କଥା ହେବାନେଇ ନିଷ୍ପତି ହୋଇଛି । ଅନଲାଇନ ବ୍ୟବସାୟ ମାଧ୍ୟମରେ କିଛି ଅସାଧୁ ଲୋକ ଠକାମି କରୁଥିବାର ନଜରକୁ ଆସିଛି। ଏହାକୁ ସଂଗଠନ ବିରୋଧ କରିବା ସହ ଏହାକୁ ବିଭିନ୍ନ ସରକାରୀ ଅନୁଷ୍ଠାନମାନଙ୍କ ସାହାଯ୍ୟ ନେଇ ରୋକିବାର ପନ୍ଥା ନିର୍ଦ୍ଧାରଣ କରିବା ପାଇଁ ନିଷ୍ପତି ହୋଇଛି। ଏହା ସହିତ ସାଧାରଣ ଜନତା ସଚେତନ ହେବା ସହ ଠକାମିରୁ ରକ୍ଷା ପାଇବା ଦିଗରେ ସଂଘ ଚେଷ୍ଟା ଜାରି ରଖିବା ନିଷ୍ପତି ହୋଇଛି। ଆଗାମୀ ଦିନ ମାନଙ୍କରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଯୋଡି ହୋଇ ବିଭିନ୍ନ ଉନ୍ନୟନମୂଳକ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ମଧ୍ୟ ନିଷ୍ପତି ହୋଇଛି। ଏହି କାର୍ଯ୍ୟକ୍ରମରେ ଅନ୍‌ଲାଇନ ମାଧ୍ୟମରେ ଅଲ ଇଣ୍ଡିଆ ୱାଚ ଟ୍ରେଡ ଫେଡେରେସନ ସଭାପତି ବିନୋଦ ଅଗରୱାଲ, ଏଡିଟର ଇନ୍ ଚିଫ୍, ଟ୍ରେଡ୍‌ପୋଷ୍ଟ, ଇଣ୍ଟର ନ୍ୟାସନାଲ ୱାଚ ଏଣ୍ଡ କ୍ଲକ ମାଗାଜିନ ମିହିର ଖାରୋଦ୍ ଯୋଗ ଦେଇ ତାଙ୍କର ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସର୍ବଶେଷରେ ରାଜ୍ୟସଭାପତି ଶ୍ରୀ ସତ୍ୟବ୍ରତ ମହାନ୍ତି ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେବା ସହ ସମସ୍ତେ ତାଙ୍କ ଉପରେ ଯେପରି ଆସ୍ଥା, ବିଶ୍ୱାସ ସ୍ଥାପନ କରିଛନ୍ତି ତାହାକୁ ସେ ସୂଚାରୁ ରୂପେ ସଂପାଦନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ଓଡିଶାର ପ୍ରାୟତଃ ସମସ୍ତ ଜିଲ୍ଲାର ଘଣ୍ଟା ବ୍ୟବସାୟୀ ତଥା ଘଣ୍ଟା ଉଦ୍ୟୋଗ ସହ ଜଡିତ ବ୍ୟକ୍ତିମାନେ ଯୋଗଦେଇଥିଲେ।

# ବିଜୁ ପକ୍କାଘରର ବକେୟା ରାଶି କେବେ ମିଳିବ ?

ନୂଆପଡା,୨୩/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଲିଟିସର୍ଗି ଗ୍ରାମ ପଂଚାୟତର ଅଁଲାଭଟା ଗ୍ରାମର କନ୍ଦର୍ପ ତାଣ୍ଡି ।୨୦୧୫ ମସିହାରେ ପଂଚାୟତ ସମିତି ବୋଡ଼େନର ଚିଠନଂ ୨୧୩/୫/୬/୨୦୧୫ ଅନୁସାରେ ତାଙ୍କୁ ବିଜୁ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟଦେଶ ମିଳିଥିଲା। କାର୍ଯ୍ୟ ଆରମ୍ଭ ପାଇଁ ପ୍ରଥମ କିସ୍ତିରେ ୨୦ହଜାର ଟଙ୍କା ମଧ୍ୟ ପାଇଲେ ସେ ।ଅତି ଶୀଘ୍ର ଘର ନିର୍ମାଣ ପାଇଁ ୦୨/୧୨/୨୦୧୬ରେ ତାଙ୍କୁ ନୋଟିସ ଆସିବା ସହ ନିୟମ ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଧମକ ମଧ୍ୟ ଦିଆଗଲା। ପରେ ପରେ ସେ ଘର ନିର୍ମାଣ ସାରିଦେଲେ। ସରକାରୀ ବାବୁ ମାନେ ତାଙ୍କ ଘର କାନ୍ଥରେ ବିଜୁ ପକ୍କାଘରର ବୋର୍ଡ ମଧ୍ୟ ଲଗାଇଦେଲେ କିନ୍ତୁ ବକେୟା କିସ୍ତି ମିଳିଲା ନାହିଁ। ଏନେଇ ସେ ପ୍ରଶାସନର ଅନେକ ଥର ଦ୍ୱାରସ୍ଥ ହେଲେ ,ଗୋଚର ଜମିରେ ଘର କରିଥିବାରୁ ଆଉ ଟଙ୍କା ପାଇବନି ବୋଲି ତାଙ୍କୁ ରୋକଠୋକ ଶୁଣାଇ ଦିଆଗଲା। ଲିଟିସର୍ଗି କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ସମାନ ମନ୍ତବ୍ୟ ଦେଇ ଦାୟିତ୍ୱ ସାରି ଦେଉଛନ୍ତି। ହିତାଧିକାରୀ ଗୋଚର ଜମିରେ ଘର କରିଥିବା କଥା ସ୍ୱୀକାର କରିବା ସହ ସେ ଏକା ନୁହନ୍ତି, ଆହୁରି ଅନେକ ଲୋକ ତାଙ୍କ ଘର ପାଖରେ ବିଜୁ ପକ୍କାଘର ତିଆରି କରିଛନ୍ତି କିନ୍ତୁ ସେମାନଙ୍କୁ ସମ୍ପୂର୍ଣ୍ଣ କିସ୍ତି ମିଳିଥିବା ବେଳେ ତାଙ୍କୁ ମିଳି ନ ଥିବା ଅଭିଯୋଗ କରି ଏଥିରେ ରାଜନୈତିକ ଅଭିସନ୍ଧି ଥିବା ପ୍ରକାଶ କରିଛନ୍ତି। ବଡ଼ବଡ଼ିଆଙ୍କ ସାତଖୁଣ ମାଫ କରୁଥିବା ପ୍ରଶାସନ ଜଣେ ନିରୀହ ଲୋକଙ୍କୁ ହଇରାଣ କରିବା କେତେଦୂର ନ୍ୟାୟସଙ୍ଗତ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

# କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ତରଫରୁ ଦୁର୍ଘଟଣା ନିୟନ୍ତ୍ରଣ ବୈଠକ

କେନ୍ଦ୍ରାପଡ଼ା,୨୩/୯ (ନି.ପ୍ର): କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲ୍ଲାରେ ହେଉଥିବା ସଡକ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ଓ ଅନଲାଇନ ମାଧ୍ୟମରେ ସୂଚନା ଦେବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ହେଉଥିବା ଦୁର୍ଘଟଣା ଗୁଡିକୁ ନିୟନ୍ତ୍ରଣ ଲାଗି ସମସ୍ତ ଥାନା ଅଧିକାରୀ ଓ ଏସଆଇ ଓ ଏଏସଆଇମାନଙ୍କୁ ଏ ସଂପର୍କରେ ସୂଚନା ଦିଆଯାଇଛି। ଦୁର୍ଘଟଣା ଜନିତ ମୋବାଇଲ ଆପ୍(ଆଇ ଆରଏଡି) ମାଧ୍ୟମରେ ଦୁର୍ଘଟଣା ସ୍ଥଳରେ ଆହତ ହୋଇଥିବା ବ୍ୟକ୍ତି କିମ୍ବା ମୃତ୍ୟୁବରଣ କରିଥିବା ବ୍ୟକ୍ତିର ସୂଚନା, ଗାଡିର ବିବରଣୀ, ଆଂଚଳିକ ପରିବହନ କେନ୍ଦ୍ରକୁ ସୂଚନା, ଜିଲକ୍ଲା ସ୍ୱସ୍ଥ୍ୟ ବିଭାଗକୁସୂଚନା ସହିତ ଗାଡି ଚାଳକ ନୀଶାଶକ୍ତ ଅବସ୍ଥାରେ ଦୁର୍ଘଟଣା ଘଟାଇଛି କି ନାହିଁ ସେ ସଂପର୍କରେ ଫଟୋ ଓ ଭିଡିଓ ଆଦିକୁ ଆପ୍ ମାଧ୍ୟମରେ ପଠାଇବା ପାଇଁ ତାଲିମ ଦିଆଯାଇଛି । ଏହି ପ୍ରଶିକ୍ଷଣ ଶିବିରକୁ ଜିଲ୍ଲାରେ ରୋଲ ଆଉଟ ମ୍ୟାନେଜର ସ୍ୱରୂପ କିଶାନ ନାୟକ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅଧିକାରୀ ଦେବବ୍ରତ ଦଲାର ପ୍ରମୁଖ ପରିଚାଳନା କରିଥିଲେ।

# କନ୍ଧ ସମାଜର ନୂତନ କର୍ମକର୍ତ୍ତା ମନୋନୟନ

ନୂଆପଡ଼ା,୨୩/୯ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଜାମଗାଁ ମହିମା ବଜାର ପଡିଆରେ ଆଦିବାସୀ କନ୍ଧ ସମାଜ କର୍ମକର୍ତ୍ତା ମାନଙ୍କୁ ନେଇ ଏକ ନୂତନ କର୍ମକର୍ତ୍ତା ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସର୍ବ ପ୍ରଥମେ ପୂର୍ବତନ ଜିଲ୍ଲା ସଭାପତି ସ୍ୱର୍ଗତ ତ୍ରିଲୋଚନ ଭୋଇଙ୍କର ଆତ୍ମର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାଥନା କରାଗଲା କ୍ଷ ଏହାପରେ ଜିଲ୍ଲା କନ୍ଧ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଗଲା କ୍ଷ ବୈଠକରେ ସଭାପତି ଭାବେ ଧନିରାମ ଭୋଇ, ଉପସଭାପତି ଭାବରେ କ୍ଷୀରଧର ଭୋଇ , ସମ୍ପାଦକ ଭାବେ ଭୁବନେଶ୍ୱର ଭୋଇ , ସହ ସମ୍ପାଦକ ଭାବେ ମଙ୍ଗଳ ସିଂ ଭୋଇ, କୋଷାଧକ୍ଷ ଭାବେ ସୁଦର୍ଶନ ଭୋଇଙ୍କୁ ମନୋନୀତ କରାଯାଇଥିଲା । ଏହି ସଭା ମୁଖ୍ୟ ଅତିଥି ଭାବରେ କେନ୍ଦ୍ରୀୟ କମିଟି ସଭାପତି ଚିନ୍ତାମଣି ଭୋଇ, ମୁଖ୍ୟବକ୍ତା ଭାବରେ ପ୍ରକାଶ ମାଝୀ, ଦୁର୍ଜନ ମାଝୀ କେନ୍ଦ୍ରୀୟ କମିଟି ସହ ସମ୍ପାଦକ, ଲିଙ୍ଗରାଜ ଭୋଇ ଜିଲ୍ଲା କାନ୍ଧ ସମାଜ ସମ୍ପାଦକ କଳାହାଣ୍ଡି, ଅଜିତ ଭୋଇ ଶିକ୍ଷକ, କନ୍ଧ ସମାଜର ଗବେଷଣା, ଅନୁସନ୍ଧାନ କାରୀ,ଚିତ୍ର ମାଝୀ ସମ୍ପାଦକ ରାମପୁର ବ୍ଲକ,ନିରଞ୍ଜନ ଭୋଇ ନୂଆପଡା ପୂର୍ବତନ ସଭାପତି, ମଙ୍ଗଳ ସିଂ ଭୋଇ ଶିକ୍ଷକ ସାଲେକେଲା, ଯଦୁମଣି ଭୋଇ ଶିକ୍ଷକ ଜାମଗାଁ, ସୁଦର୍ଶନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଲବାଣିରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଦୁର୍ନୀତି

## ଭିଜିଲାନ୍ସ ବିଭାଗରେ ଅଭିଯୋଗ କଲା ମିଳିତ ନାଗରିକ କମିଟି

କନ୍ଧମାଳ,୨୩/୯ (ନି.ପ୍ର): ଫୁଲବାଣୀ ସହର ବଜାର ମଝିରେ ପିଅନପଡା ନିକଟରେ ରହିଥିବା ସହରର ପୁରାତନ ପୋଖରୀକୁ ପୁନରୁଦ୍ଧାର କରାଯାଇ ସେଠାରେ ଲୋକଙ୍କ ମନୋରଞ୍ଜନ ପାଇଁ ଉଦ୍ୟାନ ଏବଂ ବୋଟିଙ୍ଗ୍ ବ୍ୟବସ୍ଥା କରିବାକୁ ଫୁଲବାଣୀ ପୌରାଂଚଳର ପକ୍ଷରୁ ପଦକ୍ଷେପ ନିଆଯାଇ ପୂର୍ତ୍ତ ବିଭାଗ ସହ ମିଳିତ ଭାବରେ ପୋଖରୀର ଗାର୍ଡ ୱାଲ ନିର୍ମାଣ କରାଯିବା ସହିତ ଚାରିପଟରେ ପଥର ପେଚିଙ୍ଗ ଦିଆଯାଇଥିଲା । କାମ ଆଗକୁ ଚାଲିଥିବା ବେଳେ ସେଠାରେ ନିର୍ମାଣ ହୋଇଥିବା ପଥର ପେଚିଙ୍ଗ୍ ଗତ ଅଳ୍ପ ଦିନ ତଳେ ହୋଇଥିବା ଦୁଇ ଦିନିଆ ବର୍ଷାରେ ଭାଙ୍ଗି ଯାଇ ତଳକୁ ଧସି ଯାଇଛି । ଏହି କାର୍ଯ୍ୟରେ ପୌରାଂଚଳର ସମେତ ପୂର୍ତ୍ତ ବିଭାଗର କାର୍ଯ୍ୟରେ ତାଳମେଳ ରହୁନଥିବା ନେଇ ଚର୍ଚ୍ଚା ହେଉଛି । ପୋଖରୀର ପାଣିକୁ ବାହାର କରାଯିବା ସହିତ ପୋଖରୀର ତଳେ ରହିଥିବା ଦିର୍ଘ ବର୍ଷର ପଙ୍କକୁ ବାହାର କରା ନ ଯାଇ ପୋଖରୀ ଚାରିପଟରେ ପଥର ପେଚିଙ୍ଗ କରାଯିବାରୁ ବର୍ଷାରେ ପୋଖରୀ ନିକଟରେ ରହିଥିବା ଘର ଗୁଡିକର ପାଣି ଆସି ସେହି ପଥର ପେଚିଙ୍ଗକୁ ଭାଙ୍ଗି ଦେଇଥିବା ନେଇ ଅଭିଜ୍ଞ ବ୍ୟକ୍ତି ମାନେ ମତ ଦେଇଛନ୍ତି । ତେବେ ପୌର ପରିଷଦ କୁଆଡେ କେବଳ ପଥର ପେଚିଙ୍ଗ ପାଇଁ ପୂର୍ତ୍ତ ବିଭାଗକୁ ଟଙ୍କା ଦେଇଥିବା ବେଳେ ସେଥିରୁ ପଙ୍କ ଉଦ୍ଧାର ପାଇଁ କୌଣସି ବ୍ୟୟ ଅଟକଳ ରଖି ନଥିବା ଏବଂ ନିଜେ ପୌର ପରିଷଦ ମଧ୍ୟ ସେହି ପଙ୍କକୁ ସେଠାରୁ ବାହାର ନ କରିବା ଯୋଗୁଁ ଏହିଭଳି ହୋଇଥିବା ଜଣାପଡିଛି । ସେଥିପାଇଁ ଏହା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ହିଁ ଭାଙ୍ଗି ଯାଇଥିବା ଫଳରେ ସେଠାରେ ବିନିଯୋଗ ହୋଇଥିବା ଲକ୍ଷଲକ୍ଷ ଟଙ୍କା ନଷ୍ଟ ହୋଇଥିବା ନେଇ ଫୁଲବାଣୀରେ ବିଭିନ୍ନ ମହଲରେ ଅଲୋଚନା ହେଉଛି । ଏହି ସଂକ୍ରାନ୍ତରେ ବିଭିନ୍ନ ସାମାଜିକ ଗଣ ମାଧ୍ୟମ ଓ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଏହି ସଂକ୍ରାନ୍ତରେ କିଛି ଖଳ ପ୍ରକୃତିର ଲୋକ ପ୍ରସାରିତ ଖବର ଉପରେ ତୀକ୍ତ ଟୀପ୍ପଣି ଦେବା ପରେ ଘଟଣାକୁ ଫୁଲବାଣୀର ବୁଦ୍ଧିଜୀବି ମହଲରେ ଏହାକୁ ନିନ୍ଦା କରାଯାଇଛି। ବୁଧବାର ଫୁଲବାଣୀ ମିଳିତ ନାଗରିକ ମଂଚ ପକ୍ଷରୁ ସଭାପତି ଡ.ଅରୁପ କୁମାର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନିତି ହୋଇଥିବା ଅଭିଯୋଗରେ ଏକ ଦାବୀ ପତ୍ର ଫୁଲବାଣୀ ଦୁର୍ନିତୀ ବିଭାଗର ଡିଏସପିଙ୍କୁ ଭେଟି ଏହି ଘଟଣାର ତଦନ୍ତ କରିବାକୁ ଏକ ଦାବୀ ପତ୍ର ପ୍ରଦାନ କରିଛି । ଏହି ଦାବୀ ପତ୍ର ପ୍ରଦାନ ବେଳେ ମିଳିତ ନାଗରିକ ମଂଚର ଆବାହକ ଅଶୋକ ପରିଡା,ସଦସ୍ୟ ତଥା ଫୁଲବାଣୀ ବିଜ୍ଞାପିତ ଅଂଚଳର ପୂର୍ବତନ ଚେୟାରମେନ ନେତା କମଳାକାନ୍ତ ପାଣ୍ଡେ ପ୍ରମୁଖ ଅଭିଯୋଗ କରିଛନ୍ତି । ଏହି ଦାବୀ ପତ୍ରରେ କାର୍ଯ୍ୟର ତଦାରଖ ଦାୟୀତ୍ୱରେ ଥିବା ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରାଯାଇଛି। ଏହି ଅବସରରେ ତାଙ୍କ ସହିତ ଶିବ ସାହାଣି, ଭିକାରୀ ପାଣିଗ୍ରାହୀ, ଦେବାନାରାୟଣ ପ୍ରଧାନ, ପ୍ରଣବ ମଣ୍ଡଳ, ସଞ୍ଜିତ ମଣ୍ଡଳ, ନାରାୟଣ ସାହୁ, ବ୍ରଜ ପଟ୍ଟନାୟକ, ରାଜୁ ପାଢୀ, ପ୍ରଭାକର ପାଳ, ନବକିଶୋର ରଥ, ମନୋଜ ଚୌଧୁରୀ, ଉମେଶ ପ୍ରସାଦ ପାତ୍ର ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ସ୍ୱଚ୍ଛତା ଅଭିଯାନ କ୍ୟାମ୍ପ ଅନୁଷ୍ଠିତ

ମାଲକାନଗିରି,୨୩/୯ (ନି.ପ୍ର): ମାଲକାନଗିରି ଜିଲ୍ଲାର ସିମାନ୍ତ ପଡିଆ ବ୍ଲକ ଅନ୍ତର୍ଗତ ଭାଲମପାଲ୍ଲୀ ଗ୍ରାମରେ ମେଗା ସ୍ୱଚ୍ଛତା ଅଭିଯାନ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୋଟୁ ତହସିଲଦାର ଶସାଂଙ୍କ ମିଶ୍ର, ଜିଲ୍ଲା ରେଡ଼କ୍ରସ ସୋସାଇଟିର ଆବାହକ ଡ. ରଞ୍ଜନ କୁମାର ସ୍ୱାଇଁ, ସମାଜସେବୀ ଭାସ୍କର ବେହେରା, ଅଧ୍ୟାପକ ଡ ଆସିସ ରାଠୋର, ଅଧ୍ୟାପକ ଅମୂଲ୍ୟ ରତ୍ନ, ଅଙ୍ଗନବାଡି କର୍ମୀ ସରୋଜିନୀ ବାତିନ, ଓଟିଇଏଲପି ପ୍ରକଳ୍ପର ସାମାଜିକ ଜୀବିକା ବିଶେଷଜ୍ଞ କାଂଚନ ଦାସ, ଏସ ଏଲଏନଡିଏସର କ୍ଷେତ୍ର ସଂଯୋଜକ ଲିଜା ରାଉତ, ସ୍ୱେଚ୍ଛାସେବୀ ଲିଗାଂ ମାଡ଼କାମୀ ପ୍ରମୁଖ ବହୁ ଗ୍ରମବାସୀ ମହିଳା ଓ ପୁରୁଷ ମାନେ ଯୋଗଦେଇ ସ୍ୱଚ୍ଛତା ଅଭିଯାନ ଓ କୋଭିଡ ପରିଚାଳନା ଉପରେ ଆଲୋଚନା କରିଥିଲେ ।ଏହି ସଭାରେ ୧୦୦ ହିତାଧିକାରୀଙ୍କୁ ରେଡକ୍ରସ ପକ୍ଷରୁ ହାଇଜିନ କିଟ୍ ବଣ୍ଟନ କରାଯିବା ସହ ୩୦୦ ଲୋକଙ୍କୁ ସାବୁନ ମାସ୍କ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଂଚାୟତ କର୍ମଚାରୀ, ଶହିଦ ଲକ୍ଷଣ ନାୟକ ଉନ୍ନୟନ ସମିତି କର୍ମଚାରୀ ମାନେ ସହଯୋଗ କରିଥିଲେ । ଜିଲ୍ଲାର ସିମାନ୍ତ ପଡିଆ ବ୍ଲକ ଅନ୍ତର୍ଗତ ଭାଲମପାଲ୍ଲୀ ଗ୍ରାମରେ ମେଗା ସ୍ୱଚ୍ଛତା ଅଭିଯାନ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । ଏ ଥିରେ ମୋଟୁ ତହସିଲଦାର ଶସାଂଙ୍କ ମିଶ୍ର, ଜିଲ୍ଲା ରେଡ଼କ୍ରସ ସୋସାଇଟିର ଆବାହକ ଡ. ରଞ୍ଜନ କୁମାର ସ୍ୱାଇଁ, ସମାଜସେବୀ ଭାସ୍କର ବେହେରା, ଅଧ୍ୟାପକ ଡ ଆସିସ ରାଠୋର, ଅଧ୍ୟାପକ ଅମୂଲ୍ୟ ରତ୍ନ, ଅଙ୍ଗନବାଡି କର୍ମୀ ସରୋଜିନୀ ବାତିନ, ଓଟିଇଏଲପି ପ୍ରକଳ୍ପର ସାମାଜିକ ଜୀବିକା ବିଶେଷଜ୍ଞ କାଂଚନ ଦାସ, ଏସ ଏଲଏନଡିଏସର କ୍ଷେତ୍ର ସଂଯୋଜକ ଲିଜା ରାଉତ, ସ୍ୱେଚ୍ଛାସେବୀ ଲିଗାଂ ମାଡ଼କାମୀ ପ୍ରମୁଖ ବହୁ ଗ୍ରମବାସୀ ମହିଳା ଓ ପୁରୁଷ ମାନେ ଯୋଗଦେଇ ସ୍ୱଚ୍ଛତା ଅଭିଯାନ ଓ କୋଭିଡ ପରିଚାଳନା ଉପରେ ଆଲୋଚନା କରିଥିଲେ। ଏହି ସଭାରେ ୧୦୦ ହିତାଧିକାରୀଙ୍କୁ ରେଡକ୍ରସ ପକ୍ଷରୁ ହାଇଜିନ କିଟ୍ ବଣ୍ଟନ କରାଯିବା ସହ ୩୦୦ ଲୋକଙ୍କୁ ସାବୁନ ମାସ୍କ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଂଚାୟତ କର୍ମଚାରୀ, ଶହିଦ ଲକ୍ଷଣ ନାୟକ ଉନ୍ନୟନ ସମିତି କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ

କନ୍ଧମାଳ,୨୩/୯ (ନି.ପ୍ର): ଚଳିତ ବର୍ଷ କନ୍ଧମାଳ ଜିଲ୍ଲାରେ ୫୦ ପ୍ରତିଶତ କମ୍ ବର୍ଷା ହୋଇଛି ଆଧିକାଂଶ ଡିପ ଜମି ହୋଇଥିବାରୁ ଠିକଭାବରେ ଚାଷ ହୋଇପାରିନାହିଁ। କନ୍ଧମାଳ ଜିଲ୍ଲାରେ ୧୪ ପ୍ରତିଶତ ଜଳ ସେଚନ ଅଛି ବୋଲି ଜିଲ୍ଲାପ୍ରଶାସନ କହିଥିବା ବେଳେ ସେଇଗୁଡିକ ରେ ପାଣି ନଥିବାରୁ ଜମି ଗୁଡିକରେ ପାଣି ମାଡ଼ିବା ସମ୍ଭବ ହୋଇ ପାରୁନି। କେନାଲ ରେ ପାଣି ଆସୁନାହିଁ ପ୍ରକଳ୍ପ ଗୁଡିକ ନିମ୍ନମାନର କାମ ହୋଇଥିବା ଯୋଗୁ ଅଧିକାଂଶ ଚାଷ କାମରେ ଲାଗୁନାହିଁ। ତେଣୁ ଚଳିତ ବର୍ଷ ଅଧାରୁ ଅଧିକ ଜମି ପଡିଆ ପଡ଼ିଛି। ସରକାର୍ ଅନ୍ୟ ଜିଲ୍ଲାକୁ ମରୁଡ଼ି ଘୋଷାଣ କରିଛନ୍ତି ଅଥଚ ଜିଲ୍ଲାରେ ୫୦%ରୁ କମ୍ ବର୍ଷା ଓ ୮୦%ରୁ ଅଧିକ ବିପିଏଲ ଥିଲେ ସୁଦ୍ଧା କନ୍ଧମାଳ ଜିଲ୍ଲାକୁ ଆଜି ପର୍ଯ୍ୟନ୍ତ ମରୁଡ଼ି ଘୋଷଣା କରିନାହାନ୍ତି। ତେଣୁ ନବନିର୍ମାଣ କୃଷକ ସଂଗଠନ ରୁ ୧୦ ଦଫା ଦାବି ମଧ୍ୟରୁ କନ୍ଧମାଳ ଜିଲ୍ଲାକୁ ମରୁଡ଼ି ଘୋଷଣା କରାଯାଉ, ହଳଦୀ ଚାଷ କରୁଥିବା ଚାଷୀ ଉପଯୁକ୍ତ ମୂଲ୍ୟ ପାଇ ପାରୁନାହାନ୍ତି ତେଣୁ ହଳଦୀ ଦର ୧୦୦କେଜି ପିଛା ୧୫ ହଜାର କରାଯାଉ ଏବଂ ତାସହ ଜଳକର ଓ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯାଉ। ଆଜି ୧୦୦ ରୁ ଉର୍ଦ୍ଧ ମହିଳା କୃଷକ ମାଦିକୁନ୍ଦା ଛକ ଠାରୁ ଏକ ବିଶାଳ ରାଲି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରି ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

# ବିକାଶମୂଳକ କାର୍ଯ୍ୟ ଲୋକାର୍ପଣ କଲେ ବିଧାୟକ

ଜୟପୁର ,୨୩/୯ (ନି.ପ୍ର): ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଙ୍କ କରକମଳରେ ବିଭିନ୍ନ ବିକାଶ ମୁଳକ ପ୍ରକଳ୍ପ ଲୋକାର୍ପଣ ହୋଇଛି । ଜୟପୁର ବ୍ଲକର ଜୟନ୍ତୀଗିରି ପଂଚାୟତର ଚାରଗାଁ, ବାଲିଗୁଡାରେ ଅଙ୍ଗନବାଡି କେନ୍ଦ୍ର, କେବିଡି ଗ୍ରାମପଂଚାୟତର କୁସୁମ ଭଟ୍ଟା ପ୍ରାଥମିକ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ କକ୍ଷ, ବାନା ଭାଟିରେ ଗୋଷ୍ଠି କେନ୍ଦ୍ର ଓ ଅଙ୍ଗନବାଡି କେନ୍ଦ୍ର, କେବଡି ରେ ସାଂସ୍କୃତିକ ଗୃହ ଏବଂ ମିଶନ ଶକ୍ତି ଗୃହର ଉଦଘାଟନ କରାଯାଇ ଲୋକାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜୟପୁର ବିଡିଓ ସୁରଜ କୁମାର ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ଜୟପୁର ବ୍ଲକ ଅଧକ୍ଷା ସୁକାନ୍ତି ବାଗଦେରିଆ, ଉପାଧକ୍ଷ ଇଶ୍ୱର ଚନ୍ଦ୍ର ବାଘ, ଜିଲା ପରିଷଦ ସଭ୍ୟ ବଲ୍ଲଭ ନାୟକ, ଗୁପ୍ତ ପ୍ରସାଦ ଗୌଡ, ରଜେନ୍ଦ୍ର ସାହୁ, ଉମା ଜାନପ୍ରମୁଖ ଉପସ୍ଥିତ ଥିଲେ ।

# ପଥରପଦା ବିଜେଡି ସାଙ୍ଗଠନିକ ବୈଠକ

କୋରାଇ,୨୩/୯ (ନି.ପ୍ର): କୋରାଇ ବ୍ଲକ ଅର୍ନ୍ତଗତ ପଥରପଦା ପଂଚାୟତ ବିଜୁ ଜନତା ଦଳ ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି । ପଂଚାୟତ ସଭାପତି ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପର୍ଯ୍ୟବେକ୍ଷକ ଭାବେ କୋରାଇ ବିଜୁ ଯୁବ ବିଜେଡି ସଭାପତି ଧନେଶ୍ୱର ବାରିକ, ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୀକାରୀ ବରାଳ ପ୍ରମୁଖ ଯୋଗ ଦେଇଥିଲେ । ଶତାଧିକ କମୀଙ୍କୁ ନେଇ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା । ସରପଂଚ ପ୍ରକାଶ ମଲ୍ଲିକ, ଯୁବନେତା ସତିସ ଧଳ ପ୍ରମୁଖ ପଂଚାୟତର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ବିଜୁ ଜନତା ଦଳର ସମସ୍ତ ଯୋଜନା ଲୋକମାନଙ୍କ ନିକଟରେ ସଠିକ ଭାବେ ପହଂଚି ପାରୁନି । ଜନସାଧାରଣଙ୍କ ହିତରେ ଥିବା ବିଜେଡି ଯୋଜନା ଗୁଡିକୁ ସର୍ବସାଧାରଣରେ ପହଂଚାଇବାକୁ ଚେଷ୍ଟା କରିବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଶତାଧିକ କର୍ମିଙ୍କ ନେଇ ଶୃଙ୍ଖଳାରା ସହିତ ବୈଠକ ସମାପନ କରାଯାଇଥିଲା । ୨୮ ପଂଚାୟତ ମଧ୍ୟରୁ କୋରାଇର ପଥରପଦା ପଂଚାୟତ ଏକ ବ୍ୟତିକ୍ରମ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ବିଜୁ ଜନତା ଦଳର ଗଡ ଭାବେ ପରିଚିତ ପଂଚାୟତ ବିଭିନ୍ନ ଉନନ୍ନୟନ ମୂଳକ କାର୍ଯ୍ୟ ପ୍ରତି ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଥିଲା ।

# ସିନାପାଲି ବ୍ଲକ ଯାଦବ ସମାଜର ନୂତନ କର୍ମକର୍ତ୍ତା ଚୟନ

ନୂଆପଡ଼ା,୨୩/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ବୋଟୋପାଲି ସ୍ଥିତ ବନ୍ୟା ଆଶ୍ରୟ ସ୍ଥଳୀ ପରିସରରେ ସିନାପାଲି ବ୍ଲକ ଯାଦବ ସମାଜ ର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି ।ଏହି ଅବସରରେ ଆୟୋଜିତ ସଭା କାର୍ଯ୍ୟ ରେ ନିତ୍ୟାନନ୍ଦ କଟା ସଭାପତିତ୍ୱ କରିଥିବା ବେଳ ଅଧ୍ୟାପକ ଜ୍ୟୋତିର୍ଣ ବନ୍ଦୀଛୋର ମଂଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ହରେରାମ କଠାର,ଉତ୍କଳ ଯାଦବ ମହାସଭା ମହାସଚିବ ଲୟୋଦର ନିଆଲ, ଜିଲ୍ଲା ସାଂସ୍କୃତିକ ସମ୍ପାଦକ ସତ୍ୟବ୍ରତ ଗହୀର, ନାରୀ ନେତ୍ରୀ ସେଫାଳି ସଲମା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଚଂଚଳ ଶଗରିଆ, ପର୍ଯ୍ୟବେକ୍ଷକ ସନ୍ତୋଷ ନିଆଲ, ବିଷ୍ଣୁପତି ବାଗ,ଗୌତମ ନିଆଲ, ଯୋଗେନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟାରେ ସାମାଜିକ କର୍ମକର୍ତ୍ତା ଉପସ୍ଥିତ ଥିବା ବେଳ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବରିଷ୍ଠ ସମାଜସେବୀ ଲିଙ୍ଗରାଜ ଘିଭେଲାଙ୍କୁ ସର୍ବସମ୍ମତି କ୍ରମେ ବ୍ଲକ ସଭାପତି ଭାବରେ ଚୟନ କରାଯାଇ ଥିଲା । ସେହିପରି ଉପସଭାପତି ଭାବରେ ତୁଳସିରାମ ବାଗ, ରିଖୀରାମ ବାଗ, ପାରେଶ୍ୱର ହେର୍ଣା, ସମ୍ପାଦକ ଭାବେ ହେମନ୍ତ କଟା ଓ କୋଷାଧକ୍ଷ ଭାବରେ ଜଗଦୀଶ ବାଗଙ୍କୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବରଗାଁ ସରପଂଚ ଭୁବନ ବଗର୍ତି, ଅକାଳ ହଂସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାମଗଡ ରାସ୍ତା ନିର୍ମାଣ ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର ,୨୩/୯ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲି ପଂଚାୟତର ରାମଗଡ ଗ୍ରାମବାସୀ ରାସ୍ତା ନିର୍ମାଣ ଦାବିରେ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଜୟପୁର ଉପ ଜିଲାପାଳ ହେମକାନ୍ତଙ୍କ ଉଦ୍ଦେଷ୍ୟରେ ଆସିଷ୍ଟାଣ୍ଟ କଲେକ୍ଟର ରାଜନ୍ଦ୍ର ଖରାଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ରାମଗଡକୁ ମୋଟେ ରାସ୍ତା ନାହିଁ । ରାମଗଡ ଠାରୁ ରଣ୍ଡାପାଲ୍ଲି ୯ କିମି ଦୁରରେ ଥିବା ବେଳେ ବୈରାଗିମଠ ଠାରୁ ରାମଗଡ ପ୍ରାୟ ୬ କିମି ମୋଟେ ରାସ୍ତା ନାହିଁ । ଫଳରେ ଗ୍ରାମବାସୀ ମାନେ ୧ ହଜାର ଲୋକ ରାସ୍ତା ନଥିବା ଯୋଗୁଁ ଯିବା ଆସିବା କରିବା ପାଇଁ ବହୁତ ଅସୁବିଧା ହେଉଛି । ସ୍ୱାସ୍ଥ୍ୟ ଗାଡି ଚିକିତ୍ସା ପାଇଁ ସ୍କୁଲ ପିଲା ମାନେ, ଗ୍ରାମର ଗର୍ଭବତି ମହିଳା, ଅସୁସ୍ଥ ବ୍ୟକ୍ତି ମହିଳା ମାନେ ଯିବା ଆସିବା ନେଇ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଦୁର୍ଘଟଣା ମଧ୍ୟ ହେଉଛି । ଲୋକ ମାନେ କୌଣସି କାର୍ଯ୍ୟ କରିବାକୁ ବାହାର କୁ ଯିବା ସମୟରେ ବହୁତ ଅସୁବିଧାର ସମ୍ମୁଖିନ ହେଉଛି । ଗ୍ରାମ ନିକଟରେ ଜଙ୍ଗଲ ଥିବାରୁ ଯିବା ଆସିବା ନିମନ୍ତେ ବହୁତ କଷ୍ଟ ହେଉଛି । ୩ ରୁ ୪ ଥର ରାସ୍ତାର ସର୍ଭେ ହେଉଛି କିନ୍ତୁ କାର୍ଯ୍ୟକାରି ହେଉନାହିଁ । ରାସ୍ତାରେ କାଦୁଅ, ଖାଲ ଓ କଣ୍ଟା ଥିବାରୁ ରାତି ରେ ଗ୍ରାମବାସୀ ମାନେ ଯିବା ଆସିବାକୁ ଭୟ କରୁଛନ୍ତି । ତେଣୁ ପ୍ରଶାସନ ରାମଗଡ ଯାଏ ରାସ୍ତା ନିର୍ମାଣ କରିବାକୁ ଓାର୍ଡ ମେମ୍ବର ବଳି ପରଜା, ଗଙ୍ଗା ମୁଦୁଲି, ବିଶ୍ୱ ନାଥ ମୁଦୁଲି ପ୍ରମୁଖ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

# ଟ୍ୟାଙ୍କରରୁ ତେଲ ଚୋରି ଅଭିଯୋଗରେ ୨ ଗିରଫ

ଧର୍ମଶାଳା,୨୩/୯ (ନି.ପ୍ର): ଦିନକୁ ଦିନ ଜାତୀୟ ରାଜପଥରେ ଚୋରା ତେଲ କାରବାର ବୃଦ୍ଧି ପାଉଛି । ଜାତୀୟ ରାଜପଥରେ ଏକ ଟ୍ୟାଙ୍କରରୁ ଗାଡିର ଚାଳକ ଓ ଖଲାସି ଅଟକାଇ ସେଥିରୁ ତେଲ ଚୋରି କରୁଥିବା ବେଳେ ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଦୁଇ ଜଣଙ୍କୁ ଗିରଫ କରିବା ସହିତ ଉକ୍ତ ଟ୍ୟାଙ୍କରକୁ ଜବତ କରଛି । ଟ୍ୟାଙ୍କରକୁ ବଡଚଣା ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଛି । ତେବେ ଗତକାଲି ଓଡି୧୩ ଏଫ ୦୯୯୯ ତେଲ ବୋଝେଇ କରି ଏକ ଟ୍ୟାଙ୍କର ପାରାଦ୍ୱୀପରୁ ପୁରୀ ଯାଉଥିବା ବେଳେ ୫ନମ୍ବର(କ) ଜାତୀୟ ରାଜପଥ ଉପରେ ଟ୍ୟାଙ୍କରକୁ ଅଟକାଇ ସେଥିରୁ ତେଲ ବାହାର କରି ବିକ୍ରି କରୁଥିବା ବେଳେ ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଯାଉଥିବା ବେଳେ ହାବୁଡରେ ପଡିଯାଇଥିଲେ । ଏହା ଦେଖି ସେମାନେ ଉକ୍ତ ଟ୍ୟାଙ୍କରକୁ ଅଟକାଇ ଟ୍ୟାଙ୍କର ଚାଳକ ଓ ଖଲାସିକୁ ଧରିଥିଲେ ଏବଂ ଏହା କ'ଣ କରୁଛ ବୋଲି କହିବା ପରେ ସେମାନେ ତେଲ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ପରେ ଉକ୍ତ ତେଲ ଟ୍ୟାଙ୍କରକୁ ଜବତ କରିବା ସହିତ ଟ୍ୟାଙ୍କର ଚାଳକ ଏବଂ ଖଲାସିକୁ ବଡଚଣା ଥାନାରେ ହାଜର କରିଥିଲେ। ପରେ ବଡଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତ ଏନେଇ ୩୫୨/୨୧ରେ ଏକ ମାମଲା ରୁଜୁ କରି ଆଜି ଗାଡି ଚାଳକ ପୁରୀ ଜିଲା ଜାଁଳା ଗ୍ରାମର ଭାସ୍କର ଲେଙ୍କା(୫୨) ଏବଂ ଖଲାସି ଗଞ୍ଜାମ ଜିଲା ବେଲଗୁଣ୍ଠା ଗ୍ରାମର ଅଙ୍କୁର ଗଉଡ(୩୬)କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପିପିଲି ନିର୍ବାଚନ ଦାୟିତ୍ୱରେ ନାରୀନେତ୍ରୀ ଜ୍ୟୋତ୍ସ୍ନା ଜେନା

କେନ୍ଦ୍ରାପଡ଼ା,୨୩/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପରିଷଦ ଓ ଯୋଜନା କମିଟି ସଭ୍ୟା ଏବଂ ରାଜ୍ୟ ମହିଳା ବିଜେଡି ର ସାଧାରଣ ସଂପାଦିକା ଜ୍ୟୋତ୍ସ୍ନାରାଣୀ ଜେନା ପିପିଲି ଉପ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଥିବା ଜଣାପଡିଛି । ଚଳିତ ମାସ ୩୦ ତାରିଖରେ ପିପିଲି ଉପ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ ବୋଲି ସ୍ଥିର କରାଯାଇ ଥିବା ପରିପ୍ରେକ୍ଷୀରେ ପ୍ରଚାର କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ଶ୍ରୀମତୀ ଜେନା ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ପିପିଲ ବ୍ଲକର ମଙ୍ଗଳପୁର ପଂଚାୟତ ସମେତ ମର୍ଦ୍ଦନୀପୁର, ମନୋହର ପୁର ଗ୍ରାମଗୁଡିକର ମହିଳାମାନଙ୍କୁ ସଂଗଠିତ କରି ପ୍ରତି ୱାର୍ଡରେ ବୁଥ କମିଟି ସ୍ତରରେ ପ୍ରଚାର କାର୍ଯ୍ୟ ଚଳାଇଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟାନାୟକ ହାତମୁଠା ଟାଣ କରିବା ପାଇଁ ମହିଳା ଭୋଟର ମାନଙ୍କୁ ଆହ୍ୱାନ ଦେଇଥିବା ସୂଚନା ମିଳିଛି ।

# ସର୍ଦ୍ଦାର ବଲ୍ଲଭାଇ ପଟେଲ୍ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ




ଦିଲ୍ଲୀପ କୁମାର ସାହୁ


ହଜାର ବର୍ଷର ସହର କଟକ। ମହାନଦୀ ଓ କାଠଯୋଡ଼ିର ତ୍ରିକୋଣ ଭୂମିରେ ଅବସ୍ଥିତ ବାଉନ ବଜାର ତେପନ ଗଳିର ସହର କଟକ । ଭାଇଚାରା ଓ ସାମ୍ପ୍ରଦାୟିକ ସମ୍ପ୍ରୀତି ପାଇଁ ଖ୍ୟାତ ସହର କଟକ । ରାଜ୍ୟର ପୁରାତନ ରାଜଧାନୀ ଓ ଆଧୁନିକ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକର କଥା ଯେତେ କହୁଥିଲେ ବି ସରିବନି । ଯେମିତି




କହୁଥିଲେ ସରିବନି ସେହି ଐତିହ୍ୟ ଭୂମିରେ ଦଣ୍ଡାୟମାନ ସର୍ଦ୍ଦାର ବଲ୍ଲଭାଇ ପଟେଲ୍ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ ର କଥା । ଯାହାର ଅତୀତ ଗୌରବମୟ । ବର୍ତ୍ତମାନ ପ୍ରଭାବଶାଳୀ। ଆଉ ଭବିଷ୍ୟତ ସମ୍ଭାବନାମୟ ।

ମହାନଦୀର ଶାଖା, କାଠଯୋଡ଼ି କୂଳର ଅପୂର୍ବ ପରିବେଶ, ଯେଉଁଠି ଗଢି ଉଠିଛି ପୂର୍ବ ଭାରତର ଏହି ସର୍ବ ବୃହତ୍ତମ ଶିଶୁ ଚିକିତ୍ସାଳୟ, ସେହି ପ୍ରାସାଦ ଦିନେ ଥିଲା ରାଜ୍ୟ ପ୍ରଶାସନର ମୁଖ୍ୟାଳୟ । ୧୫୬୮ ମସିହାରୁ ସେଠାରେ ପ୍ରଥମେ ମୋଗଲ, ତାପରେ ମରହଟ୍ଟା ଓ ତାଙ୍କପରେ ବ୍ରିଟିଶ ପଦାଧିକାରୀ ମାନେ ରାଜ୍ୟ ଶାସନକୁ ପରିଚାଳନା କରୁଥିଲେ । ଦେଶ ସ୍ୱାଧୀନ ହେବାପରେ ସେହି ସୌଧ ପାଲଟିଗଲା ରାଜଭବନ, ଓଡିଶାର ମାନ୍ୟବର ରାଜ୍ୟପାଳଙ୍କ ବାସ ଭବନ। ସେତେବେଳେ ଦେଶୀୟ ରାଜ୍ୟ ଗୁଡିକୁ ଭାରତୀୟ ରାଷ୍ଟ୍ର ସଙ୍ଘରେ ମିଶ୍ରଣ ପ୍ରକ୍ରିୟା ଚାଲିଥାଏ । ସେହି କ୍ରମରେ ଓଡିଶାର ଗଡଜାତ ବା ଦେଶୀୟ ରାଜ୍ୟ ଗୁଡିକର ମିଶ୍ରଣ ନିମନ୍ତେ ଏହି ସୌଧରେ ତତ୍କାଳୀନ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭାଇ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏକ ଐତିହାସିକ ସମାବେଶ । ସେହି ସମାବେଶରେ ଦେଶୀୟ ରାଜ୍ୟ ମିଶ୍ରଣ ରାଜିନାମାରେ ରାଜ୍ୟର ସମସ୍ତ ଦେଶୀୟ ରାଜାମାନେ ସ୍ୱାକ୍ଷର କରିଥିଲେ ।

ଭୁବନେଶ୍ୱରକୁ ରାଜ୍ୟ ରାଜଧାନୀ ଉଠିଯିବା ସହିତ ୧୯୬୧ ମସିହାରେ ରାଜଭବନ ମଧ୍ୟ ସ୍ଥାନାନ୍ତରିତ ହୋଇଥିଲା । ସେହି ସୌଧରେ ଏକ ଶିଶୁ ଚିକିତ୍ସାଳୟ ସ୍ଥାପନ ନିମନ୍ତେ ତତ୍କାଳୀନ ମାନ୍ୟବର ରାଜ୍ୟପାଳ ସୌଧଟିକୁ ରେଡକ୍ରସକୁ ହସ୍ତାନ୍ତରିତ




କରିଥିଲେ ଏବଂ ରେଡକ୍ରସ ପକ୍ଷରୁ ସ୍ଥାପିତ ହୋଇଥିଲା ଶିଶୁ ଚିକିତ୍ସା ଓ ଶିଶୁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ । ସେହିଠାରୁ ଆରମ୍ଭ ହୋଇଥିଲା ଏହି ଐତିହାସିକ ପୀଠରେ ସ୍ୱତନ୍ତ୍ର ଭାବରେ ଶିଶୁ ମାନଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ।

ଓଡିଶା ବାସୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ନିମନ୍ତେ ଅଠରଶ ଶତାବ୍ଦୀର ଶେଷ ଭାଗରେ ମରହଟ୍ଟା ଶାସକ ମାନଙ୍କ ଦ୍ୱାରା କଟକଠାରେ ଏକ ଫାଷ୍ଟଏଡ୍ ସେଣ୍ଟର ଖୋଲା ଯାଇଥିଲା । ଯାହାର ମୂଳ ଲକ୍ଷ୍ୟ ଥିଲା ରଥଯାତ୍ରା ସମୟରେ ପୁରୀ ଆସୁଥିବା ତୀର୍ଥ ଯାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା । ୧୮୦୩ ମସିହାରେ ବ୍ରିଟିଶ ଶାସନ କାଳରେ ସେହି ଫାଷ୍ଟଏଡ୍ ସେଣ୍ଟର ଏକ ଛୋଟ ଡାକ୍ତରଖାନାରେ ରୂପାନ୍ତରିତ ହୋଇଥିଲା । ଓଡ଼ିଆ ଡାକ୍ତର ସୃଷ୍ଟି ନିମନ୍ତେ ୧୮୭୫ ମସିହାରେ ସେହି ଡାକ୍ତରଖାନାରେ ଖୋଲାଗଲା ଓଡିଶା ମେଡ଼ିକାଲ ସ୍କୁଲ । ୧୯୪୪ ମସିହାରେ ଓଡିଶା ମେଡ଼ିକାଲ ସ୍କୁଲକୁ ମେଡ଼ିକାଲ କଲେଜରେ ପରିଣତ କରାଯାଇ ସେଠାରେ ଆରମ୍ଭ ହେଲା

ଏମ.ବି.ଏସ. ପାଠ୍ୟକ୍ରମ । ସେହି କଲେଜର ବିକାଶ ପାଇଁ ମୟୂରଭଞ୍ଜ ମହାରାଜା ବେଶ୍ ସହଯୋଗ କରିଥିଲେ। ତେଣୁ ୧୯୫୧ ମସିହାରେ ଓଡିଶା ମେଡ଼ିକାଲ କଲେଜକୁ ମୟୂରଭଞ୍ଜ ମହାରାଜାଙ୍କ ନାମରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଭାବରେ ନାମିତ କରାଗଲା। ୧୯୬୦ ମସିହାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଆରମ୍ଭ ହେଲା ସ୍ନାତକୋତ୍ତର ଶିକ୍ଷା ଏବଂ ୧୯୮୧ରୁ ଆରମ୍ଭ ହୋଇଛି ପୋଷ୍ଟ ଡକ୍ଟରାଲ୍ ପାଠ୍ୟକ୍ରମ । ଅନ୍ୟପକ୍ଷରେ ରେଡକ୍ରସ ସୋସାଇଟି ଦ୍ୱାରା ଆରମ୍ଭ ହୋଇଥିବା ଶିଶୁ ଚିକିତ୍ସା ଓ ଶିଶୁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ୧୯୬୬ ମସିହାରେ ଓଡିଶା ସରକାର ନିଜ ପରିଚାଳନା ଅଧିନକୁ ନେଇ ତାହାକୁ ଏକ ଅତ୍ୟାଧୁନିକ ଶିଶୁ ଚିକିତ୍ସାଳୟରେ ପରିଣତ କରିବା ନିମନ୍ତେ ଯୋଜନା କଲେ ଓ ସେଠାରେ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପାଠ୍ୟକ୍ରମ ଆରମ୍ଭ କଲେ।

ଚିକିତ୍ସାଳୟଟି ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବାବେଳେ ସ୍ନାତକୋତ୍ତର ଶିକ୍ଷା କାର୍ଯ୍ୟକ୍ରମ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ସମ୍ପ୍ରସାରିତ ବିଭାଗ ଭାବରେ ପରିଚାଳିତ । ମେଡ଼ିକାଲ କଲେଜର ଅଧ୍ୟକ୍ଷ ଏହାର ଏକ୍ସ ଅଫିସିଓ ନିର୍ଦ୍ଦେଶକ ।

ଏହି ଶିଶୁ ରୋଗ ଚିକିତ୍ସାଳୟଟି ଶିଶୁଭବନ ଭାବରେ ଖ୍ୟାତ ହେଲା ଓ ଜଟିଳ ରୋଗର ଚିକିତ୍ସା ପାଇଁ ସାରା ରାଜ୍ୟରୁ ରୋଗୀମାନେ ଏଠାକୁ ଆସିବାକୁ ଲାଗିଲେ । ୫୦ ଶଯ୍ୟା ସହିତ ଆରମ୍ଭ ହୋଇଥିବା ଶିଶୁଭବନରେ ୧୯୮୭ ବେଳକୁ ଶଯ୍ୟା ସଂଖ୍ୟା ଦୁଇଶହକୁ ବୃଦ୍ଧି




ପାଇଥିଲା। ସେହି ବର୍ଷ ଶିଶୁ ଭବନର ନବକଳେବର ହେଲା । ଏହାକୁ ସର୍ଦ୍ଦାର ବଲ୍ଲଭାଇ ପଟେଲ୍ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ ଭାବରେ ନାମିତ କରାଯାଇ ଏଠାରେ ଶିଶୁ ରୋଗ ଚିକିତ୍ସା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥାମାନ କରାଗଲା ।

ପୂର୍ବ ଭାରତରେ ବୃହତ୍ତମ ଶିଶୁ ଚିକିତ୍ସାଳୟ ଭାବରେ ସର୍ଦ୍ଦାର ବଲ୍ଲଭାଇ ପଟେଲ୍ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନର କ୍ଷାତି ରହିଛି । ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଶହଶହ ସଂଖ୍ୟାରେ ଶିଶୁ, ଚିକିତ୍ସା ପାଇଁ ଆସୁଛନ୍ତି ଏହି ପ୍ରତିଷ୍ଠାନକୁ । ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ପ୍ରତିଷ୍ଠାନର ଶଯ୍ୟା ସଂଖ୍ୟା ୨୬୦କୁ ବୃଦ୍ଧି ପାଇଥିଲା ।

ଯେଉଁଥିରେ ୪୦ଟି ଶଯ୍ୟା ଶିଶୁ ସଲ୍ୟ ଚିକିତ୍ସା ପାଇଁ ଥିବାବେଳେ ୨୧ଟି ଆଇ.ସି .ଇଉ. ଓ ୨୫ଟି ନବଜାତକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ପରବର୍ତ୍ତୀ ସମୟରେ ନବଜାତକଙ୍କ ପାଇଁ ଶଯ୍ୟା ସଂଖ୍ୟା ଆଉ ୨୦ଟି ବୃଦ୍ଧି ପାଇଲା । ବର୍ତ୍ତମାନ ପ୍ରତିଷ୍ଠାନର ମୋଟ୍ ଶଯ୍ୟା ସଂଖ୍ୟା ୪୧୬ ।

ଡାକ୍ତରଖାନା ସୌଧ, କର୍ମଚାରୀ ଆବାସ କଲୋନୀ ଓ ସବୁଜ ସୁନ୍ଦର ଉଦ୍ୟାନ ପରିବେଷ୍ଟିତ ୨୩ ଏକର ପରିମିତ ଏହି ପ୍ରତିଷ୍ଠାନର ପରିବେଶ ବେଶ୍ ସ୍ୱଚ୍ଛ ଓ ମନୋରମ । ଏଠାରେ ପ୍ରତିବର୍ଷ ୨୪ଜଣ ଛାତ୍ର ସ୍ନାତକୋତ୍ତର ଶିଶୁ ଚିକିତ୍ସା ପାଠ୍ୟକ୍ରମରେ ନାମ ଲେଖାଇଥାନ୍ତି। ୨୦୦୭ ମସିହାରୁ ଏଠାରେ ଶିଶୁ ଶଲ୍ୟ ଚିକିତ୍ସାରେ ପୋଷ୍ଟ ଡକ୍ଟରାଲ୍ ପାଠ୍ୟକ୍ରମ ଆରମ୍ଭ ହୋଇଛି , ଯାହାକି କେବଳ କୋଲକତା ଓ ଏଠାରେ ରହିଛି ।

ଏହି ସର୍ଦ୍ଦାର ବଲ୍ଲଭାଇ ପଟେଲ୍ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ ରେ ଚିକିତ୍ସା ସୁବିଧା ସମ୍ପୂର୍ଣ୍ଣ ମାଗଣା ଓ ରୋଗୀମାନଙ୍କୁ ଔଷଧ ପତ୍ର ମଧ୍ୟ ମାଗଣାରେ ଯୋଗାଇ ଦିଆଯାଏ । ପ୍ରତିଷ୍ଠାନର ଭେଷଜ, ଶଲ୍ୟ ଚିକିତ୍ସା ଓ ଦନ୍ତ ଚିକିତ୍ସା




ବହିର୍ବିଭାଗ ବାପ୍ରତିଦିନ ସକାଳ ନଅଟାରୁ ଅପରାହ୍ନ ପାଞ୍ଚଟା ଯାଏ ଖୋଲାରହେ । ଅନ୍ୟପକ୍ଷରେ ଏଠାରେ ଆପାଦକାଳୀନ ଚିକିତ୍ସା ସୁବିଧା ଅପରାହ୍ନ ପାଞ୍ଚଟାରୁ ସକାଳ ନଅଟା ଯାଏ ଉପଲବ୍ଧ ।

ରୋଗୀ ମାନଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷା ମଧ୍ୟ ମାଗଣାରେ କରାଯାଏ । ସେଥିପାଇଁ ଏଠାରେ ରହିଛି ଅତ୍ୟାଧୁନିକ ପାଥୋଲୋଜି, ବାୟୋକେମିଷ୍ଟ୍ରି ଓ ମାଇକ୍ରୋ ବାୟୋଲୋଜୀ ଲାବୋରାଟୋରୀ ଏବଂରେଡିଓ ଡାଇଗ୍ନୋଷ୍ଟିକ୍ ବିଭାଗ, ଏହି ପ୍ରତିଷ୍ଠାନରେ ରହିଛି ୨୦ଶଯ୍ୟା ବିଶିଷ୍ଟ କାଜୁଆଲିଟି ।

ପ୍ରତିଷ୍ଠାନର ଟୀକାଦାନ କେନ୍ଦ୍ରରେ ପ୍ରତି ବୁଧବାର ଓ ଶୁକ୍ରବାର ଦିନ ଶିଶୁ ଓ ଗର୍ଭବତୀମାନଙ୍କୁ ମାଗଣାରେ ପ୍ରତିଷେଧକ ଟୀକା ଦିଆଯାଇଥାଏ।

ପ୍ରତିଷ୍ଠାନର ନବଜାତକ ୱାର୍ଡରେ ରୋଗୀ ସହିତ ମାଆ ମାନଙ୍କ ରହିବାପାଇଁ ବ୍ୟବସ୍ଥା ରହିଛି।

ଅପପୁଷ୍ଟିରେ ଶିକାର ଶିଶୁମାନଙ୍କ ଚିକିତ୍ସା ପାଇଁ ଏଠାରେ ରହିଛି ୧୦ଶଯ୍ୟା ବିଶିଷ୍ଟ ପୁଷ୍ଟିସାଧନ କେନ୍ଦ୍ର । ଏଠାରେ ଥିବା ରାଜ୍ୟ ନବଜାତକ ପାଳନ ସାଧନ କେନ୍ଦ୍ରରେ ନବଜାତକଙ୍କ ଯତ୍ନ ପାଇଁ ତାଲିମ ଦିଆଯାଇଥାଏ।

ବେଳେବେଳେ ଜଟିଳ ରୋଗୀଙ୍କ ଚିକିତ୍ସା ପାଇଁ ବା ଶଲ୍ୟ ଚିକିତ୍ସା ନିମନ୍ତେ ରକ୍ତ ଆବଶ୍ୟକ ହୋଇଥାଏ । ଏଥିପାଇଁ ଏଠାରେ ଏକ ରକ୍ତ ଭଣ୍ଡାର ମଧ୍ୟ ଅଛି।

ସ୍ୱାସ୍ଥ୍ୟ ବିକାଶ ସମିତି ପକ୍ଷରୁ ପ୍ରତିଷ୍ଠାନର ସାମଗ୍ରୀକ ବିକାଶ ଦିଗରେ ଧ୍ୟାନ ଦିଆ ଯାଉଛି ଏବଂ ରାଜ୍ୟ ସରକାରଙ୍କ ସହାୟ ଓ ନିଦାନ ସ୍କିମ୍‌ରେ ରୋଗୀ ମାନଙ୍କୁ ମାଗଣାରେ ସବୁ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ସର୍ଦ୍ଦାର ବଲ୍ଲଭାଇ ପଟେଲ୍ ଯେପରି ସୁନ୍ଦର ଓ ସୁସ୍ଥ ଭାରତ ଗଠନ ପାଇଁ ସାରା ଦେଶକୁ ଯୋଡିବା ନିମନ୍ତେ ଦିନରାତି ଚେଷ୍ଟା କରି ସଫଳ ହୋଇଥିଲେ ସେହିଭଳି ସୁସ୍ଥ ସମାଜ ଓ ସୁସ୍ଥ ଓଡିଶା ର ଭବିଷ୍ୟତ ନାଗରିକ, କଅଁଳ ଶିଶୁ ମାନଙ୍କୁ ସୁରକ୍ଷା ଦେବାପାଇଁ ଦିନରାତି ସେବା ପ୍ରଦାନ କରିଆସିଛି ସର୍ଦ୍ଦାର ବଲ୍ଲଭାଇ ପଟେଲ୍ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ । ଯେତେବି ପ୍ରତିକୂଳ ଅବସ୍ଥା ଆସିଲେ ମଧ୍ୟ ଏଠାରେ କାର୍ଯ୍ୟରତ ବିଶେଷଜ୍ଞ, ଡାକ୍ତର ଓ ପରାମେଡିକାଲ କର୍ମଚାରୀମାନେ ଶିଶୁ ମାନଙ୍କୁ ସୁସ୍ଥ କରିବା ନିମନ୍ତେ ସମସ୍ତ ଚେଷ୍ଟା ଜାରି ରଖିଥାନ୍ତି । ସେଇଥିପାଇଁ ତ ଏହା କେବଳ ପୂର୍ବ ଭାରତ ନୁହେଁ ସାରା ଦେଶର ଏକ ଅନନ୍ୟ ଅନୁଷ୍ଠାନ ।


+ଶଙ୍କରପୁର,
ଚାରବାଟିଆ, ଚୌଦ୍ୱାର


# ପ୍ରେମ ହିଁ ଲାଭ ପ୍ରଦାୟକ



ଆମର ଆବଶ୍ୟକ କେବଳ ପ୍ରେମ, ସରଳତା ଓ ସହିଷ୍ଣୁତା । ଜୀବନର ଅର୍ଥ ଅଭିବୃଦ୍ଧି, ବିସ୍ତାର । ବିସ୍ତାର ଓ ପ୍ରେମ ଏକାକଥା । ସୁତରାଂ ପ୍ରେମ ହିଁ ଜୀବନ - ତାହା ହିଁ ଜୀବନର ଏକମାତ୍ର ଗତି ନିୟାମକ । ଅନ୍ୟ ପକ୍ଷରେ ସ୍ୱାର୍ଥପରତା ହେଉଛି ମୃତ୍ୟୁ । ପରୋପକାର ହିଁ ଜୀବନ, ପରୋପକାରର ଅଭାବ ହେଉଛି ମୃତ୍ୟୁ । ଜଗତର ଅଧିକାଂଶ, ପ୍ରାୟ ନବେ ଭାଗ ପଶୁତୁଲ୍ୟ ମଣିଷ ମୃତ, ପ୍ରେତ ତୂଲ୍ୟ । କାରଣ ଯାହାର ହୃଦୟରେ ପ୍ରେମ ନାହିଁ, ସେ ମୃତ । ମନୁଷ୍ୟ ହୋଇ ମନୁଷ୍ୟ ପାଇଁ ଯେଉଁମାନଙ୍କ ହୃଦୟରେ ସମ୍ବେଦନଶୀଳତା ଦରଦ ନାହିଁ, ସେମାନେ ପୁଣି କି ମନୁଷ୍ୟ ? କ୍ୱଚିତ କର୍ତ୍ତବ୍ୟ ରୁଚିକର ଓ ମଧୁର । କିନ୍ତୁ ପ୍ରେମ ଯଦି କର୍ତ୍ତବ୍ୟ ପରାୟଣତାକୁ ସ୍ନେହସିକ୍ତ କରେ ତେବେ ତାହା ବେଶ୍ ସହଜ ଭାବରେ ଗଡ଼ି ଚାଲେ, ନତୁବା କର୍ତ୍ତବ୍ୟର ଚକ ଏକ କ୍ରମାଗତ ଘର୍ଷଣ, ଟଣାଓଟରା ପାଲଟେ । ଅନ୍ୟଥା କିପରି ପିତାମାତା ସ୍ଥାନ ପ୍ରତି, ସନ୍ତାନ ପିତାମାତାଙ୍କ ପ୍ରତି, ସ୍ୱାମୀ ସ୍ତ୍ରୀ ପ୍ରତି ଓ ସ୍ତ୍ରୀ ସ୍ୱାମୀ ପ୍ରତି କର୍ତ୍ତବ୍ୟ ରୁଚିକରମଧୁର ହୁଏ ଏବଂ ପ୍ରେମ କେବଳ ସ୍ୱାଧୀନତାରେ ହିଁ ଝଲସି ଉଠେ; ବିକଶିତ ହୁଏ । ଇନ୍ଦ୍ରିୟର ଦାସ, କ୍ରୋଧର ଦାସ, ଈର୍ଷାର ଦାସ ଓ ଯେଉଁ ସବୁ ଅଜସ୍ର ଛୋଟଛୋଟ ଘଟଣା ଜୀବନରେ ପ୍ରତ୍ୟହ ଘଟୁଛି, ସେଗୁଡ଼ିକର ଦାସ ହେବା କ'ଣ ସ୍ୱାଧୀନତା ? ଆମେ ଜୀବନରେ ଯେଉଁସବୁ ଛୋଟ ବଡ଼ ସଂଘର୍ଷର ସମ୍ମୁଖୀନ ହେଉ, ସେଗୁଡ଼ିକୁ ସହ୍ୟ କରିବା ହିଁ ସ୍ୱାଧୀନତାର ସର୍ବୋଚ୍ଚ ଅଭିବ୍ୟକ୍ତି । ସ୍ତ୍ରୀ ଲୋକମାନେ ଈର୍ଷାକାତରାତା ଓ ଚିଡ଼ିଚିଡ଼ି ପ୍ରକୃତିର ଦାସ ହୋଇ ସ୍ୱାମୀଙ୍କ ଉପରେ ଦୋଷାରୋପ କରନ୍ତି ଏବଂ ମନେ କରନ୍ତି, ସେମାନେ ଯେପରି ନିଜ ନିଜର ସ୍ୱାଧୀନତା ଜାହିର କରୁଛନ୍ତି; କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ, ଏହା ଦ୍ୱାରା ସେମାନେ ନିଜକୁ ଦାସୀ ବୋଲି ସାବ୍ୟସ୍ତ କରୁଛନ୍ତି । ଯେଉଁ ସ୍ୱାମୀମାନଙ୍କ ଅବସ୍ଥା ମଧ୍ୟ ତଦ୍ରୂପ । ଯଥାର୍ଥ ପ୍ରେମ କେବେ ବିଫଳ ହୁଏ ନାହିଁ । ଆଜି ହେଉ, କାଲି ହେଉ, ଶତଶତ ଯୁଗ ପରେ ହେଉ, ସତ୍ୟର ବିଜୟ ନିଶ୍ଚୟ ହେବ । ପ୍ରେମ ହିଁ ବିଜୟ ହାସଲ କରିବ ସୁନିଶ୍ଚିତ । ତୁମମାନେ କ'ଣ ତୁମର ସାଥୀ ମନୁଷ୍ୟ ଜାତିକୁ ଭଲପାଅ ? ଈଶ୍ୱରଙ୍କୁ କେଉଁଠାରେ ଖୋଜିଛ ? ଦରିଦ୍ର, ଦୁଃଖୀ, ଦୁର୍ବଳ ଏମାନେ ସମସ୍ତେ କ'ଣ ତୁମର ଈଶ୍ୱର ନୁହଁନ୍ତି ? ପ୍ରଥମେ ତାଙ୍କର ଉପାସନା କରୁନାହିଁ କାହିଁକି ? ଗଙ୍ଗାତୀରରେ ବାସ କରି କୂପ ଖନନ କରୁଛ କାହିଁକି ? ପ୍ରେମର ସର୍ବଶକ୍ତିମତ୍ତାରେ ବିଶ୍ୱାସ ରଖ । ନାମ ଯଶର ଫାଙ୍କା ଚକଚାକ୍ୟରେ କଅଣ ହେବ ? ହୃଦୟରେ ପ୍ରେମ ଥିଲେ ହିଁ ଫାଙ୍କା ଚାଟକ୍ୟରେ କଅଣ ହେବ ? ହୃଦୟରେ ପ୍ରେମ ଥିଲେ ହିଁ ତୁମେ ସର୍ବଶକ୍ତିମାନ ହୋଇଛ । ତୁମେ ସମ୍ପୂର୍ଣ୍ଣ ନିଷ୍କାମ ନିଃସ୍ୱାର୍ଥୀ ତ ? ତାହା ଈଶ୍ୱର ତାଙ୍କ ସନ୍ତାନଗଣଙ୍କୁ ସମୁଦ୍ରର ଅତଳ ଗର୍ଭରେ ମଧ୍ୟ ରକ୍ଷା କରିଥାଆନ୍ତି । ଯଦି ଏ ସଂସାର -ନର୍କ କୁଣ୍ଡ ମଧ୍ୟରେ ଦିନକ ପାଇଁ ମଧ୍ୟ ମନରେ ଟିକିଏ ଆନନ୍ଦ ଓ ଶାନ୍ତି ଅଣାଯାଇ ପାରେ, ସେହି ଟିକକ ହିଁ ପ୍ରେମ ଓ ସତ୍ୟ ।

# ନୀଳ ଆଲୋକର ଉପଯୋଗିତା



ନିକଟରେ ବ୍ରିଟେନ୍ ଓ ଜର୍ମାନୀର ବିଶଷଜ୍ଞ ଦଳ ୫୫ହଜାର ଲୋକଙ୍କୁ ଏକ ଗବେଷଣାରେ ସାମିଲ କରାଇଥିଲେ । ଉଦ୍ଦେଶ୍ୟ ଥିଲା ଯେ ଜାଣିବା କେଉଁ ରଙ୍ଗର ଆଲୋକ ଶରୀର ଉପରେ କିଭଳି ପ୍ରଭାବ ପକାଇଥାଏ ? ବିଭିନ୍ନ ରଙ୍ଗର ଆଲୁଅରେ ସେମାନଙ୍କୁ ଦିନର କିଛିକିଛି ସମୟ ରଖାଗଲା । ଏସବୁ ଭିତରେ ନୀଳ ରଙ୍ଗର ପ୍ରଭାବ ସବୁଠୁ ଅଧିକ ଥିଲା । ଗବେଷଣାରେ ୨୭-୬୫ ବର୍ଷ ବୟସର ଲୋକେ ଅନ୍ତର୍ଭୁକ୍ତ ଥିଲେ । ପୂର୍ବରୁ ମଧ୍ୟ ପ୍ରମାଣିତ ହୋଇଛି ଯେ ନୀଳ ରଙ୍ଗ ମନ ଓ ଆଖି, ଉଭୟକୁ ଶାନ୍ତି ଦେଇଥାଏ । ତେବେ ଗାଢ଼ ନୀଳ ତୁଳନାରେ ଲୋକେ ଈଷତ୍ ନୀଳ ରଙ୍ଗକୁ ଅଧିକ ପସନ୍ଦ କରୁଥିବାର ସର୍ବେକ୍ଷଣରୁ ଜଣାପଡ଼ିଛି । ପ୍ରତ୍ୟେକ ବର୍ଗର ଲୋକଙ୍କୁ ୪୫୦ ନାନୋମିଟର ନୀଳ ରଙ୍ଗରେ କିଛି ସମୟ ରଖାଗଲା । ପଢ଼ିବା ସମୟରେ କିମ୍ବା ମନୋରଞ୍ଜନ କରୁଥିବା ସମୟରେ ଏଇ ନୀଳ ରଙ୍ଗ ସଂସ୍ପର୍ଶରେ ସେମାନେ ଆସିଲେ । ପରୀକ୍ଷା ଆରମ୍ଭ ପୂର୍ବରୁ ଓ ପରେ ସେମାନଙ୍କ ରକ୍ତଚାପ ହୃଦ୍‌ଚାଳନ ପରୀକ୍ଷା କରାଗଲା । ନୀଳ ରଙ୍ଗର ପ୍ରଭାବରେ ସେମାନଙ୍କ ରକ୍ତଚାପ ନିୟନ୍ତ୍ରିତ ହେବା ସହ ହୃଦ୍‌ଘାତର ଆଶଙ୍କା ମଧ୍ୟ କମ୍ ହୋଇଥିଲା ବୋଲି ଗବେଷକ ଦଳ ପ୍ରକାଶ କରିଥିଲେ ।

# ଷ୍ଟଫଡ୍ ମସରୁମ୍



*ଆବଶ୍ୟକ ସାମଗ୍ରୀ:* ବଟମ ଛତୁ, କର୍ଣ୍ଣଫ୍ଲୋର, ବେସନ, ହଳଦୀ ଗୁଣ୍ଡ, ଗରମ ମସଲା, ଦହି, ଲୁଣ, ତେଲ, କଟା କଞ୍ଚା ଲଙ୍କା, କଟା ପିଆଜ, ପନିର କୋରା, ଶୁଖିଲା ଲଙ୍କା, ଗୁଣ୍ଡ, କଟା କ୍ୟାପସିକମ, ଗୋଲମରିଚ ଗୁଣ୍ଡ ଓ ମକା ଓ ବ୍ରେଡକର୍ଣ୍ଣ।

*ପ୍ରସ୍ତୁତି ପ୍ରଣାଳୀ:* ପ୍ରଥମେ ବଟମ ଛତୁକୁ ଭଲ ଭାବରେ ଧୋଇ ରଖନ୍ତୁ। ପରେ ଛତୁର ଡେମ୍ଫକୁ ବାହାର କରି ଦିଅନ୍ତୁ। ଏହାପରେ ଏକ ପାତ୍ରରେ କର୍ଣ୍ଣଫ୍ଲୋର ନିଅନ୍ତୁ। ସେଥିରେ ବେସନ,ହଳଦୀ ଗୁଣ୍ଡ, ଗରମ ମସଲା, ଦହି, ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ଆଣ ପ୍ରସ୍ତୁତ କରନ୍ତୁ। ପରେ କରେଇରେ ତେଲ ଗରମ କରି ପ୍ରଥମେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜଟି ଟିକେ ଭାଜି ହେବାପରେ ସେଥିରେ କଟା କ୍ୟାପସିକମ, ପନିର କୋରା, କଟା କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ମକା ପକାନ୍ତୁ। ଏହାକୁ କିଛି ସମୟ ଭଲ ଭାବରେ ଭାଜନ୍ତୁ। ଏହା ଭାଜି ହେବା ପରେ ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହାପରେ ବଟମ ଛତୁ ଭିତରେ ମସଲାକୁ ପୂରାଇ ପ୍ରସ୍ତୁତ ଆଣରେ ବୁଡ଼ାନ୍ତୁ ଏବଂ ଏହାକୁ ବ୍ରେଡକର୍ଣ୍ଣରେ ଗୋଳାଇ ଛାଣନ୍ତୁ। ପ୍ରସ୍ତୁତ ହୋଇଗଲା ଷ୍ଟଫଡ୍ ମସରୁମ୍।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତାଲିବାନର ନୂଆ ରୂପ...

ମିଳିତ ଜାତିସଂଘ ସାଧାରଣ ପରିଷଦର ୭୬ତମ ବାର୍ଷିକ ଅଧିବେଶନ ନ୍ୟୁୟର୍କଠାରେ ଆରମ୍ଭ ହୋଇଛି । ସେପ୍ଟେମ୍ବର ୨୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଶ୍ୱର ବହୁନେତା ଅଂଶଗ୍ରହଣ କରିବା ସହ ଅଧିବେଶନକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । କରୋନା ମହାମାରୀ ପ୍ରକୋପ ସାମାନ୍ୟ କମିବାରୁ ସମ୍ଭବତଃ ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ବିଶ୍ୱ ନେତୃବର୍ଗ ଏହି ବୈଠକରେ ଯୋଗ ଦେଉଛନ୍ତି । ମହାମାରୀ ପରବର୍ତ୍ତୀ ସମୟରେ ଏବେ ବିଶ୍ୱରେ ଆର୍ଥିକ ଠାରୁ ଆରମ୍ଭ କରି ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଛି ଏବଂ ଆଗାମୀ ଦିନରେ ପ୍ରଯୁକ୍ତି ଠାରୁ ନେଇ ବିଜ୍ଞାନ ଗବେଷଣା ଏବଂ ପାରସ୍ପରିକ ସହଯୋଗ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଯେଉଁ ପରିର୍ତ୍ତନ ଘଟିବାକୁ ଯାଉଛି ତାହାକୁ ମିଳିତ ଭାବେ ସମ୍ମୁଖୀନ ହେବା ସକାଶେ ଜାତିସଂଘ ଭଳି ବୈଶ୍ୱିକ ସଂଗଠନର ଦାୟିତ୍ୱ ବହୁଗୁଣିତ ହୋଇଛି ବୋଲି ସଭିଏଁ ଉପଲବ୍ଧ କରିଛନ୍ତି । ସର୍ବୋପରି ବିଶ୍ୱ ଉତ୍ତାପନ, ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଏବଂ ବିଶ୍ୱ ବାଣିଜ୍ୟ କାରବାର ତଥା କ୍ଷେତ୍ରୀୟ ଓ ବୈଶ୍ୱିକ ନିରାପତ୍ତା ଭଳି ପ୍ରସଙ୍ଗକୁ ସାହୂହିକ ଭାବେ ହିଁ ମୁକାବିଲା କରାଯାଇ ପାରିବ ବୋଲି ସମସ୍ତଙ୍କର ହୃଦ୍‌ବୋଧ ହୋଇଛି । ତେଣୁ ଏହି ଅଧିବେଶନର ନିର୍ଯ୍ୟାସ ଭବିଷ୍ୟତ ପାଇଁ ଏକାନ୍ତ ଜରୁରି ବୋଲି ସଭିଏଁ ପ୍ରତ୍ୟାଶା ରଖନ୍ତି । ତେବେ ନିକଟରେ ଆଫଗାନିସ୍ତାନରେ ଯେଉଁ ରାଜନୈତିକ ପରିବର୍ତ୍ତନ ଘଟିଛି ଏବଂ ତତ୍‌ପରବର୍ତ୍ତୀ ଅବସ୍ଥାରେ ସେଠାରେ ତାଲିବାନ ସରକାର ଗଠିତ ହେବାପରେ ଏହାକୁ ନେଇ ଯେଉଁ ଅନିଶ୍ଚିତତା ସୃଷ୍ଟି ହୋଇଛି, ସେଥିନେଇ ବିଶ୍ୱ ନେତୃବର୍ଗ ବେଶ୍ ଚିନ୍ତିତ । ଏବେ ତାଲିବାନ ସରକାରଙ୍କ ତରଫରୁ ଜାତିସଂଘ ସାଧାରଣ ପରିଷଦରେ ସେମାନଙ୍କ ମନୋନୀତ ପ୍ରତିନିଧିଙ୍କୁ ସାମିଲ ହେବାର ସୁଯୋଗ ଦେବା ନିମନ୍ତେ ଜାତିସଂଘ ମହାସଚିବଙ୍କୁ ଅନୁରୋଧ କରାଯାଇଛି । ପୂର୍ବ ସରକାରଙ୍କ ପ୍ରତିନିଧି (ଗୁଲାମ ଇସାକଜାଲ)ଙ୍କ ପରିବର୍ତ୍ତନ ତାଲିବାନ ପ୍ରତିନିଧି ମହମ୍ମଦ ସୁହେଲ ସାହୀନଙ୍କୁ ଜାତିସଂଘ ଅଧିବେଶନରେ ପ୍ରତିନିଧିତ୍ୱ କରିବା ଏବଂ ଉଦ୍‌ବୋଧନ ଦେବା ନିମନ୍ତେ ସୁଯୋଗ ଦେବାକୁ ତାଲିବାନ ସରକାରଙ୍କ ବୈଦେଶିକ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକୀ ବାରମ୍ବାର ଜାତିସଂଘ ନିକଟକୁ ପତ୍ର ଲେଖିଛନ୍ତି । ଏହାକୁ ନେଇ ଜାତିସଂଘ କର୍ତ୍ତୃପକ୍ଷ ବେଶ୍ ଅଡୁଆ ପରିସ୍ଥିତିରେ ପଡ଼ିଯାଇଛନ୍ତି । କାରଣ, ପ୍ରଧାନମନ୍ତ୍ରୀ ମୁଲ୍ଲା ଅବଦୁଲ ଘନୀ ବରାଦରଙ୍କ ନେତୃତ୍ୱରେ ସେଠାରେ ଗଠିତ ଅସ୍ଥାୟୀ ତାଲିବାନ ସରକାରକୁ ଏପର୍ଯ୍ୟନ୍ତ ବିଶ୍ୱର କୌଣସି ରାଷ୍ଟ୍ର ସ୍ୱୀକୃତି ପ୍ରଦାନ କରିନାହାନ୍ତି । ତେଣୁ ତାଲିବାନ ପ୍ରତିନିଧିଙ୍କୁ ଜାତିସଂଘର ପ୍ରତିନିଧିତ୍ୱ କରିବାର ଅନୁମତି ପ୍ରଦାନ ସମଗ୍ର ପ୍ରକ୍ରିୟାଟିକୁ ଅଧିକ ଜଟିଳ ଓ ଗୋଳମାଳିଆ କରିବା ସୁନିଶ୍ଚିତ । ଏଭଳି ଅନୁମତି ତାଲିବାନକୁ ସ୍ୱୀକୃତି ପ୍ରଦାନ କରିବା ଭଳି ହେବ । ପୁନଶ୍ଚ ଜାତିସଂଘର ବାର୍ଷିକ ସାଧାରଣ ଅଧିବେଶନ ଆରମ୍ଭ ହୋଇସାରିଥିବା ବେଳେ ବର୍ତ୍ତମାନ ଏହାର ନଅ ସଦସ୍ୟବିଶିଷ୍ଟ ମାନ୍ୟତା କମିଟିର ବୈଠକ ଡକାଇ ଏଭଳି ଏକ ଜଟିଳ ପ୍ରସଙ୍ଗ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବା ବେଶ୍ କଷ୍ଟସାଧ୍ୟ ମନେହୁଏ । ଏଭଳି ଅଡୁଆରୁ ଜାତିସଂଘ ପ୍ରାୟତଃ ନିଜକୁ ଦୂରେଇ ରଖେ । କାରଣ ଏହା ଏକ ରାଜନୈତିକ ସଂଗଠନ ନୁହେଁ । ବିଶ୍ୱରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ଉତ୍ତେଜନା ଓ ହିଂସା ହ୍ରାସ ଦିଗରେ ପ୍ରୟାସ କରିବା ଏହାର ମୂଳ ଉଦ୍ଦେଶ୍ୟ । ତାଲିବାନ ଏହାର ସଂପୂର୍ଣ୍ଣ ପରିପନ୍ଥୀ । ଏହି ପ୍ରସଙ୍ଗକୁ ନେଇ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବାକୁ ଜାତିସଂଘ କଦାପି ଚାହିଁବନାହିଁ । ତାହାହେଲେ, ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ଅନୁଷ୍ଠିତ ହେବା ଓ ନିର୍ଯ୍ୟାସ ବାହାରିବା କଷ୍ଟକର ବ୍ୟାପାର ହୋଇପଡ଼ିବ । ତେଣୁ ଯେତେଦୂର ଆଶଙ୍କା କରାଯାଏ ଚଳିତ ଅଧିବେଶନ କାଳରେ ତାଲିବାନ ପ୍ରତିନିଧି ଜାତିସଂଘ ବୈଠକରେ ସାମିଲ ହେବା ସମ୍ଭବପର ନୁହେଁ । କିନ୍ତୁ ସେ ଦେଶ ପାଇଁ ଏବେ ମାନବୀୟ ସହାୟତା ଏକାନ୍ତ ଜରୁରି । କାରଣ ତାଲିବାନ ଗୋଷ୍ଠୀଙ୍କ ଭିତରେ କନ୍ଦଳ ଲାଗି ରହିଥିବାବେଳେ ଦେଶରେ ଘୋର ଆର୍ଥିକ ସଂକଟ ଓ ତଦ୍‌ଜନିତ ଅନ୍ୟାନ୍ୟ ମୌଳିକ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଉତ୍କଟ ଆକାର ଧାରଣ କରିବାରେ ଲାଗିଛି । ଏହା ସେ ଦେଶର ସାଧାରଣ ନାଗରିକଙ୍କ ପାଇଁ ଜୀବନ-ମରଣ ସମସ୍ୟା ସୃଷ୍ଟି କରିପାରେ । ତେଣୁ ପ୍ରତିନିଧିତ୍ୱ ନହେଲେ ନାହିଁ, ଆଫଗାନିସ୍ତାନ ସଂପର୍କରେ ଜାତିସଂଘ ଯଥାଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିବା ଏକାନ୍ତ ଜରୁରି ।

## ଆମେରିକାର ଆତ୍ମସମର୍ପଣ

**ସୌମେନ୍ଦ୍ର ଜେନା**

ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ଦୁର୍ବଳ ନୀତି ଯୋଗୁ ଆମେରିକାର ସଂସଦ ଭିତରେ ଏବଂ ସଂସଦ ବାହାରେ ଦେଶର ସରକାର ତୀବ୍ର ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି । ଏଥିପାଇଁ ବିଶ୍ୱରେ ଅନେକ ଦେଶର ସୁରକ୍ଷା ପ୍ରତି ଏବେ ସଙ୍କଟ ବୃଦ୍ଧି ପାଇଛି । ଏକଦା ସନ୍ତ୍ରାସବାଦ ବିରୋଧରେ ପ୍ରବକ୍ତା ସାଜିଥିବା ଆମେରିକା ଆଫଗାନିସ୍ଥାନ, ସାଉଦି ଆରବ, ଇରାକ, ୟେମେନ, ସିରିଆ ଆଦି ଦେଶରେ ନିଜର ଦୁର୍ବଳ ନୀତି ଓ ଆଭିମୁଖ୍ୟ ଯୋଗୁ ଏବେ ଅଧିକ ସମାଲୋଚିତ ହେବାରେ ଲାଗିଛି । ଏକଥା ସତ ଯେ ବାଇଡେନଙ୍କ ନିର୍ବାଚନରେ ବିଜୟୀ ହେବା ପଛରେ ନାଲିତାରା (ସାମ୍ୟବାଦୀ) ଏବଂ ନେଳିତାରା (ମୌଳବାଦୀ) ଗୋଷ୍ଠୀର ସମର୍ଥନ ରହିଥିଲା । ଟ୍ରମ୍ପଙ୍କୁ ହରାଇବା ଉଦ୍ଦେଶ୍ୟରେ ନିର୍ବାଚନ ପୂର୍ବରୁ ସେମାନଙ୍କୁ ବାଇଡେନଙ୍କ ଦଳ ପୂର୍ଣ୍ଣ ଉପଯୋଗ କରିଥିଲା । ତେଣୁ ନିର୍ବାଚନ ପରେ ଆମେରିକାର ଏହି ଗୋଷ୍ଠୀଗୁଡିକର ସରକାର ଥିବା ଦେଶ ପ୍ରତି ଆମେରିକା ରାଷ୍ଟ୍ରପତି ନରମ ମନୋଭାବ ରଖିଲେ । ଯେଉଁଥିପାଇଁ ଚୀନ, ପାକିସ୍ଥାନ, ଇରାନ, ରୁଷିଆ, ଉତ୍ତର କୋରିଆ ରାଷ୍ଟ୍ର ସମେତ ସନ୍ତ୍ରାସବାଦୀ ସଂଗଠନଗୁଡିକ ବିରୋଧରେ ବର୍ତ୍ତମାନର ରାଷ୍ଟ୍ରପତି କୌଣସି କଠୋର ପଦକ୍ଷେପ ଗ୍ରହଣ ନକରି ଦେଶ ଭିତରେ କୋରୋନା ନିୟନ୍ତ୍ରଣରେ ବିଫଳ ହେବା ପରି ଦେଶ ବାହାରେ ଅମାନିଆ ଗୋଷ୍ଠୀକୁ ମଧ ନିୟନ୍ତ୍ରଣ କରିବା କ୍ଷେତ୍ରରେ ବିଫଳ ହେଲେ । ଟ୍ରମ୍ପଙ୍କ ସହ ଉତ୍ତମ ସଂପର୍କ ରଖି ଆସିଥିବା ସାଉଦିଆରବ, ଭାରତ, ଇସ୍ରାଏଲ, ଅଷ୍ଟ୍ରେଲିଆ, ବ୍ରିଟେନ ଆଦି ରାଷ୍ଟ୍ରଗୁଡିକ ପ୍ରତି ବାଇଡେନ ଭିନ୍ନ ଆଭିମୁଖ୍ୟ ରଖିବାରୁ ଏହିସବୁ ଦେଶଗୁଡିକ ସହ ଜାପାନ, ଦକ୍ଷିଣ କୋରିଆ ପରି ଦେଶ ଏବେ ଆମେରିକାର ସରକାରଙ୍କୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖିବାକୁ ବାଧ ହୋଇଛନ୍ତି । ଗୋଟିଏ ପଟେ ସନ୍ତ୍ରାସବାଦ ବିରୋଧରେ ଲଢିବାକୁ କହି ଅନ୍ୟପଟେ ଆଫଗାନିସ୍ଥାନର ସନ୍ତ୍ରାସବାଦୀଙ୍କ ସପକ୍ଷରେ କାର୍ଯ୍ୟକରିବା, ସନ୍ତ୍ରାସୀ ସୃଷ୍ଟିକାରୀ ଆମେରିକାର ଅଣନାଟୋ ସହଯୋଗୀ ମାନ୍ୟତା ଲାଭ କରିଥିବା ପାକିସ୍ଥାନର କାର୍ଯ୍ୟପ୍ରତି ଆଖିବୁଜି ଦେବା, ସନ୍ତ୍ରାସବାଦ ବିରୋଧରେ ସହଯୋଗ ଆଳରେ ଅନେକ ଆର୍ଥିକ ଓ ସାମରିକ ସୁବିଧା ଦେବାପରି ପଦକ୍ଷେପକୁ ବିଶ୍ୱରେ ସମାଲୋଚନା କରାଯାଉଛି । ନିଜ ଦୋଷତ୍ରୁଟିକୁ ସ୍ୱୀକାର କରିବା ବଦଳରେ ଆମେରିକା ରାଷ୍ଟ୍ରପତିଙ୍କ ମନ୍ତବ୍ୟକୁ “ଆମେ ଆଫଗାନିସ୍ଥାନରେ ସନ୍ତ୍ରାସବାଦ ବିରୋଧରେ ଲଢୁଥିଲୁ, କିନ୍ତୁ ସରକାରର ସ୍ଥିରତା ପାଇଁ ନୁହେଁ” ବିଶ୍ୱର ଅନେକ ରାଷ୍ଟ୍ରରେ ସମାଲୋଚନା କରାଯାଇଛି । ଅଗଷ୍ଟ ଶେଷ ସପ୍ତାହରେ ସେନା ଫେରାଇ ଆଣିବାର ନିଷ୍ପତ୍ତିର ବହୁ ପୂର୍ବରୁ ସେଠାରେ ୫୦୦୦ ବନ୍ଦୀ ସନ୍ତ୍ରାସବାଦୀଙ୍କୁ ମୁକ୍ତ କରିବା ଜୁଲାଇ ମାସରୁ ଆଫଗାନସେନାଙ୍କୁ ଆକାଶ ମାର୍ଗରୁ ସହାୟତା ଦେବାକୁ ବନ୍ଦ କରିବା, କାହାକୁ କିଛି ନଜଣାଇ ବାଘରାମ ସେନାଘାଟୀକୁ ଛାଡିଦେବା, ଅନେକ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଯୁଦ୍ଧଯାନ, ବିମାନ, ହେଲିକପଟର ଆଦିକୁ ସନ୍ତ୍ରାସବାଦୀଙ୍କ ଉଦ୍ଦେଶ୍ୟରେ ଛାଡିଦେବା ପରି ପଦକ୍ଷେପକୁ କେହି ସହଜରେ ଗ୍ରହଣ କରିପାରିନାହାନ୍ତି । ଏହା ଆମେରିକାର ଆତ୍ମସମର୍ପଣ ବୋଲି କୁହାଯିବା ସହ ବର୍ତ୍ତମାନ ସମୟରେ ବିଶ୍ୱବାସୀଙ୍କୁ ଠକିବା ପରି ହୋଇଛି ବୋଲି କୁହାଯାଉଛି । ଅତୀତରେ କୋରିଆ ଯୁଦ୍ଧ, ଭିଏତନାମ ଯୁଦ୍ଧ ବେଳେ ଆମେରିକା ସେନା ସମାନ ଢଙ୍ଗରେ ଯୁଦ୍ଧ କ୍ଷେତ୍ର ଛାଡି ଆସିଥିଲେ । ଆଗାମୀ ଦିନରେ ଇରାକ ଏବଂ ସାଉଦି ଆରବରେ ଥିବା ଆମେରିକାର ସେନା ନିଜ ଦେଶକୁ ଏଭଳି ପ୍ରତ୍ୟାବର୍ତ୍ତନ କରିବେ ବୋଲି କୁହାଯାଉଛି । ସାଉଦି ଆରବରୁ କ୍ଷେପଣାସ୍ତ୍ର ସୁରକ୍ଷା ବ୍ୟବସ୍ଥାକୁ ଆମେରିକା ନିଜ ଦେଶକୁ ନେଇଯିବା ଯୋଗୁ ଏବେ ସେଠାରେ ଇରାନ ସମର୍ଥିତ ହୁଥୀ ବିଦ୍ରୋହୀଙ୍କ ଆକ୍ରମଣର ଆଶଙ୍କା ବୃଦ୍ଧି ପାଇଲାଣି । ସମାନ ଢଙ୍ଗରେ ଇରାକରୁ ମଧ ଆମେରିକା ସେନା ଦେଶକୁ ଫେରିବେ ବୋଲି କୁହାଯାଉଛି । ଇରାକରେ ଆଇଏସ୍ ଗୋଷ୍ଠୀ ନିକଟରେ ବିସ୍ଫୋରଣ ଗୋଟିଏ ପଟେ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ କଥାରେ କହି ଅନ୍ୟପଟେ ଗଣତନ୍ତ୍ରର ବିରୋଧୀ କାର୍ଯ୍ୟ କରୁଥିବା ରାଷ୍ଟ୍ରଗୁଡିକୁ ନିଜର ସହଯୋଗୀ ରାଷ୍ଟ୍ରଭାବେ ଗ୍ରହଣକରି ଚାଲିବା ନୀତି ପାଇଁ ଆମେରିକାର ଦୋମୁହାଁ ଚରିତ୍ର ସମାଲୋଚିତ ହେଉଛି । ଆଫଗାନିସ୍ଥାନରେ ୮୧ ବିଲିଅନ, ଇରାକରେ ୫୦୦ ବିଲିଅନ, ସିରିଆରେ ୭୫୦ ବିଲିଅନ ଡଲାର ମୂଲ୍ୟର ଆମେରିକାର ଯୁଦ୍ଧାସ୍ତ୍ରର ହିସାବ ଏପର୍ଯ୍ୟନ୍ତ ମିଳିପାରିନାହିଁ । ଅନ୍ୟ ଅର୍ଥରେ କହିଲେ ଏହି ମୂଲ୍ୟର ଅସ୍ତ୍ର ହୁଏତ ଚୋରାରେ ଅନ୍ୟ କୌଣସି ଠାରେ ସନ୍ତ୍ରାସବାଦ ବୃଦ୍ଧି ପାଇଁ ଆମେରିକା ପକ୍ଷରୁ ଚାଲାଣ କରାଯିବା ସମ୍ଭବ ବୋଲି କୁହାଯାଉଛି । ଅତୀତରୁ ଆଜିଯାଏ ଯେଉଁ ସବୁ ସ୍ଥାନରେ ଆମେରିକା ସେନା ଯୁଦ୍ଧ ଲଢି ଆସିଛନ୍ତି କୌଣସିଠାରେ ବିଶ୍ୱାସ ଯୋଗ୍ୟ ହୋଇ ରହିପାରିନାହାନ୍ତି । ଆମେରିକା ସରକାରଙ୍କ କାହାକୁ ବିଶ୍ୱାସ ନକରିବା ନୀତି ଯୋଗୁ ଏହିସବୁ ରାଷ୍ଟ୍ରରେ ଆମେରିକା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି । ଭିଏତନାମ, ଇରାକ, ଆଫଗାନିସ୍ଥାନ ଆଦି ଏହାର ପ୍ରମାଣ ।

ମଧ୍ୟ ପ୍ରାଚ୍ୟରେ ପାଲେଷ୍ଟାଇନ ସନ୍ତ୍ରାସବାଦ ବିରୋଧରେ ଦୀର୍ଘଦିନ ଧରି ଇସ୍ରାଏଲ ସେନା ଲଢି ଆସୁଛନ୍ତି । ଇରାନର ପରମାଣୁନୀତି ବିରୋଧରେ ଇସ୍ରାଏଲର ମୋସାଦ ଅନେକଥର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପଡୋଶୀ ଲେବାନନ, ପାଲେଷ୍ଟାଇନ ସାଉଦି ଆରବ ସହ ଇସ୍ରାଏଲ ସେନା ଆଜି ଯାଏ ଲଢି ଆସିଛନ୍ତି । କିନ୍ତୁ ବାଇଡେନ କ୍ଷମତାକୁ ଆସିବା ପରେ ଇସ୍ରାଏଲ ବିରୋଧୀ ମନ୍ତବ୍ୟ ଦେଇ ଇସଲାମିକ ମୌଳବାଦୀ ଗୋଷ୍ଠୀଗୁଡିକର ନିକଟତର ହୋଇଛନ୍ତି । ସେମିତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା, ଶ୍ରେଷ୍ଠ ନେତୃତ୍ୱ ଦକ୍ଷତାକୁ ଆମେରିକା ଗ୍ରହଣ କରିପାରିନାହିଁ । ବାଇଡେନ ପ୍ରଶାସନ ଗୋଟିଏ ପଟେ ପ୍ରତିରକ୍ଷା ସାମଗ୍ରୀ ଭାରତକୁ ବିକ୍ରି କରିବା ଉପରେ ଜୋର ଦେଲାବେଳେ ନିଜ ଦେଶର ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମଗୁଡିକୁ ମୋଦି, ହିନ୍ଦୁଧର୍ମ ଏବଂ ଭାରତର ବ୍ୟବସ୍ଥା ବିରୋଧରେ ବ୍ୟାପକ ମନ୍ଦ ପ୍ରଚାର ପାଇଁ ସମସ୍ତ ସୁଯୋଗ ପ୍ରଦାନ କରିଛନ୍ତି । ଆମେରିକାର ଶାସନ, ପ୍ରଶାସନ, ସୁରକ୍ଷା, ବିଜ୍ଞାନ ଓ ଅର୍ଥନୀତି କ୍ଷେତ୍ରରେ ଭାରତୀୟଙ୍କ ପ୍ରଭାବବୃଦ୍ଧିକୁ ବାଇଡେନ ପ୍ରଶାସନ ସହଜଭାବେ ଗ୍ରହଣ କରିନାହିଁ । ସେଥିପାଇଁ ଖ୍ରୀଷ୍ଟିଆନ ଏବଂ ଇସଲାମ ସଂପର୍କରେ ଆଲୋଚନା କରୁନଥିବା ଆମେରିକା ଏବେ ଡିସ୍‌ମାଣ୍ଟଲିଂ ହିନ୍ଦୁତ୍ୱ ବିଷୟରେ ଆନ୍ତର୍ଜାତିକ ୱେବିନାର ଆୟୋଜିତ ହୋଇଛି । ଆମେରିକାର ଗଣମାଧ୍ୟମରେ ପ୍ରତିଦିନ ଭାରତ ବିରୋଧରେ ବ୍ୟାପକ ପ୍ରଚାର ହେଉଛି । ପୃଥିବୀରେ ମାନୁଫାକ୍‌ଚରିଂ ହବ ସ୍ଥାପନ କ୍ଷେତ୍ରରେ ଭାରତ ସବୁଠୁ ଆଗରେ ରହିବା, କୋରୋନା କାଳରେ ଚାପ ସତ୍ତ୍ୱେ ସକାରାତ୍ମକ ଅର୍ଥନୀତି ଚାଲୁରହିବା ଧାରାକୁ ବାଇଡେନ ପ୍ରଶାସନ ଈର୍ଷା କରିବାରେ ଲାଗିଛି । ଅଥଚ ଅଷ୍ଟ୍ରେଲିଆ ପରି ଆମେରିକାର ନିକଟ ସହଯୋଗୀ ରାଷ୍ଟ୍ର ଇସ୍ରୋର ଗଗନଯାନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଛି । ମାଲେସିଆ ସରକାର ତେଲ ବଦଳରେ ଭାରତରୁ ତେଜସ ଯୁଦ୍ଧ ବିମାନ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଫିଲିପାଇନ୍ସ, ଭିଏତନାମ କର୍ତ୍ତୃପକ୍ଷ ଭାରତରୁ କ୍ଷେପଣାସ୍ତ୍ର କ୍ରୟ ପାଇଁ ଆଗ୍ରହ ଦେଖାଇଛନ୍ତି । ନାଟୋ ମେମ୍ବରରେ ଥିବା ଅନେକ ରାଷ୍ଟ୍ର ଆମେରିକା ଉପରେ ଅଧିକ ଭରସା କରିପାରୁନାହାନ୍ତି । ଇଟାଲୀ, ଜର୍ମାନୀ ପରି ଅନେକ ଦେଶ ଆମେରିକାର ଶତ୍ରୁ ରାଷ୍ଟ୍ର ରୁଷିଆ ସହ ଆର୍ଥିକ ସଂପର୍କକୁ ବୃଦ୍ଧି କରିବାରେ ଲାଗିଛନ୍ତି । ଚୀନ ସରକାର ବାରମ୍ବାର ଆମେରିକା ବିରୋଧୀ ପଦକ୍ଷେପ ନେଲେ ମଧ ବାଇଡେନ ସରକାର ଆଜିଯାଏ ଚୀନର ଅଧିକ କ୍ଷତି କରିପାରିନାହାନ୍ତି । ଅପରପକ୍ଷେ ଚୀନ ଆମେରିକାର ଅନେକ ଅନୁଷ୍ଠାନରେ ନିଜର ଗୁପ୍ତଚରକୁ ନିଯୁକ୍ତି ଦେଇ ଗବେଷଣା ପ୍ରତିଷ୍ଠାନ ଗୁଡିକରୁ ତଥ୍ୟ ଚୋରିରେ ଲାଗିପଡିଛି ।

କହିବାକୁ ଗଲେ ଆମେରିକା ଏବେ ନିଜର ଶତ୍ରୁମାନଙ୍କୁ ନିକଟରେ ଏକ ପ୍ରକାର ଆତ୍ମସମର୍ପଣ କରିଛି ବୋଲି କହିଲେ କିଛି ଭୁଲ ହେବ ନାହିଁ । ଅନେକ କ୍ଷେତ୍ରରେ ଦୁର୍ବଳତା ଯୋଗୁ ବିଶ୍ୱରେ ଆମେରିକାର ସମ୍ମାନ ଉପରେ ଆଞ୍ଚ ଆସିଛି । ଅତୀତରେ ଅନେକ ଦେଶରେ ଡବଲଗେମ ଖେଳ ସଫଳ ହୋଇଥିବା ଆମେରିକାର ଚାଲକୁ ଅନେକ ଦେଶ ବୁଝିବାରେ ସକ୍ଷମ ହେଲେଣି । ଗତ ରାଷ୍ଟ୍ରପତି ନିର୍ବାଚନ ସମୟରେ ଆମେରିକାର ଜେନେରାଲ ମାର୍କ ମିଲେ ଚୀନର ଜେନେରାଲଙ୍କୁ ଫୋନ କରି ଆମେରିକା ଚୀନ ସହ ଯୁଦ୍ଧ କରିବାକୁ ଯାଉନାହିଁ ବୋଲି ପ୍ରକାଶ କରିଥିଲେ । କାରଣ ନିର୍ବାଚନ ପାଇଁ ଟ୍ରମ୍ପ ଯୁଦ୍ଧ କରିବାର କରିବାର ଆଶଙ୍କା ଚୀନ ମନରେ ରହିଥିଲା । ତେଣୁ ମିଲେ ଟ୍ରମ୍ପଙ୍କୁ କିଛି ନଜଣାଇ ଦୁଇଥର ଚୀନ ସେନାଧିକାରୀ ଲି ଓଚେଙ୍ଗଙ୍କ ସହ କଥା ହେବାକୁ ଆମେରିକା ସେନାର ଶତ୍ରୁ ରାଷ୍ଟ୍ର ଚୀନ ନିକଟରେ ଆତ୍ମସମର୍ପଣ କରିବା ସହ ସମାନ ବୋଲି କୁହାଯାଉଛି । ନିକଟରେ ପ୍ରକାଶିତ ପେରିଲ ଶୀର୍ଷକ ପୁସ୍ତକରେ ସାମ୍ବାଦିକ ବବ୍ ଉଡ୍‌ୱାର୍ଡ ଏବଂ ରବର୍ଟ କୋଷ୍ଟା ଏହା ପ୍ରକାଶ କରିଛନ୍ତି । ଅକ୍ଟୋବର ୩୦, ୨୦୨୦ ଏବଂ ୮ ଜାନୁଆରୀ ୨୦୨୧ରେ ମିଲେ ଏହି ଫୋନ ଲିଓଚେଙ୍ଗଙ୍କୁ କରିଥିଲେ । ଆମେରିକା ଅନେକ କ୍ଷେତ୍ରରେ ଏବେ ଶତ୍ରୁ ଦେଶ ପାଖରେ କ୍ରମଶଃ ଆତ୍ମସମର୍ପଣ କରିବାରେ ଲାଗିଥିବା କଥା ଯାହା କୁହାଯାଉଛି ତାହା ସତ୍ୟ ଓ ବିଶ୍ୱାସଯୋଗ୍ୟ ।

+ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୩

## ଓଡ଼ିଶାର ରାଜକୀୟ ନବବର୍ଷ ହେଉଛି ସୁନିଆ



**ଅମୂଲ୍ୟ କୁମାର ପଣ୍ଡା**

ଉତ୍କଳୀୟ ସଂସ୍କୃତି ଓ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଆରମ୍ଭ ହୁଏ ନବବର୍ଷ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରଧାନ ସେବକ ଭାବେ ଗଜପତି ମହାରାଜାଙ୍କର ସେବା ହେଉଛି ପାରମ୍ପରିକ ଓ ବଂଶାନୁକ୍ରମିକ । ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆ ଦିନ ଆରମ୍ଭ ହୁଏ ଗଜପତିଙ୍କ ନୂତନ ଅଙ୍କ । ତେଣୁ ସୁନିଆକୁ ଉତ୍କଳୀୟ ନବବର୍ଷ ବୋଲି ଧରାଯାଏ । ସୁନିଆ ହେଉଛି ଓଡ଼ିଶାର ରାଜକୀୟ ନବବର୍ଷ। କାରଣ ଏହିଦିନ ଓଡ଼ିଶାର ରାଜାମାନଙ୍କର ରାଜତ୍ୱର ନୂଆ ବର୍ଷ ଗଣନା ହୋଇଥାଏ। ଏବେ ରାଜତନ୍ତ୍ର ନ ଥିଲେ ମଧ ରାଜ ପରିବାରମାନଙ୍କରେ ଏ ପର୍ବ ପାଳିତ ହୋଇଆସୁଛି। ବିଶେଷକରି ଏହିଦିନ ଓଡ଼ିଶାର ଗଜପତି ମହାରାଜାଙ୍କର ନୂତନ ଅଙ୍କ ପ୍ରଚଳନ ଏକ ଉତ୍ସବ ରୂପେ ପାଳିତ ହେଉଛି। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥାଏ । ସୁନିଆ ଦିନ ଷୋଳ ଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟିଦେଇ ମହାରାଜାଙ୍କୁ ଆଶିର୍ବାଦ କରିଥାନ୍ତି ଓ ଗଜପତିଙ୍କ ତରଫରୁ ସେମାନଙ୍କୁ ଆତିଥ୍ୟର ବ୍ୟବସ୍ଥା କରାଯାଏ। ସୁନିଆ ଦିନ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଗଜପତି ପୁରୁଣା ନଅର ସ୍ଥଳକୁ ଯାଇ ଶ୍ୟାମାକାଳୀ ଓ ଅଷ୍ଟଶମ୍ଭୁଙ୍କୁ ଦର୍ଶନକରି ଶ୍ରୀନଅର ପ୍ରତ୍ୟାବର୍ତ୍ତନ କରିଥାନ୍ତି । ସୁନିଆ ଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ସେହିଦିନଠାରୁ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ। ସୁନିଆରେ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ସେବା ପାଇଁ ଗଜପତି ମହାରଜା ଶ୍ରୀନଅରରୁ ତାମ୍ରଯାନରେ ବିଜେକରି କଳାଛତି, ଧଳାଛତି ଓ ବାଦ୍ୟବାଜଣା ସହ ପଟୁଆରରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଆସିଥାନ୍ତି । ତାମଜାନ ଅରୁଣ ସ୍ତମ୍ଭ ପାଖରେ ରୁହେ । ଗଜପତି ସେଠାରୁ ଖାଲି ପାଦରେ ଚାଲି ସେବା ନୀତି ସମାପନ କରିଥାନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ମହାରଣୀ ଶ୍ରୀମନ୍ଦିରକୁ ବିଜେ କଲେ ତାହାକୁ ଗହଣ ବିଜେ କୁହାଯାଏ । କୌଣସି କାରଣରୁ ଗଜପତି ଅନୁପସ୍ଥିତି ରହିଲେ ଏହି କାର୍ଯ୍ୟ ମୁଦିରଥ କରିଥାନ୍ତି।

ଏହି ପବିତ୍ର ଦିବସ ସୁନିଆ ଶବ୍ଦର ଅର୍ଥ ବିଭିନ୍ନ ଗବେଷକଙ୍କ ବିଭିନ୍ନ ମତ ଥିଲେ ହେଁ ଅଧିକାଂଶଙ୍କର ମତ ସୁନିଆର ଅର୍ଥ ସ୍ୱର୍ଣ୍ଣମୁଦ୍ରା, ମଉଡ଼, ବା ମୋହର। ଏହିଦିନ ଗୋଟିଏ ସୁନା ମୋହର ଉପରେ ଗଜପତି ମହାରାଜାଙ୍କ ରାଜତ୍ୱର ନୂତନ ଅଙ୍କ ଖୋଦନ କରାଯାଏ ଯାହାକୁ ଅଙ୍କକଟା କୁହାଯାଏ। ଏଣୁ ସୁନିଆ ଶବ୍ଦଟି ସୁନା ବା ସ୍ୱର୍ଣ୍ଣମୁଦ୍ରା ସହିତ ସଂପର୍କିତ ବୋଲି ଅନେକେ ଗବେଷକ କହିଥାନ୍ତି । ଆଉ କେତେକ ଗବେଷକଙ୍କ ମତରେ ସୁନିଆ ଦିନ ଅର୍ଥାତ୍ ଭାଦ୍ରପଦ ମାସର, ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଜନ୍ମଦିନ। ଗଜପତି ମହାରାଜାଙ୍କ ପରମ୍ପରା ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସହିତ ଭକ୍ତି ଓ ସେବା ସୂତ୍ରରେ ଯୋଡ଼ା ହୋଇଛି। ଏଣୁ ଏହି ଦିନଟି ସେ ଦୃଷ୍ଟିରୁ ରାଜକୀୟ ନବବର୍ଷ ରୂପେ ପାଳିତ ହୋଇ ଆସୁଛି। ଓଡ଼ିଶାର ସମସ୍ତ ରାଜା ମଧ ଏହି ସୂତ୍ରରେ ଶ୍ରୀଜଗନ୍ନାଥଙ୍କ ସହ ଯୋଡ଼ି ହୋଇଛନ୍ତି। ପୌରାଣିକ କିମ୍ବଦନ୍ତୀ ଅନୁସାରେ, ଆଷାଢ଼ ଶୁକ୍ଳ ଏକାଦଶୀଠାରୁ ଚାରିମାସ ହେଉଛି ବର୍ଷା ଋତୁ ଦିନ ଅର୍ଥାତ୍ ଆମ ଓଡ଼ିଆରେ ଚତୁର୍ମାସ୍ୟା ବୋଲି କୁହଯାଏ ଆଉ ଭଗବାନ ବିଷ୍ଣୁ ଏହି ସମୟରେ ବିଶ୍ରାମ ନିଅନ୍ତି। ଏଣୁ ଆଷାଢ଼ ଶୁକ୍ଳ ଏକାଦଶୀରେ ନିଦ୍ରା ଯାଇଥିବା ବିଷ୍ଣୁ ଦୁଇମାସ ପରେ ଭାଦ୍ରବ ଶୁକ୍ଳ ଏକାଦଶୀରେ କଡ଼ ଲେଉଟାନ୍ତି। ସେ ନିଦ୍ରାତ୍ୟାଗ କରନ୍ତି ଆଉ ଦୁଇ ମାସ ପରେ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀରେ। ଏଣୁ ଭାଦ୍ରବ ଶୁକ୍ଳ ଏକାଦଶୀ ଠାରୁ ଭଗବାନ ବିଷ୍ଣୁଙ୍କର ପର୍ବ ଆରମ୍ଭ ହୁଏ ଓ ଏହିଦିନ ପରମ ପୁଣ୍ୟପ୍ରଦ। ତେଣୁ ତାହାର ପରଦିନ, ଦ୍ୱାଦଶୀର ପୁଣ୍ୟ ତିଥିରେ ସୁନିଆ ପର୍ବ ପାଳିତ ହେବାର ବିଶେଷ ତାତ୍ପର୍ଯ୍ୟ ରହିଛି ବୋଲି ବହୁ ଗବେଷକ ମତ ପ୍ରକାଶ କରନ୍ତି ।

+ ଅରଙ୍ଗାବାଦ, ବରୀ,
ଯାଜପୁର
(ମୋ) ୯୯୩୮୯୦୬୦୭୦




### ସେ ପରା ଝିଅ

**ବିଜୟଲକ୍ଷ୍ମୀ ପାଣିଗ୍ରାହି**



ଝିଅଟିଏ ବୋଲି ଜନମ କାଳରୁ
ଖୁସି ଦେଖିନି କା ମୁହେଁ
ହସର ଅଭାବେ ଫୁଟାଇଲା ଓଠେ
ମିଠା ହସ ଧାରଟିଏ।

କେତେ ସେବା ଯତ୍ନ ପୁଅଟିଏ ପାଇଁ
କେତେ ମାନସିକ ପୂଜା
ସରବ ଗୁଣରେ ସମ୍ପର୍ଣ୍ଣା ଯେଣୁ ସେ
ତା ପାଇଁ ନ ପଡେ ଖୋଜା।

ଯାହା ଯେତେବେଳେ ମାଗୁଥାଏ ପୁଅ
ମିଳି ଯାଉଥାଏ ତାକୁ
ସେ ମାଗିଲେ କିଛି ତାକୁ ନ ମିଳଇ
ବିହି ଜାଣେ ସାମର୍ଥ୍ୟକୁ।

ଭରସା ପାଏନି ପୁଅ ସାମର୍ଥ୍ୟରେ
ସେ ପାଇଁ ସେ ଘରେ ରୁହେ
ଘର ବଦଳାଇ ଶାଶୁଘରେ ଝିଅ
ଦୁଇକୂଳ ହିତା ହୁଏ।

ସହିପାରେ ବୋଲି ଗରଭ ଯାତନା
ସୃଷ୍ଟିର ସମ୍ଭାର ଦିଏ
ତା ମୁଣ୍ଡରେ ଲଦି ନିନ୍ଦା ଅପବାଦ
ସମାଜ କି ଶାନ୍ତି ପାଏ ?

ଶାସ୍ତ୍ର କହିଅଛି କନ୍ୟାରତ୍ନ ସିଏ
ଭାଗ୍ୟରେ ଥିଲେ ମିଳଇ
ନିର୍ବୋଧ ମାନବ ଜ୍ଞାନ ଶୂନ୍ୟ ହୋଇ
ଭ୍ରୁଣରୁ ହତ୍ୟା କରଇ ।

ପୁଅ ସହ ଝିଅ ପ୍ରତିପାଦେ ସମ
ହୀନ ନୁହେଁ କେଉଁ ଗୁଣେ
କୋମଳ ତନୁରେ କଠୋର ପ୍ରୟାଶ
କାର୍ଯ୍ୟେ ସଫଳତା ଆଣେ।

ସାହସୀ, ସଞ୍ଜମୀ, ସହିଷ୍ଣୁ, ଉଦ୍ୟମୀ
ସୃଷ୍ଟିକରିଣୀ ଭୂ ଲୋକେ
ପାପ ସଂହାରିଣୀ ପ୍ରୀତି ପ୍ରଦାୟିନୀ
ଆପଣା ପଣରେ ଦେଖେ।

ଲୋଡାନାହିଁ ତାର ଦୟା ଅନୁକମ୍ପା
ଶକ୍ତିଙ୍କ ଅଂଶଜ ସିଏ
ମାରିବା, ତାରିବା, ଗଢିବା, ଭାଙ୍ଗିବା
ତା ଆଙ୍ଗୁଳିର ଖେଳ ପ୍ରାୟେ।

+ ଶିକ୍ଷୟିତ୍ରୀ
ଜୟପୁର କୋରାପୁଟ
(ମୋ) ୮୨୪୯୪୫୦୦୫୦

### ଯୁଦ୍ଧ

**ଦେବାଶିଷ ମହାପାତ୍ର**

ଅନେକ ଜୀବନ
ଅନେକ ଗୁଣନ
ଅନେକ ହରଣ,
ମୁଁ ଏବେ ଅନେକ ।

ମୁଁ ପ୍ରସ୍ତୁତ
ଲଢ଼ିବାକୁ ନିଜ ସହ
ନିଜ ବିରୁଦ୍ଧରେ
ତଥାପି
ଜିତିବାର ପ୍ରବଣତା ନାହିଁ
ହାରିବାର ଅବଶୋଷ ବି ନାହିଁ ।

ମୁଁ ଜାଣେ
କିଛି ଫରକ୍ ପଡ଼େନି
ଜିତିଲେ ବା ହାରିଲେ
ଯେମିତି
ମୁଁ ହାରି, ହାରିଗଲି
ଆଉ
ତୁମେ ଜିତି, ହାରିଗଲ !!

(ମୋ) ୯୭୭୬୩୪୯୭୨୨

### ଜହ୍ନ ତ ଜହ୍ନ ପୂନେଇଁ ଜହ୍ନ

**ବିନୟ କୁମାର ସାମଲ**



ଜହ୍ନ ତ ଜହ୍ନ ପୂନେଇଁ ଜହ୍ନ
କଇଁ କି ଅନେଇ ହସେ,
ମନ ତ ମନ କୁଆଁରୀ ମନ
ଅଳପ ପ୍ରେମରେ ରସେ।

ରଜ ତ ରଜ ପହିଲି ରଜ
ବରଷକେ ଥରେ ଆସେ,
ଲାଜ ତ ଲାଜ ନହୁଲି ଲାଜ
ପ୍ରିୟା ମୋ ଲାଜେଇ ହସେ।

ଫୁଲ ତ ଫୁଲ ଗୋଲାପ ଫୁଲ
ଗଭାରେ ଥାଇ କି ବାସେ,
ଗେଲ ତ ଗେଲ ଆଈର ଗେଲ
କାନ୍ଦୁରା ନାତି ବି ହସେ।

ଋତୁ ତ ଋତୁ ବସନ୍ତ ଋତୁ
ମଳୟ ନେଇକି ଆସେ,
ଖେଳ ତ ଖେଳ ରଙ୍ଗ ହୋଲିରେ
ସଭିଙ୍କର ମନ ମିଶେ।

ବଂଶୀ ତ ବଂଶୀ ମୋହନ ବଂଶୀ
ଶୋଭାପାଏ କାହ୍ନୁ ପାଶେ,
ସେ ବଂଶୀ ସ୍ୱନେ ଗୋପୀଙ୍କ ମନ
ଆନନ୍ଦ ଉଲ୍ଲାସେ ଭାସେ।

ଧାନ ତ ଧାନ ବଗର ଧ୍ୟାନ
ମୀନ ଧରିବାର ଆଶେ,
ମନ ତ ମନ ଶିଶୁର ମନ
ଖେଳନା ପାଇଁ କି ରଷେ।

+ (ଅବସର ପ୍ରାପ୍ତ ଶିକ୍ଷକ)
ବେଡାପଡ଼ା, ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ-୭୫୯୦୧୯
(ମୋ)୯୩୩୭୨୪୯୦୬୮

### ଶବ୍ଦ

**ସୁଦର୍ଶନ ମହାପାତ୍ର**

ଫେରାଇ ଦିଅ ମୋର ସବୁ ଶବ୍ଦ
ତାହା ଯଦି ଫୁଲ୍ଟ ହୋଇ
ଫୁଟି ପାରି ନାହିଁ
ତୁମ ହୃଦୟରେ
ଶ୍ରଦ୍ଧା ହୋଇ ବିଗଳିତ ହୋଇ ପାରିନି
ତୁମ ଆଖିରେ
କି ଯାଚି ଦେଇ ପାରିନି ମୁଠାଏ ସ୍ନେହ
ତୁମ ବିବଶତାରେ ....!

ଫେରାଇ ଦିଅ ମୋର ସବୁ ଶବ୍ଦ
ତାହା ଯଦି ଘୋଡାଇ ଦେଇ ପାରିନି
ତୁମ ମୁକୁଳା ଛପର
ବତୁରାଇ ଦେଇ ପାରିନି
ତୁମ ଉଷର କ୍ଷେତକୁ
ପାଣି ମୁନ୍ଦେ ହୋଇ
କି ଯୋଗାଡି ଦେଇ ପାରିନି
ଦି' ମୁଠା ଭାତ
ତୁମ ହାଣ୍ଡିଶାଳରେ....!

ଫେରାଇ ଦିଅ ମୋର ସବୁ ଶବ୍ଦ
ତାହା ଯଦି ଉଷୁମ ଯୋଗାଡି ପାରିନି
ତୁମ ପାଇଁ ଗହନ ଶୀତରେ
ପବନ ହୋଇ ଶୋଷି ପାରିନି
ତୁମ ଶ୍ରମ ଝାଳ ପ୍ରଚଣ୍ଡ ରୌଦ୍ରରେ
କି ସାହାରା ହୋଇନି ତୁମ ସ୍ୱପ୍ନକୁ
ଆଦ୍ୟ ଆଷାଢ଼ରେ.....!!

ମୋ ଶବ୍ଦ ବି ଗଢିବାକୁ ଚାହେଁ
ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅପରୂପ କାନ୍ତି
ମୋ ଶବ୍ଦ ଆଙ୍କିବାକୁ ଚାହେଁ
ହସ ଖିଏ ରଙ୍ଗ ଅଧରରେ
ହେ ଶବ୍ଦବ୍ରହ୍ମ...!
କେବେ ତୁମ ମନ ଜିଣିବି କେଜାଣି
ମୋ କବିତାର ଶବ୍ଦପୁଞ୍ଜରେ.... ?

+ କୁଞ୍ଜବିହାରୀ ଲେନ, କଟକଣ୍ଡ

# ମନ କଥା କହିଲେ ମଲାଇକା



ନିଜ ମନ କଥା କହିଲେ ବଲିଉଡର ମୁନ୍ନି ଓରଫ୍ ମଲାଇକା ଓରୋରା। ଦୀର୍ଘ ଦିନ ପରେ ବଖାଣିଲେ ନିଜ ଇଚ୍ଛା। ସମସ୍ତଙ୍କ ସାମ୍ନାରେ ଖୋଲି କହିଦେଲେ ନିଜ ଅନ୍ତରର କଥା। କିଭଳି ପୁଅ ତାଙ୍କୁ ପସନ୍ଦ ସେ ନେଇ କଲେ ଖୁଲାସା। ଯାହା ଏବେ ବି-ଟାଉନରେ ଚର୍ଚ୍ଚାର ବିଷୟ ପାଲଟିଛି।

ମଲାଇକା ଏବେ 'ଇଣ୍ଡିଆଜ୍ ନେକ୍ସ୍ଟ ମଡେଲ' ଶୋ'ରେ ଜଜ୍ ରୂପେ କାମ କରୁଛନ୍ତି। ଏହି ଶୋ'ରେ ତାଙ୍କୁ କିଭଳି ଯୁବକ ପସନ୍ଦ ସେ ନେଇ ମଲାଇକା ଖୁଲାସା କରିଛନ୍ତି। ମଲାଇକା କହିଛନ୍ତି, 'ମୁଁ ସେହି ପୁଅମାନଙ୍କୁ ପସନ୍ଦ କରେ ଯେଉଁମାନେ ଟିକେ ଶକ୍ତ ଅଟନ୍ତି। ପୁଅମାନଙ୍କ ଚିକ୍କଣ ଚେହେରା ତାଙ୍କୁ ପସନ୍ଦ ନାହିଁ। ଏଥିସହ ଯେଉଁ ପୁଅ ଭଲ କିସ୍ କରିପାରିବେ ମୁଁ ସେମାନଙ୍କୁ ପସନ୍ଦ କରେ ବୋଲି ମଲାଇବା କହିଛନ୍ତି। ମଲାଇକା ଏହା ମଧ୍ୟ କହିଛନ୍ତି ଯେ 'ଯେଉଁ ପୁଅ ଗସିପ୍ କରନ୍ତି ସେମାନଙ୍କୁ ସେ ପସନ୍ଦ କରନ୍ତି ନାହିଁ। ଏହି ସମୟରେ ମଲାଇକାଙ୍କୁ ଅର୍ଜୁନ କପୁରଙ୍କ ବିଷୟରେ ପ୍ରଶ୍ନ କରାଯାଇଥିଲା। ଅର୍ଜନଙ୍କୁ ସେ ଶେଷ ଥର ପାଇଁ କ'ଣ ମେସେଜ ଦେଇଛନ୍ତି ବୋଲି ମଲାଇକାଙ୍କୁ ପଚରାଯିବା ପରେ ସେ ଟିକେ ଲାଜେଇ ଯାଇଥିଲେ। କହିଥିଲେ, 'ଆଇ ଲଭ୍ ୟୁ ଠୁ'। ମଲାଇକା ଆହୁରି କହିଥିଲେ ଯେ 'ଅର୍ଜୁନ କପୁର ତାଙ୍କୁ ଭଲଭାବେ ବୁଝନ୍ତି ଏବଂ ଜାଣନ୍ତି। ଏଥିସହ ହଇରାଣ ମଧ୍ୟ କରନ୍ତି।'

ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ଏକ ସାକ୍ଷାତକାରରେ ଅର୍ଜୁନ କପୁରଙ୍କୁ ମଧ୍ୟ ସମାନ ଉତ୍ତର ଦେଇଥିଲେ। ଅର୍ଜୁନ କହିଥିଲେ, 'ମଲାଇକା ଏପରି ଜଣେ ବ୍ୟକ୍ତି ଯିଏ ମୋତେ ଦେଖି ମୋ ଦିନ କିପରି ଥିଲା ତାହା କହିପାରିବ। ସେ ମୋତେ ବହୁତ ଭଲ ଭାବରେ ବୁଝନ୍ତି।' ସୂଚନାଯୋଗ୍ୟ ଯେ, ଅଭିନେତା ଅରବାଜ ଖାନ୍‌ଙ୍କ ଠାରୁ ଛାଡପତ୍ର ପରେ ମଲାଇକା ଅରୋରା ଅର୍ଜୁନ କପୁର ସହ ଲିଙ୍କ-ଅପ୍‌ରେ ଅଛନ୍ତି। ୨୦୧୯ରୁ ଦୁହିଁଙ୍କ ରିଲେସନସିପ୍ ଆରମ୍ଭ ହୋଇଛି। ପାର୍ଟି ହେଉ ଅବା ହଲିଡେ' ସବୁ ସ୍ଥାନରେ ଏହି ଲଭ୍ ବାର୍ଡଙ୍କୁ ଏକାଠି ଦେଖିବାକୁ ମିଳେ। ଏହି ଦୁଇ ସେଲେବ୍ରିଟି କେବେ ବିବାହ କରିବେ ତାକୁ ନେଇ ଅପେକ୍ଷା କରି ରହିଛନ୍ତି ସେମାନଙ୍କ ପ୍ରଶଂସକ।

# ସଲ୍ଲୁ-କ୍ୟାଟ୍ ଇଲୁ ଇଲୁ

ମେନେ ପ୍ୟାର୍ କ୍ୟୁଁ କିୟା, ହ୍ୟାଲୋ, ପାର୍ଟନର, ଯୁବରାଜ, ଟାଇଗର, ଭାରତ, ଟାଇଗର ଜିନ୍ଦା ହେ, ପରେ ଏବେ 'ଟାଇଗର-୩' ଚଳଚ୍ଚିତ୍ରରେ କ୍ୟାଟ୍ରିନା ସଲମାନ୍ ଖାନ୍‌ଙ୍କ ବିପକ୍ଷର ନାୟିକା ସାଜିଛନ୍ତି। ତୁର୍କୀରେ ସୁଟିଂ ହେଇଥିବା ଏଇ ଚଳଚ୍ଚିତ୍ରର ଗୀତଦୃଶ୍ୟ 'ଜିନେ କେ ହେଁ ଚାର ଦିନ୍'ର ଭିଡିଓକୁ କ୍ୟାଟ୍ରିନା ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ପରେ ତାଙ୍କ ପ୍ରଶଂସକମାନେ କ୍ୟାଟ୍ରିନାଙ୍କୁ ବଧାଇ ଜଣେଇଛନ୍ତି। ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ' ଓ 'ଫୋନ୍ ଭୂତ'ରେ ମଧ କ୍ୟାଟ୍ରିନା ପ୍ରମୁଖ ନାରୀ ଚରିତ୍ରରେ ଅବତୀର୍ଣ୍ଣ ହେଇଛନ୍ତି। କ୍ୟାଟ୍ରିନା ନୂଆ ଚଳଚ୍ଚିତ୍ର 'ଜି ଲେ ଜାରା'ରେ ପ୍ରମୁଖ ଭୂମିକାରେ ଆସୁଛନ୍ତି ବୋଲି ଶୁଣିବାକୁ ମିଳୁଛି।

୨୦୦୫ରେ 'ମେନେ ପ୍ୟାର୍ କ୍ୟୁଁ କିୟା' ଚଳଚ୍ଚିତ୍ରରେ ଏକାଠି ଅଭିନୟ କରିବା ପରେ ସଲ୍ଲୁ ଓ କ୍ୟାଟ୍‌ଙ୍କ ଭିତରେ ଆରମ୍ଭ ହେଇଥିଲା ପ୍ରେମ ସମ୍ପର୍କ। ଲଣ୍ଡନରେ ଜନ୍ମିତ କ୍ୟାଟ୍ରିନା କିନ୍ତୁ ଭାରତୀୟ ବଂଶୋଭବ। ମୁସଲିମ୍ ସମ୍ପ୍ରଦାୟର ଝିଅ ହେଇଥିବାରୁ ସଲମାନ୍ ତାଙ୍କ ପ୍ରତି ଦୁର୍ବଳମନା ହେଇଥିଲେ। ପୂର୍ବରୁ ଐଶ୍ୱର୍ଯ୍ୟା ରାୟଙ୍କ ସହ ବିଗିଡ଼ିଯାଇଥିବା ପ୍ରେମ କ୍ୟାଟ୍ରିନାଙ୍କ ସହ ସଜଡ଼ିଯାଇଥିଲା। ନିବିଡ଼ ପ୍ରେମ ସମ୍ପର୍କରେ ମଧ କିଛିଟା ବ୍ୟବଧାନ ଆସିଥିଲା। ଏପରିକି ସଲମାନ୍ କ୍ୟାଟ୍‌ଙ୍କ ସହ ଅଭିନୟ କରିବେନି ବୋଲି ପଣ କରିଥିଲେ। ସମୟାନ୍ତରରେ ପ୍ରଯୋଜକଙ୍କ ଦାବିକୁ ନେଇ ସଲମାନ୍ ହଁ କରିଥିଲେ। ଏହା ଭିତରେ କିଛି ସିନେମାରେ ସେ କ୍ୟାଟ୍ରିନାଙ୍କ ସହ ଅଭିନୟ ମଧ କରିଛନ୍ତି।



ସଲମାନ୍ ଓ କ୍ୟାଟ୍ରିନାଙ୍କ ପ୍ରେମ ସମ୍ପର୍କକୁ ନେଇ ଥରକୁ ଥର ବିବାଦୀୟ ପରିସ୍ଥିତି ଉପୁଜିଛି। ଏ ଦୁହେଁ ପରସ୍ପରଠାରୁ ଦୂରେଇ ରହିଥିଲେ ମଧ ଅନ୍ତରାଳରେ ସମ୍ପର୍କ ରହିଛି ବୋଲି ଜଣାପଡୁଛି। କାହିଁକି ନା ଏବେ 'ଟାଇଗର-୩' ଚଳଚ୍ଚିତ୍ରରେ ପୁଣି ସଲମାନ୍‌ଙ୍କ ବିପକ୍ଷର ନାୟିକା ସାଜୁଛନ୍ତି କ୍ୟାଟ୍ରିନା। ସତରେ ନ ହେଲେ ବି ପରଦା ଉପରେ ଉଭୟଙ୍କ ପ୍ରେମ ପୁଣି ଦେଖିବାକୁ ମିଳିବ। ପୁଣି ସଲ୍ଲୁ-କ୍ୟାଟ୍‌ଙ୍କ ଭିତରେ ଇଲୁ ଇଲୁ ଦେଖିବାକୁ ମିଳିବ।

# ରଶ୍ମୀକାଙ୍କ 'ଏକ୍ ଚୁଟ୍‌କି ସିନ୍ଦୂର୍'

*ସାଉଥ ସୁନ୍ଦରୀ ତଥା ନ୍ୟାସନାଲ୍ କ୍ରସ୍ ରଶ୍ମୀକା ମନ୍ଦନା। ସେ ଏବେ ବଲିଉଡ୍ ମୁହାଁ ହୋଇଛନ୍ତି। ଆଗୁକୁ ତାଙ୍କର ଆସୁଛି ଦୁଇ ଦୁଇଟି ବଲିଉଡ ଫିଲ୍ମ। ତେବେ ଟଲିଉଡରେ ସଫଳ ହେବା ପରେ ଏବେ ତାଙ୍କ ମୁଣ୍ଡରେ ବଲିଉଡ ଭୂତ ପଶିଛି। ଓଥିପାଇଁ ସେ ଏବେ ବଲିଉଡ ଡାଏଲଗ୍ ସବୁକୁ ପ୍ରାଞ୍ଜଳ କରି ଘୋଷି ଦେଇଥିବା ମନେ ହେଉଛି। ଫିଲ୍ମ 'ଓମ୍ ଶାନ୍ତି ଓମ୍'ର ପ୍ରସିଦ୍ଧ ଡାଏଲଗ୍ ' ଏକ୍ ? ଚୁଟ୍‌କି ସିନ୍ଦୁର୍'କୁ ରି-କ୍ରିଏଟ୍ କରିଛନ୍ତି ରଶ୍ମୀକା। ଫୁଲ୍ ଦମ୍‌ରେ ନିଜ ଓକ୍ସପ୍ରେସନ ସହ ସେ ଓହି ଡାଏଲଗ୍ କହିଛନ୍ତି। ଯାହାର ଭିଡିଓ ଏବେ ସୋଶାଲ୍ ମିଡିଆରେ ଭାଇରାଲ୍ ହୋଇଛି। ରଶ୍ମୀକା ଓକ ସାକ୍ଷାତକାରରେ ଓହି ଡାଏଲଗ କହିଛନ୍ତି। ଓଥିସହ ସ୍କୁଲ ଦିନରୁ ହିଁ ଓହି ଡାଏଲଗ୍‌ଟି ତାଙ୍କର ଫେଭରେଟ୍ ଥିଲା ବୋଲି ସେ କହିଛନ୍ତି। ଓହା ଉପରେ ସେ ସ୍କୁଲରେ ଅନେକ ଅଭିନୟ ମଧ କରିଥିବା ରଶ୍ମୀକା କହିଛନ୍ତି। ସେପଟେ ରଶ୍ମୀକାଙ୍କ ଓହି ଡାଏଲଗ୍ ଭିଡିଓକୁ ଦେଖି ଦୀପିକା ପାଦୁକୋନ୍ ମଧ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦୀପିକା ନିଜ ଇନ୍‌ଷ୍ଟାଗ୍ରାମରେ ରଶ୍ମୀକାଙ୍କ ଉକ୍ତ ଭିଡିଓକୁ ରି-ଶେଆର୍ କରି ଅଦ୍ଭୁତ ବୋଲି ଲେଖିଛନ୍ତି। ତେଲୁଗୁ ଇଣ୍ଡଷ୍ଟ୍ରୀର ଚୁଲବୁଲି ନାୟିକା ରଶ୍ମୀକା ମନ୍ଦନାଙ୍କୁ ଶାନ୍ତି ପ୍ରିୟା ଚରିତ୍ରରେ ଅଭିନୟ କରୁଥିବା ଦେଖି ଦୀପିକା ଖୁସି ବ୍ୟକ୍ତ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ରଶ୍ମୀକା ମନ୍ଦନା ଖୁବ୍‌ଶୀଘ୍ର ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଫିଲ୍ମ 'ମିଶନ ମଜନୁ'ରେ ସେ ନଜର୍ ଆସିବେ। ଓଥିରେ ସିଦ୍ଧାର୍ଥ ମଲହୋତ୍ରାଙ୍କ ଅପୋଜିଟ୍‌ରେ ତାଙ୍କୁ ଦେଖିବାକୁ ମିଳିବ। ଓହା ବ୍ୟତୀତ ତାଙ୍କ ପାଖରେ 'ଗୁଡବାୟ୍' ଫିଲ୍ମ ମଧ ରହିଛି। ଓଥିରେ ସେ ବିଗ୍ ବି' ଅମିତାଭ୍ ବଚ୍ଚନ ଅପୋଜିଟ୍‌ରେ ନଜର୍ ଆସିବେ।*



# ପତ୍ନୀପ୍ରେମୀ ବରୁନ୍

କୋଭିଡ୍ ସଂକ୍ରମଣ ଓ ଲକ୍‌ଡାଉନ୍ ବିଶେଷ କରି କଳାକାର ଓ କ୍ରୀଡ଼ାବିତମାନଙ୍କୁ ନିଜ ପରିବାର ସହ ଯୋଡ଼ିବାରେ ସହାୟ ହେଲା। ଏହା ଭିତରେ ବଲିଉଡ୍ ଅଭିନେତା ବରୁନ୍ ଧାୱନ୍ ତାଙ୍କ ଦୀର୍ଘଦିନର ପ୍ରେମିକା ତଥା କ୍ଲାସମେଟ୍ ନତାଶା ଦଲାଲ୍‌ଙ୍କୁ ବିବାହ କଲେ। ବିବାହ ପରେ ଅବଶ୍ୟ ଏଇ ନବବିବାହିତ ଦମ୍ପତି ସୋସିଆଲ୍ ମିଡିଆରେ ସକ୍ରିୟ ନାହାନ୍ତି କି ସର୍ବସାଧାରଙ୍କ ନଜରକୁ ଆସିନାହାନ୍ତି। ନିକଟରେ ବରୁନ୍-ନତାଶାଙ୍କର କିଛି ଫଟୋ ପୁଣି ସୋସିଆଲ ମିଡିଆରେ ଭାଇରାଲ୍ ହେଇଛି। ଏଥିରେ ଦୁହେଁ ବେଶ୍ ପୁଲକିତ ଥିବାର ଦେଖିବାକୁ ମିଳିଛି। ନତାଶାଙ୍କୁ ବରୁନ୍ ଏତେ ଭଲ ପାଉଛନ୍ତି ଯେ ତାଙ୍କୁ ନିଜ କୋଳରେ ବସାଇ ଗେଲ କରୁଛନ୍ତି। ଆଉ ଏକ ଫଟୋରେ ବରୁନ୍ ଖୁସିରେ ଅଧୀର ହେଇ ୱାଇନ୍ ଗ୍ଲାସ୍ ଧରିଥିବାର ଦେଖିବାକୁ ମିଳିଛି। ବରୁନ୍ ଏକ ନୀଳରଙ୍ଗର ସିଲ୍‌କ ସାର୍ଟ ପିନ୍ଧିଥିବା ବେଳେ ନତାଶା ଏକ ସାଧାରଣ ପ୍ରିଣ୍ଟେଡ ପୋଷାକ ପିନ୍ଧିଛନ୍ତି। ନିଜ ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିବା ଏଇ ଫଟୋ ତଳେ ବରୁନ୍ ଲେଖିଛନ୍ତି 'ଦ ଓନଲି ୱେ ଆଇ ନୋ ଆଇ ଆମ ଏଲିଭ୍'।

# ଚୈତନ୍ୟ-ସାମନ୍ଥା ଯୋଡ଼ିରେ ଫାଟ



ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ହଟ ଓ ସୁପରହିଟ୍ କପଲ ନାଗା ଚୈତନ୍ୟ ଓ ସାମନ୍ଥା ରୁଥ ପ୍ରଭୁଙ୍କ ସମ୍ପର୍କରେ ଦେଖାଦେଇଛି ଫାଟ। ଏନେଇ କେହି ମୁହଁ ଖୋଲୁ ନ ଥିଲେ ବି ଏହାକୁ ନେଇ ଗସିପ୍ ଜୋର ଧରିବାରେ ଲାଗିଛି। ଏପରିକି କିଛି ଦିନ ପୂର୍ବେ ଉଭୟ ଫ୍ୟାମିଲି କୋର୍ଟ ଯାଇଥିବା ବେଳେ ଓକିଲଙ୍କୁ ସାକ୍ଷାତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସାଉଥ ସୁପରଷ୍ଟାର ଚିରଞ୍ଜୀବଙ୍କ ପୁଅ ନାଗା ଚୈତନ୍ୟ ଓ ତାଙ୍କ ପତ୍ନୀ ସାମନ୍ତା ରୁଥ ପ୍ରଭୁ ୨୦୧୦ ମସିହାରୁ ପରସ୍ପରକୁ ଡେଟ୍ କରୁଥିଲେ। ପ୍ରାୟ ୭ ବର୍ଷ ଧରି ଉଭୟଙ୍କ ମଧ୍ୟରେ ଭଲ ପାଇବା ଚାଲିବା ପରେ ୨୦୧୭ ମସିହା ଅକ୍ଟୋବର ୯ରେ ବେଶ୍ ରାଜକୀୟ ଠାଣିରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ହେଲେ ଏବେ ଉଭୟଙ୍କ ସମ୍ପର୍କକୁ କାହାର ନଜର ଲାଗି ଯାଇଥିବା ଆଲୋଚନା ହେଉଛି। ଉଭୟ ପକ୍ଷରୁ ଏନେଇ କିଛି ସ୍ପଷ୍ଟୀକରଣ ଦିଆଯାଇନି। ଏପରିକି ଏହି କପଲ ଏବେ ଅଲଗା ରହୁଥିବା ବେଳେ ତଲାକ୍ ନେବାକୁ ପ୍ଲାନିଂ କରୁଥିବା ଶୁଣିବାକୁ ମିଳୁଛି। ଏହି ୨ ଜଣଙ୍କ ସମ୍ପର୍କରେ ଦେଖାଦେଇଥିବା ଫାଟର କାରଣ ନେଇ ଉଭୟ ମୁହଁ ଖୋଲୁ ନ ଥିବା ବେଳେ ଏହା ପଛର କାରଣ ନେଇ ଚର୍ଚ୍ଚା ଜୋର ଧରିଛି। ମିଡିଆ ରିପୋର୍ଟ୍ସ ମୁତାବକ, ଉଭୟଙ୍କ ସମ୍ପର୍କରେ ଫାଟର କାରଣ ସାମନ୍ଥାଙ୍କର ଫିଲ୍ମ ଓ ନିଜ କ୍ୟାରିଅର ପ୍ରତି ଅହେତୁକ ଦୁର୍ବଳତାକୁ ଧରାଯାଉଛି। ବିବାହ ପରେ ବି ସାମନ୍ଥା ଆକ୍ଟିଂରେ ଫୁଲ୍ ବିଜି ରହୁଛନ୍ତି। ଏପରିକି ଗ୍ଲାମରସ୍ ହଟ ଫଟୋଶୁଟ ବି କରାଉଛନ୍ତି। ଯାହାକି ତାଙ୍କ ସ୍ୱାମୀ ନାଗା ଚୈତନ୍ୟ ଓ ଶ୍ୱଶୁର ନାଗାର୍ଜୁନଙ୍କୁ ପସନ୍ଦ ଆସୁ ନାହିଁ। ସେମାନେ ଶାଶୁ ଅମଲା ଅକ୍କିନେନିଙ୍କ ପରି ହେବାକୁ ସାମନ୍ଥାଙ୍କୁ ବୁଝାଉଥିଲେ ମଧ ଏହାକୁ ସେ ଗ୍ରହଣ କରିପାରୁ ନାହାନ୍ତି। ସାମନ୍ଥା ଶେଷ ଥର ଫ୍ୟାମିଲି ମ୍ୟାନ୍-୨ରେ ଖୁବ୍ ବୋଲ୍ଡ ରୋଲ ପ୍ଲେ କରିଥିବା ବେଳେ ଏହାର ପ୍ରଭାବ ମଧ ସେମାନଙ୍କ ବୈବାହିକ ଜୀବନରେ ପଡ଼ିଥିବା ଶୁଣିବାକୁ ମିଳିଛି। ତେଣୁ ଏହି ସେଲିବ୍ରେଟି କପଲ ଏକାଠି ରହୁଛନ୍ତି ନା ଅଲଗା ଅଲଗା ରାସ୍ତା ବାଛିନେବେ ତାହା ସମୟ କହିବ।





# ନୃତ୍ୟରୁ ଅଭିନୟ ଆଡ଼କୁ ବୈଶାଳୀ



ଓଡ଼ିଆ ଚଳଚ୍ଚିତ୍ର 'କେଦାରଗୌରୀ'ରେ କେଦାର ଭୂମିକାରେ ଅସିତ ଏବଂ ଗୌରୀ ଭୂମିକାରେ ବୈଶାଳୀ ଅବତୀର୍ଣ୍ଣ ହେଇଛନ୍ତି। ବିଶ୍ୱଜିତ ପଣ୍ଡା ଓ ଅରୁବାବା ମହାନ୍ତଙ୍କ ଚିତ୍ରନାଟ୍ୟ ପ୍ରସ୍ତୁତି ଏବଂ ଚିତ୍ତରଂଜନ ଆଚାର୍ଯ୍ୟଙ୍କ ବ୍ୟବସ୍ଥାପନାରେ ଏଇ ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ ପଣ୍ଡା। ଓଡ଼ିଶାର ପ୍ରଖ୍ୟାତ କବି ସ୍ୱର୍ଗତ ରାଧାନାଥ ରାୟଙ୍କ କବିତା ପୃଷ୍ଠଭୂମିକୁ ଆଧାର କରି ଏଇ ଚଳଚ୍ଚିତ୍ରର କଥାବସ୍ତୁ ପ୍ରସ୍ତୁତ ହେଇଛି। ଓଡ଼ିଶୀ ନୃତ୍ୟକଳାରେ ଉଚ୍ଚତର ଅଧ୍ୟୟନ ପାଇଁ ନୃତ୍ୟଶିଳ୍ପୀ ବୈଶାଳୀଙ୍କୁ ଭାରତ ସରକାରଙ୍କ ପକ୍ଷରୁ ମେଧାବୃତ୍ତି ମିଳିଛି। ସେ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ ନୃତ୍ୟଶିଳ୍ପୀ। ଜାତୀୟ ଏବଂ ଅନ୍ତର୍ଜାତୀୟ ନୃତ୍ୟଉତ୍ସବରେ ତାଙ୍କୁ ଏକକ ନୃତ୍ୟ ପରିବେଷଣର ସୁଯୋଗ ମିଳିଛି। ୨୦୧୬ରେ ଜାତୀୟ ପୁରସ୍କାର ପ୍ରାପ୍ତ ଚଳଚ୍ଚିତ୍ର 'ଦ ୱାଟରଫଲ୍'ରେ ତାଙ୍କୁ ପ୍ରଥମେ ଅଭିନୟର ସୁଯୋଗ ମିଳିଲା। ଏହାପରେ ସେ ଦିଲ୍ଲୀରେ ମାସ୍ କମ୍ୟୁନିକେସନ୍‌ରେ ସ୍ନାତକୋତ୍ତର କଲେ। ଏହି ସମୟରେ ସେ ଥିଏଟର ତଥା ମଞ୍ଚନାଟକରେ ସକ୍ରିୟ ହେଲେ। ନୃତ୍ୟରୁ କ୍ରମଶଃ ସେ ଅଭିନୟ ପ୍ରତି ଅଧିକ ଯତ୍ନବାନ ହେଲେ। ବୈଶାଳୀ ହିନ୍ଦୀ ଚଳଚ୍ଚିତ୍ର 'ବଧାଇ ହୋ'ରେ ସହ ନିର୍ଦ୍ଦେଶିକା ଭାବେ କାମ କରି କିଛି ଅଭିଜ୍ଞତା ହାସଲ କଲେ। ନିକଟରେ ମୁକ୍ତିଲାଭ କରିଥିବା ତାଙ୍କ ଅଭିନୀତ ଦୁଇଟି ମ୍ୟୁଜିକ୍ ଆଲବମ୍ 'ଏ ମନ ମୋ ମନ' ଓ 'କୁଞ୍ଜୁକୁଞ୍ଜିଆ ବାଳ' ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହେଇଛି। ବୈଶାଳୀ ରୁଦ୍ରାକ୍ଷ ଫାଉଣ୍ଡେସନ୍‌ରେ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟଶିକ୍ଷା ଆରମ୍ଭ କରିଥିଲେ। ଓଡ଼ିଶା ଡ୍ୟାନ୍ସ ଏକାଡେମିର ଅରୁଣା ମହାନ୍ତିଙ୍କ ପ୍ରତ୍ୟକ୍ଷ ଶିକ୍ଷାରେ ସେ ଓଡ଼ିଶୀ ନୃତ୍ୟରେ ଉଚ୍ଚଶିକ୍ଷା ଲାଭ କରିଛନ୍ତି।

# ଜଳ ସଞ୍ଚୟ ସଚେତନତା ବାର୍ତ୍ତା ବାଣ୍ଟୁଛି ନୂଆ ଆଲବମ୍ 'ପାଣି'

ବିଶ୍ୱ ପାଇଁ ପାଣି ସଞ୍ଚୟର ବାର୍ତ୍ତା ନେଇ ଓ ଏ ସଂକ୍ରାନ୍ତରେ ଜନସଚେତନତା ସୃଷ୍ଟି ପାଇଁ 'ପାଣି' ନାମରେ ଏକ ଆଲବମ୍ ମୁକ୍ତିଲାଭ କରିଛି। ପରିଚୟ ଗ୍ରୁପ୍ ତରଫରୁ ପ୍ରସ୍ତୁତ କରାଯାଇଥିବା ଏହି ଭିନ୍ନସ୍ୱାଦର ଆଲବମ୍ ନିକଟରେ ଲୋକାର୍ପିତ ହୋଇଛି। 'ପାଣି'ର ସଙ୍ଗୀତ ସଂଯୋଜନା ଓ ନିର୍ଦ୍ଦେଶନା ଭାର ଅଜୟ କୁମାର ଦାଶ ବହନ କରିଥିବା ବେଳେ ଗୀତରଚନା କରିଛନ୍ତି ତାପସ ଓ ଭିଜୁଆଲ୍ ନିର୍ଦ୍ଦେଶନା ଦେଇଛନ୍ତି ଆଦର୍ଶ। ଏଥିରେ ରାଜ୍ୟର ଜଣାଶୁଣା କଣ୍ଠଶିଳ୍ପୀ ସୌରଭ, ଗୌତମ, ଅନ୍ତରା, ସ୍ୱପ୍ନା, ଅରୋଶିଷ ଓ ଭାଗ୍ୟଶ୍ରୀ କଣ୍ଠଦାନ କରିଛନ୍ତି । ଏହି ଆଲବମ୍‌ଟି ପସନ୍ଦଯୋଗ୍ୟ ହୋଇଛି। ପରିଚୟ ନାମରେ ଏକ ସଙ୍ଗୀତ ଅନୁଷ୍ଠାନ ବିଗତ ୪ ବର୍ଷ ହେଲା କାର୍ଯ୍ୟକରୁଛି। ଅଜୟ କୁମାର ଦାଶ ଓ ସ୍ୱପ୍ନା ପାତ୍ରଙ୍କ ମିଳିତ ଉଦ୍ୟମରେ ଗଢାଯାଇଛି ଏହି ଅନୁଷ୍ଠାନ । ପରିଚୟ ତରଫରୁ ନୂତନ ପିଢିର ଯୁବକଯୁବତୀ ଓ ଛୋଟ ପିଲାଙ୍କୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଓ ଓଡ଼ିଶୀ ସଙ୍ଗୀତ ଶିକ୍ଷା ପ୍ରଦାନ କରାଯାଉଛି। ପ୍ରତିବର୍ଷ ଅନୁଷ୍ଠାନ ତରଫରୁ କଳାକାରମାନଙ୍କୁ ନେଇ ବିଭିନ୍ନ ପୁରୁଣା ଗୀତ ପରିବେଷଣ କରାଯାଇ ପ୍ରତିଭାବାନ ଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥାଏ। ଏହି କାର୍ଯ୍ୟକ୍ରମ କଳାକାରମାନଙ୍କୁ ଉତ୍ସାହ ଦେବା ସହ ଆଗକୁ ବଢିବାରେ ସାହାଯ୍ୟ କରିଥାଏ ।




# ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପଡ଼ିଗଲି ତୋ ପ୍ରେମରେ'

ଏ ଜୀବନ କେବେ ସୁଖର ଜୁଆର, କେବେ ଦୁଃଖର ସହର। ଏଇ ସୁଖଦୁଃଖ ମିଶା ଜୀବନ ଭିତରେ ଚିରୁ ଭଲପାଏ ଲିଲିକୁ। ଦୁହେଁ ଦୁହିଁଙ୍କୁ ନିଜ ଜୀବନଠୁ ଅଧିକ ଭଲପାଆନ୍ତି। ହେଲେ ହଠାତ୍ ଦିନେ ଜଣାପଡ଼େ ଚିରୁକୁ କ୍ୟାନ୍ସର ରୋଗ ଗ୍ରାସ କରିଛି। ଚିରୁକୁ ଲିଲି ଜୀବନଠୁ ଦୂରେଇ ଦେଉଛି। କିନ୍ତୁ ଚିରୁ ଲିଲିକୁ ଏକା କରି ଏ ଦୁନିଆ ଛାଡ଼ି ଯିବ କେମିତି ? ଅନେକ ଭାବିବା ପରେ ଚିରୁ ନିଷ୍ପତ୍ତି ନିଏ, ଅସ୍ମିତ ହେଉଛି ଲିଲି ପାଇଁ ଯୋଗ୍ୟ। ଶେଷରେ ଚିରୁ ଅସ୍ମିତ ହାତରେ ଲିଲିର ହାତକୁ ଛନ୍ଦିଦେଇ ଏ ଦୁନିଆରୁ ଚିରଦିନ ପାଇଁ ବିଦାୟ ନିଏ।ଏମିତି ଏକ କାହାଣୀକୁ ନେଇ ନୂଆ ଓଡ଼ିଆ ଚଳଚ୍ଚିତ୍ରର 'ପଡ଼ିଗଲି ତୋ ପ୍ରେମରେ'ର ବିଷୟବସ୍ତୁ ପର୍ଯ୍ୟବସିତ। ମା' ସର୍ବମଙ୍ଗଳା ପ୍ରଡକ୍ସନ୍‌ସ ନିର୍ମାଣ କରିବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପଡ଼ିଗଲି ତୋ ପ୍ରେମରେ'। ଏହାର କାରଣୀ ପରିକଳ୍ପନା, ଚିତ୍ରନାଟ୍ୟ ପ୍ରସ୍ତୁତି ଏବଂ ନୃତ୍ୟ ନିର୍ଦ୍ଦେଶନା ସହିତ ପ୍ରଯୋଜନା କରୁଛନ୍ତି ଚିରଞ୍ଜିବୀ ବେହେରା। ସଂଳାପ ଲେଖିଛନ୍ତି ଗୀତପ୍ରସାଦ ପାଣିଗ୍ରାହୀ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସୌଭାଗ୍ୟ କୁମାର ସାମଲ। ଉକ୍ତ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଚିରଞ୍ଜିବୀ ବେହେରା ଓ ନାୟିକା ଭୂମିକାରେ ଅଛନ୍ତି ଅର୍ଚ୍ଚି ପ୍ରଧାନ। ଏଥିରେ ଅନ୍ୟତମ ନାୟକ ଭାବେ ଅବତାର ସିଂ ଏବଂ ଖଳନାୟକ ଭୂମିକାରେ ମହମ୍ମଦ ବବ୍ ?ଲୁ ଥିବାବେଳେ ବିଶ୍ୱାବସୁ ରାଜଗୁରୁ, ଟୁନା ଟନ୍‌ଟନ୍, କାଳୀଚରଣ ରଥ, ଜି. ମହେଶ ରାଓ, ମୋନାଲିସା ମିଶ୍ର, ତାନଭି ଅଗ୍ରୱାଲ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ସମାଜ ମଙ୍ଗଳ ହୁଣ୍ଡିର ଆଲୋଚନାଚକ୍ର

ଭୁବନେଶ୍ୱର,୨୩/୯ (ନି.ପ୍ର): ଅସହାୟ କର୍କଟ ପୀଡ଼ିତଙ୍କ ପାଇଁ ପ୍ରତିଷ୍ଠା କରାଯାଇଥିବା ସମାଜ ମଙ୍ଗଳ ହୁଣ୍ଡିର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଓ ଏକ ଆଲୋଚନାଚକ୍ର ଉତ୍କଳ ସାମ୍ବାଦିକ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜ ମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ବାପୁ ଓଝାଙ୍କର ଅଧକ୍ଷତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସମାଜ ମଙ୍ଗଳ ହୁଣ୍ଡି ସ୍ଥାପନ କରିଥିବା ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ହୁଣ୍ଡି ସଭ୍ୟତାର ଉତ୍ପତି, ଗତି ଓ ସାମ୍ପ୍ରତିକ ସ୍ଥିତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ସମାଜସେବୀ ଶସ୍ମିତା ଦାସ, ସମାଜସେବୀ ତଥା କବୟତ୍ରୀ ଡଃ ବନ୍ଦନା ହରିଚନ୍ଦନ, ସମାଜସେବୀ ତଥା ସଙ୍ଗଠିକା ବିନ୍ଦାସ ଚିନୁ, ଅଧାପକ ଡଃ ଅସିତ୍ ଦାସ, କଣ୍ଠଶିଳ୍ପୀ ଡଃ ଜୟଶ୍ରୀ ଧଳ, ସମାଜସେବୀ ମହାସଂଘର କାର୍ଯ୍ୟକାରୀ ସଭାପତି ବାପି ମହାନ୍ତି, ସମାଜସେବୀ ମେନକା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଜିଲ୍ଲାରେ ସମାଜ ମଙ୍ଗଳ ହୁଣ୍ଡିର ପ୍ରତିଷ୍ଠା କରି କର୍କଟ ପୀଡ଼ିତଙ୍କୁ ସେବା ଯୋଗାଉଥିବା ସମାଜସେବୀମାନଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ସମାଜ ମଙ୍ଗଳ ହୁଣ୍ଡି ରାଜ୍ୟର ବିଭିନ୍ନ ଜିଲ୍ଲା ଓ ଛକରେ ସ୍ଥାପନ ହେଲେ ରାଜ୍ୟର ବହୁ ଅସହାୟ ଗରିବ କର୍କଟ ରୋଗୀ କିଛି ସାହାଯ୍ୟ ପାଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ଜିଲ୍ଲାର ହୁଣ୍ଡି ପ୍ରତିଷ୍ଠାତାଙ୍କ ମଧ୍ୟରେ ସମାଜସେବୀ ନାରାୟଣ ବିଶ୍ୱାଳ, ଚିତରଞ୍ଜନ ଦାସ, ଶିବଶଙ୍କର ଡାକୁଆ, ସୁଶାନ୍ତ ନାୟକ, ଲିପିକା ରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ରାଜ୍ୟ ସମାଜ ମଙ୍ଗଳ ହୁଣ୍ଡିର ରାଜ୍ୟ ସଂଯୋଗ ରକ୍ତଦାତା ତନ୍ମୟ ସାମନ୍ତରାୟ।

# ଦୁର୍ନୀତି ଓ ଅନିୟମିତତାର ଗନ୍ତାଘର ପାଲଟିଛି ସାଧାରଣ ଉଦ୍ୟୋଗ ବିଭାଗ : କଂଗ୍ରେସ

ଭୁବନେଶ୍ୱର,୨୩/୯ (ନି.ପ୍ର): ସାଧାରଣ ପ୍ରଶାସନ ବିଭାଗ ଦୁର୍ନୀତି ଓ ଅନିୟମିତାରେ ବୁଡ଼ି ଯାଇଛି ଏବଂ ଏହାର କାର୍ଯ୍ୟାଳୟ ସ୍ୱାସ୍ଥ୍ୟବୀମା କମ୍ପାନୀ ଗୁଡ଼ିକର ଅଫିସ ପାଲଟି ଯାଇଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ଅଫିସରଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପ୍ରଦେଶ କଂଗ୍ରେସ ଦାବି କରିଛି।

ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଅମିୟ ପାଣ୍ଡବ ଅଭିଯୋଗ କରିଛନ୍ତି ଯେ ଗତ ୭ ବର୍ଷ ହେଲା ବିଭାଗର ପ୍ରମୁଖ ଶାସନ ସଚିବ କୌଣସି କାମ ନକରି ଆଡା ଜମାଇ ବସିଛନ୍ତି। ଦିନଟିଏ ମଧ୍ୟ ଅଫିସକୁ ଆସୁ ନାହାଁନ୍ତି। ଗତ ମୌସୁମୀ ଅଧିବେସନରେ ମୁଖ୍ୟ ଶାସନ ସଚିବ ସବୁ ବିଭାଗ ପାଇଁ ଏକ ନିର୍ଦ୍ଦେଶନାମ ଜାରି କରିଥିଲେ ଯେ କୌଣସି ସଚିବ ବା ବିଭାଗୀୟ ଅଧିକାରୀ ବିନା ଅନୁମତିରେ ବାହାରକୁ ଯାଇପାରିବେ ନାହିଁ। ମାତ୍ର ସାଧାରଣ ଉଦ୍ୟୋଗ ବିଭାଗର ଦିନଟିଏ ମଧ୍ୟ ଅଫିସ ଆସିଲେ ନାହିଁ। ସେହିପରି ୨୦୧୮ ମାର୍ଚ୍ଚ ମାସରେ ଅର୍ଥବିଭାଗର ନିର୍ଦ୍ଦେଶନାମା କହିଛି ଯେ ଯଦି କୌଣସି ବିଭାଗ ସ୍ୱତନ୍ତ୍ର ପରାମର୍ଶଦାତା ନିଯୁକ୍ତ କରେ, ଅତିବେଶିରେ ସେମାନେ ମାସିକ ୪୨ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ନେଇପାରିବେ। ମାତ୍ର ଏଠାରେ ନିଯୁକ୍ତ ପରାମର୍ଶଦାତା ମାନେ ୭୦ ହଜାରରୁ ଉର୍ଦ୍ଧ୍ୱ ଦରମା ନେଉଛନ୍ତି କିପରି? ୨୦୧୯-୨୦ ବର୍ଷରେ ଏହା ଅଧିନସ୍ଥ ୯ଟି ନିଗମରେ ୧୭୩୩ କୋଟି ଟଙ୍କା କ୍ଷତି ହୋଇଛି। ତାଙ୍କ ଅଧିନରେ ୩୭ଟି ନିଗମ ମଧ୍ୟରୁ କେତୋଟିକୁ ସିଏ ପରିଦର୍ଶନ କରିଛନ୍ତି ବା ସମୀକ୍ଷା ବୈଠକ ଡାକିଛନ୍ତି ତାର ହିସାବ ଦିଅନ୍ତୁ ବୋଲି ଦାବି କରିବା ସହ ସୋସାଇଟ ଅର୍ଥରେ କିଣାଯାଇଥିବା ପ୍ରାୟ ୯୦ ହଜାର ଟଙ୍କା ମୂଲ୍ୟର ଜେନେରେଟର ସେଟ କେଉଁ ବାବୁଙ୍କ ବାସଭବନରେ ଲାଗିଛି ତାହାର ତଦନ୍ତ ଦାବି କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି କାର୍ଯ୍ୟାଳୟଟି ଗତ ୪ ବର୍ଷ ହେଲା ସ୍ୱାସ୍ଥ୍ୟବୀମା କମ୍ପାନୀଗୁଡ଼ିକର ଶାଖା କାର୍ଯ୍ୟାଳୟ ପାଲଟି ଯାଇଛି ଏବଂ ସେଠି ସରକାରୀ କର୍ମଚାରୀ ଓ ବିଭିନ୍ନ ନିଗମ କର୍ମଚାରୀଙ୍କୁ ବର୍ଷ ତମାମ ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ କରିବାର କାମ ଚାଲିଛି। ରିତମତ ଟେବୁ ଚୌକି ପକାଇ କମ୍ପାନୀର ଏଜେଂଟମାନେ ସେମାନଙ୍କ ବ୍ୟବସାୟ କରୁଥିବାରୁ ପ୍ରତିଦିନ ଶହ ଶହ ଲୋକଙ୍କ ଭିଡ଼ ଜମୁଛି। ଏଥିରେ ଏହି ଅଫିସର ମାନଙ୍କ ସହଯୋଗ ଓ ସଂପୃକ୍ତି କେବଳ ନୁହେଁ ତୃତୀୟ ପକ୍ଷର ଏଜେଂଟ ଭାବେ ପ୍ରତ୍ୟକ୍ଷ ଲାଭାଂଶର ଅଂଶୀଦାର ବୋଲି ଅଭିଯୋଗ କରି ସେ ଆପାରଗ ଅଫିସରଙ୍କୁ ତୁରନ୍ତ ସେଠୁ ହଟାଇବା ସହ ସମସ୍ତ ଦୁର୍ନୀତି ଓ ଅନିୟମିତାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ପାଣ୍ଡବ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ପଦ୍ମାକର ଗୁରୁ ଏବଂ ପ୍ରଶାନ୍ତ ଶତପଥି ଉପସ୍ଥିତ ଥିଲେ।

# ୪ ଦିନ ପାଇଁ ଆଂଶିକ ବାତିଲ ରହିବ ଅମରାବତୀ ବିଶେଷ ଟ୍ରେନ

ଭୁବନେଶ୍ୱର,୨୩/୯ (ନି.ପ୍ର): ଦକ୍ଷିଣ ପଶ୍ଚିମ ରେଳପଥ ଅନ୍ତର୍ଗତ ହୁବାଲୀ-ମାଡଗାଓଁ ରେଳ ସେକ୍ସନର ସାନଭର୍ଦ୍ଦମ୍ ଚୁଚ୍-ଚାନ୍ଦର-ମାଡଗାଓଁ ରେଳ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ପାଇଁ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ୦୮୦୪୭/୦୮୦୪୮ ହାଓଡ଼ା-ଭାସ୍କୋ ଡା ଗାମା-ହାଓଡ଼ା ଅମରାବତୀ ସ୍ପେଶାଲ୍ ଉଭୟ ପାର୍ଶ୍ୱରୁ ଚାରି ଦିନ ପାଇଁ ହାଓଡ଼ା-ହୁବାଲୀ ମଧ୍ୟରେ ଚଳାଚଳ କରିବ ଏବଂ ହୁବାଲୀ ଓ ଭାସ୍କୋ ଡା ଗାମା ମଧ୍ୟରେ ବାତିଲ ରହିବ । ହାଓଡ଼ା ଠାରୁ ଅକ୍ଟୋବର ମାସ ୨, ୪, ୫ ଏବଂ ୭ ତାରିଖ ଦିନ ଛାଡୁଥିବା ୦୮୦୪୭ ହାଓଡ଼ା- ଭାସ୍କୋ ଡା ଗାମା ଅମରାବତୀ ସ୍ପେଶାଲ୍ ହୁବାଲୀ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ହୁବାଲୀ ଓ ଭାସ୍କୋ ମଧ୍ୟରେ ବାତିଲ ରହିବ । ଭାସ୍କୋ ଡା ଗାମା ଠାରୁ ଅକ୍ଟୋବର ମାସ ୫, ୭, ୮ ଏବଂ ୧୦ ତାରିଖ ଦିନ ଛାଡ଼ିବାକୁଥିବା ୦୮୦୪୮ ଭାସ୍କୋ ଡା ଗାମା-ହାଓଡ଼ା ଅମରାବତୀ ସ୍ପେସିଆଲ୍ ଭାସ୍କୋ ଡା ଗାମା ପରିବର୍ତେ ହୁବାଲୀ ରୁ ଯାତ୍ରା ପ୍ରାରମ୍ଭ କରିବ ଏବଂ ଏହା ଭାସ୍କୋ ଓ ହୁବାଲୀ ମଧ୍ୟରେ ବାତିଲ ରହିବ।

# ଗ୍ରୀନ୍ ୱାଲଡ୍ ଟ୍ରଷ୍ଟର ମିଶନ ଗ୍ରୀନ୍: ଏକାମ୍ର କଲେଜରେ ଚାରା ରୋପଣ

ଭୁବନେଶ୍ୱର,୨୩/୯ (ନି.ପ୍ର): ଗ୍ରୀନ୍ ୱାଲ୍ଡ ଟ୍ରଷ୍ଟ ପକ୍ଷରୁ ମିଶନ ଗ୍ରୀନ୍-୨୧ ପରିପ୍ରେକ୍ଷିରେ ଏକାମ୍ର କଲେଜ ପରିସରରେ ବିଜେଡି ଲିଗାଲ ସେଲ ସହଯୋଗରେ ବ୍ୟାପକ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଟ୍ରଷ୍ଟର ଅଧକ୍ଷ ନୃପେଶ କୁମାର ନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ଏଥିରେ ଲିଗାଲ ସେଲର ସଦସ୍ୟଗଣ, ବହୁ ମୁରବୀ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ଏହି ଗଛକୁ ବଚାଂଇ ରଖିବା ପାଇଁ ପ୍ରତିଦିନ ପାଣି ଦିଆଯିବା ବ୍ୟବସ୍ଥା କରାଯାଇଛି ବୋଲି କୁହାଯାଇଛି ।




# ଉଦ୍ୟୋଗ ପାର୍କ- ଭୁବନେଶ୍ୱର ଦ୍ୱାରା ଷ୍ଟାର୍ଟ ଅଫ୍ ପାଇଁ ୨.0 ଖୋଲା ଚ୍ୟାଲେଞ୍ଜର ଶୁଭାରମ୍ଭ

ଭୁବନେଶ୍ୱର,୨୩/୯ (ନି.ପ୍ର): ଉଦ୍ୟୋଗ ପାର୍କ-ଭୁବନେଶ୍ୱର ଦ୍ୱାରା ଷ୍ଟାର୍ଟ ଅଫ୍ ପାଇଁ ୨.୦ ଖୋଲା ଚ୍ୟାଲେଞ୍ଜକୁ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆର ମହାନିର୍ଦ୍ଦେଶକ ଡ. ଓମ୍କାର ରାୟଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଏହି ଖୋଲା ଚ୍ୟାଲେଞ୍ଜ ପ୍ରୋଗ୍ରାମରେ ଉଦ୍ୟୋଗୀମାନଙ୍କ ଦରଖାସ୍ତକୁ ସିଧାସଳଖ ଅନ୍‌ଲାଇନ୍ ରେ ଆମନ୍ତ୍ରଣ କରାଯାଇ ନୂତନ ଷ୍ଟାର୍ଟ ଅଫ୍, ନବସୃଜନ ଓ ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରି ମନୋନୀତ କରାଯିବ। ଏହି ମନୋନୀତ ଷ୍ଟାର୍ଟ ଅଫ୍ ଗୁଡ଼ିକୁ ପରବର୍ତୀ ସମୟରେ ଆବଶ୍ୟକୀୟ ତାଲିମ୍, ମୂଳଧନ ଯୋଗାଇବା, ଉତ୍ପାଦ ପେଟେଂଟ କରାଇବା, ବଜାର ସୃଷ୍ଟି କରିବା ଇତ୍ୟାଦି କାମରେ ସହଯୋଗ ପ୍ରଦାନ କରାଯିବ । ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଉଦ୍ୟୋଗ ପାର୍କ ନକ୍ସା ପାଠାଗାର ଏବଂ ସମ୍ବଳ କେନ୍ଦ୍ରକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ହାଇସ୍କୁଲ ପାଠ୍ୟକ୍ରମରେ ଔଦ୍ୟୋଗୀକରଣ ଉପରେ ବିଷୟ ସ୍ଥାନିତ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଉଲ୍ଲେଖ କରି ଷ୍ଟାର୍ଟ ଅପ୍ ଓଡ଼ିଶା ଯୁବବର୍ଗଙ୍କ ମଧ୍ୟରେ ଉଦ୍ୟୋଗ ପ୍ରତି ମାନସିକତା ଜାଗ୍ରତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କହିଥିଲେ। ଏଠାରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଉତ୍ପାଦ ନମୁନା ପ୍ରସ୍ତୁତି, ସେନ୍‌ସର, ନିୟନ୍ତ୍ରଣ ବୋର୍ଡ ଭଳି ସୁବିଧା ଉପଲବ୍ଧ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସଚିବ ମନୋଜ ମିଶ୍ର, ସାଇବର ମିଡିଆ ପରିଚାଳନା ନିର୍ଦ୍ଦେଶକ ପି. ଗୁପ୍ତା, ଏସ୍‌ଟିପିଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ମାନସ ପଣ୍ଡା, ନିର୍ଦ୍ଦେଶକ ଏସ୍‌ଟିପିଆଇ, ନୂଆଦିଲ୍ଲୀ ସୁବୋଧ ସାଚନ, ନିର୍ଦ୍ଦେଶକ ଟେକ୍ସାସ୍ ଇନ୍‌ଷ୍ଟ୍ରୁମେଂଟସ୍ ରାଜୀବ ଖୁସୁ, ଇନ୍‌ଟେଲ୍ ଉପସଭାପତି ତଥା ସାଧାରଣ ପରିଚାଳକ ସମ୍ବିତ୍ ସାହୁ, ନୂଆଦିଲ୍ଲୀ ଇଲେକ୍ଟ୍ରୋନିକ୍ସ ପାର୍କର ମୁଖ୍ୟ ନିର୍ବାହୀ ଅଧିକାରୀ ସଂଜୀବ ଚୋପ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

# ଆକାଂକ୍ଷୀ ଜିଲ୍ଲା ଯୋଜନାରେ ନୋଡାଲ ଅଫିସର ହେଲେ ଅଶୋକ ମୀନା

ଭୁବନେଶ୍ୱର ,୨୩/୯ (ନି.ପ୍ର): ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନାଙ୍କୁ ଆଜି ରାଜ୍ୟ ସରକାର ଆକାଂକ୍ଷୀ ଜିଲ୍ଲା ଯୋଜନାର ନୋଡାଲ ଅଫିସର ଭାବେ ନିଯୁକ୍ତି ଦେଇଛନ୍ତି। ସେ ତାଙ୍କର ମୂଳ କାର୍ଯ୍ୟ ସହ ଆକାଂକ୍ଷୀ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିବେ। ସୂଚନାଯୋଗ୍ୟ ଯେ, ଦେଶରେ ୧୧୭ଟି ଆକାଂକ୍ଷୀ ଜିଲ୍ଲା ଥିବାବେଳେ ଏଥିରେ ଓଡ଼ିଶାର ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, ବଲାଙ୍ଗୀର, ଢେଙ୍କାନାଳ, କୋରାପୁଟ ଓ ଗଜପତି ସ୍ଥାନ ପାଇଛି।

## ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭ ଜଣ ସଂକ୍ରମିତଙ୍କ ପ୍ରାଣହାନି: କରୋନାଜନିତ ମୃତ୍ୟୁସଂଖ୍ୟା ୮୧୫୭କୁ ବୃଦ୍ଧି

ଭୁବନେଶ୍ୱର,୨୩/୯ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାର ସୂଚନା ମିଳିଛି। ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮୧୫୭କୁ ବୃଦ୍ଧି ପାଇଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସେହିପରି କରୋନାରେ ପ୍ରାଣ ହରାଇଥିବା ଆଉ ୭ ଜଣ ଲୋକଙ୍କ ସଂପର୍କରେ ସୂଚନା ଦେଇଛନ୍ତି ସରକାର। ପ୍ରାପ୍ତ ସୂଚନା ଅନୁଯାୟୀ, ଅନୁଗୁଳ, କଟକ, ଜଗତସିଂହପୁର, ନବରଙ୍ଗପୁର, ପୁରୀ, ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତ ପ୍ରାଣ ହରାଇଛନ୍ତି। ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୪ ଜଣ, ବାଲେଶ୍ୱରରୁ ୩୪ ଜଣ, ଭଦ୍ରକରୁ ୭ ଜଣ, ବଲାଙ୍ଗୀରରୁ ୫, କଟକରୁ ୭୭ ଜଣ, ଦେବଗଡ଼ରୁ ୪ ଜଣ, ଢେଙ୍କାନାଳରୁ ୬ ଜଣ, ଗଜପତିରୁ ୧ ଜଣ, ଗଞ୍ଜାମରୁ ୬ ଜଣ, ଜଗତସିଂହପୁରରୁ ୨୮ ଜଣ, ଯାଜପୁରରୁ ୨୦ ଜଣ, ଝାରସୁଗୁଡ଼ାରୁ ୫ ଜଣ, କନ୍ଧମାଳରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୧୧ ଜଣ, କେଉଁଝରରୁ ୧ ଜଣ, ଖୋର୍ଦ୍ଧାରୁ ୨୮୩ ଜଣ, ମାଲକାନଗିରିରୁ ୫ ଜଣ, ମୟୂରଭଞ୍ଜରୁ ୧୫ ଜଣ, ନୟାଗଡ଼ରୁ ୬ ଜଣ, ପୁରୀରୁ ୨୨ ଜଣ, ରାୟଗଡ଼ାରୁ ୨ ଜଣ, ସମ୍ବଲପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୧୩ ଜଣ ଓ ଷ୍ଟେଟ ପୁଲରୁ ୬୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦, ୨୨, ୫୯୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।ଏମାନଙ୍କ ଭିତରୁ ୧୦,୦୮,୬୭୧ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୫୭୧୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଏଯାବତ୍ ୨ କୋଟି ୮୭ ଲକ୍ଷ କରୋନା ଟିକାର ଡୋଜ୍ ଦିଆସରିଛି : ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୨୩/୯ (ନି.ପ୍ର): ଗତକାଲି ୪ ଲକ୍ଷ ୫ ହଜାର କରୋନା ଟିକାର ଡୋଜ୍ ଦିଆହୋଇଛି। ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦ୍ୱିତୀୟ ଡୋଜକୁ ମିଶାଇ ଏଯାବତ୍ ୨ କୋଟି ୮୭ ଲକ୍ଷ ଡୋଜ୍ ଦିଆସରିଛି। ସେଥିରୁ ୨ କୋଟି ୧୦ ଲକ୍ଷ ପ୍ରଥମ ଡୋଜ୍ ଓ ୭୭ ଲକ୍ଷ ଦ୍ୱିତୀୟ ଡୋଜ୍ ଦିଆହୋଇଛି। ୬୭ ପ୍ରତିଶତ ଲୋକ ପ୍ରଥମ ଡୋଜ୍ ପାଇଛନ୍ତି। ଯେତିକି ଟିକାକରଣ ବାକି ଅଛି, ସେଥିରୁ ୭୨ ପ୍ରତିଶତ ଦ୍ୱିତୀୟ ଡୋଜ୍ ପାଇସାରିଲେଣି। ଯେଉଁମାନେ ଟିକା ପାଇନାହାନ୍ତି, ସେମାନଙ୍କ ଜିଲ୍ଲାସ୍ତରୀୟ ତାଲିକା ପ୍ରସ୍ତୁତ କରାଯାଇଛି। ସମ୍ମୁଖ ଯୋଦ୍ଧାମାନେ ସେମାନଙ୍କୁ ଟିକାକରଣ କେନ୍ଦ୍ରକୁ ଆଣିବେ। ଆଜି ୧୮୦୦ ଟିକାକରଣ ସେସନ ଚାଲିଛି। ଆଜି ୪ ଲକ୍ଷରୁ ଅଧିକ ଟିକାକରଣ ଲକ୍ଷ୍ୟ ରଖାଯାଇଛି। ଟିକା ବି ପର୍ଯ୍ୟାପ୍ତ ମହଜୁଦ ଅଛି। କେବଳ ଆଦିବାସୀ ଅଞ୍ଚଳ ନୁହେଁ, ଅନେକ ଅଞ୍ଚଳକୁ ନେଇ ଗୋଟିଏ କଥା ଦେଖାଦେଇଛି। ଯେହେତୁ ପ୍ରଥମରୁ ଦ୍ୱିତୀୟ ଡୋଜ ୩ ମାସ ସମୟ ରହୁଛି, ସେମାନେ ଅନ୍ୟ କାମରେ ବ୍ୟସ୍ତ ରହି ଟିକା ନେବାକୁ ଭୁଲି ଯାଉଛନ୍ତି। ସେମାନଙ୍କୁ ଟିକା ନେବା ପାଇଁ ଏସଏମଏସ୍ ପଠାଯାଉଛି। ବାକି ଥିବା ୨୮ ପ୍ରତିଶତଙ୍କ ପାଖକୁ ତାଲିକା ଅନୁସାରେ ସମ୍ମୁଖ ଯୋଦ୍ଧା ଯାଇ ଟିକାକରଣ କେନ୍ଦ୍ରକୁ ଆଣିବେ।




## ଡ. ରାଜେନ୍ଦ୍ର ମିଶ୍ରଙ୍କୁ ଗଙ୍ଗା ଶରଣ ସିଂହ ପୁରସ୍କାର

ଭୁବନେଶ୍ୱର ,୨୩/୯ (ନି.ପ୍ର): ଆଗ୍ରାସ୍ଥିତ ଭାରତ ସରକାରଙ୍କ 'କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ' ୨୦୧୮ ବର୍ଷ ପାଇଁ ସମ୍ମାନଜନକ 'ହିନ୍ଦୀ ସେବୀ ସମ୍ମାନ' ପୁରସ୍କାର ଘୋଷଣା କରିଛି। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହିନ୍ଦୀ ଭାଷାର ବିକାଶ, ପ୍ରଚାର ପ୍ରସାର ତଥା ପ୍ରୋତ୍ସାହନ ନିମନ୍ତେ କାର୍ଯ୍ୟରତ ୧୨ଟି ଶ୍ରେଣୀର ୨୬ ଜଣ ବିଦ୍ୱାନ ଲେଖକ ଲେଖିକାଙ୍କୁ ଏଥିରେ ପୁରସ୍କୃତ କରାଯିବ। ତନ୍ମଧ୍ୟରୁ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ତଥା ଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ 'ଗଙ୍ଗା ଶରଣ ସିଂହ' ପୁରସ୍କାରରେ ସମ୍ମାନିତ କରାଯିବ। ଏହି ଅବସରରେ ରାଷ୍ଟ୍ରପତି ତାଙ୍କୁ ପାଞ୍ଚ ଲକ୍ଷ ଟଙ୍କା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିବେ। ଶ୍ରୀ ମିଶ୍ର ନୂଆଦିଲ୍ଲୀ ସ୍ଥିତ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ୧୯୯୬ରୁ ୧୯୯୭ ପର୍ଯ୍ୟନ୍ତ ସହକାରୀ ପ୍ରାଧାପକ ଭାବେ କାର୍ଯ୍ୟ କରିବା ସହ ଏନ୍?ଟିପିସିର ମହାପ୍ରବନ୍ଧକ (ମାନବସମ୍ବଳ-ରାଜଭାଷା) ଭାବେ କାର୍ଯ୍ୟ ତୁଲାଇଛନ୍ତି। ସେ ବିଶ୍ୱ ହିନ୍ଦୀ ସଚିବାଳୟ ମରିସସ୍ ପକ୍ଷରୁ ପ୍ରକାଶିତ ତ୍ରେ?ମାସିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ ସମାଚାର' ଓ ବାର୍ଷିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ'ର ସଂପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି। ଏହା ସହ ସେ ୯୭ରୁ ଉର୍ଦ୍ଧ୍ୱ ଓଡ଼ିଆ ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ସାହିତ୍ୟ ଓ ଅନୁବାଦ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଡ. ମିଶ୍ରଙ୍କୁ ସାହିତ୍ୟ ଅକାଦେମି, ଅଣ ହିନ୍ଦୀ ଲେଖକ ସମ୍ମାନ, ସୌହାର୍ଦ୍ଦ୍ୟ ପୁରସ୍କାର, ସଂହତି ପୁରସ୍କାର, ସେତୁବନ୍ଧ ପୁରସ୍କାର, ବଙ୍କିମ ଚନ୍ଦ୍ର ପୁରସ୍କାର ପ୍ରଭୃତି ସମ୍ମାନରେ ସମ୍ମାନିତ କରାଯାଇଛି।

# ବଢ଼ିଲା ଟିକାକରଣ କେନ୍ଦ୍ର ସଂଖ୍ୟା : ପୁଣି ଟିକା ନେଲେ ୪ଲକ୍ଷରୁ ଅଧିକ

ଭୁବନେଶ୍ୱର ,୨୩/୯ (ନି.ପ୍ର): ରାଜ୍ୟରେ ଟିକାକରଣକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟରେ ଅଧିକ ସଂଖ୍ୟାରେ ଟିକାକରଣ କେନ୍ଦ୍ର ଖୋଲିଛି। ପୂର୍ବରୁ ରାଜ୍ୟରେ ୧୬ଶହ ଟିକାକରଣ କେନ୍ଦ୍ର ଚାଲିଥିବା ବେଳେ ଏବେ ୧୭ଶହରୁ ଅଧିକ କେନ୍ଦ୍ରରେ ଟିକାଦାନ କରାଯାଉଛି। ରାଜ୍ୟରେ ଏବେ ଦୈନିକ ୪ଲକ୍ଷରୁ ଅଧିକ ଟିକାଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାରୁ ଟିକାଦାନ କେନ୍ଦ୍ରକୁ ସେହି ଅନୁଯାୟୀ ବୃଦ୍ଧି କରାଯାଇଛି। ସମ୍ଭାବ୍ୟ ତୃତୀୟ ଲହରକୁ ନଜରରେ ରଖି ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଟିକା ଦେବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, ଏବେ ଗ୍ରାମାଞ୍ଚଳରେ ଟିକାକରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ୬୦ ପ୍ରତିଶତରୁ ଅଧିକ ଟିକାକରଣ ହୋଇଛି। ଦୈନିକ ୪ଲକ୍ଷ ଟିକାକରଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାରୁ ଆବଶ୍ୟକ ପଡ଼ିଲେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ର ଖୋଲାଯିବ ବୋଲି ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି। ରାଜ୍ୟରେ ଆଜି ୧୭୫୧ ଟିକାକରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ୪ଲକ୍ଷ ୫ହଜାର ୪୫୩ ହିତାଧିକାରୀଙ୍କୁ ଟିକା ଦିଆଯାଇଛି। ୧୮-୪୪ବର୍ଗରେ ୧ଲକ୍ଷ ୬୧ହଜାର ୬୨୧ ପ୍ରଥମ ଓ ୧ଲକ୍ଷ ୧୬ହଜାର ୭୪୭ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି।

# ପାଣି ବିଲ୍‌ରେ ପାତରଅନ୍ତର : ମିଟର ଲାଗିଛି ବିଲ୍ ଦେଉନାହାନ୍ତି ନେତା, ଅଫିସର

## ସରକାରୀ କ୍ୱାର୍ଟର୍ସ, ସାଧାରଣ ଲୋକଙ୍କ ପାଇଁ ଅଲଗା ନିୟମ



ଭୁବନେଶ୍ୱର ,୨୩/୯ (ନି.ପ୍ର): ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ରାଉରକେଲାରେ ପ୍ରାୟ ୧ଲକ୍ଷ ୨୦ହଜାର ଘରେ ପାଣି ମିଟର ସଂଯୋଗ କରାଯାଇଛି। ମିଟରରେ ଯେତିକି ୟୁନିଟ ଉଠୁଛି ସେହି ଅନୁଯାୟୀ ପାଣି ବିଲ୍ ଦିଆଯାଉଛି। ହେଲେ ବିଲ୍ ଆଦାୟରେ ନଗର ଉନ୍ନୟନ ବିଭାଗ ପାତରଅନ୍ତର କରୁଛି। ସାଧାରଣ ଲୋକଙ୍କ ଠାରୁ ୟୁନିଟ ପିଛା ୫ଟଙ୍କା ୨୯ ପଇସା ହିସାବରେ ପାଣି ବିଲ୍ ଦେୟ ଆଦାୟ କରୁଥିବା ବେଳେ ସରକାରୀ କ୍ୱାର୍ଟର୍ସରୁ ମାସକୁ ମାତ୍ର ୧୦୩ଟଙ୍କାରୁ ୩୪୨ ଟଙ୍କା (କ୍ୱାର୍ଟର୍ସ ଅନୁଯାୟୀ) ଆଦାୟ କରୁଛି। ଯାହାକୁ ନେଇ ଏବେ ବିବାଦ ଉଠିଛି। ଯଦି ୪ଟି ସହରାଞ୍ଚଳର ସାଧାରଣ ଲୋକମାନେ ୟୁନିଟ ପିଛା ପାଣି ବିଲ୍ ଦେବେ ତେବେ ସରକାରୀ କ୍ୱାର୍ଟର୍ସରେ କାହିଁକି ଏହି ନିୟମ ଲାଗୁ ହେବନି? ସରକାରୀ କ୍ୱାର୍ଟର୍ସ ବାସିନ୍ଦା ଯେତିକି ବିଦ୍ୟୁତ ବ୍ୟବହାର କରୁଛନ୍ତି ସେହି ଅନୁଯାୟୀ ୟୁନିଟ୍ ପିଛା ମାସକୁ ମାସ ଟଙ୍କା ଗଣୁଛନ୍ତି। ହେଲେ ଏଥିରେ ରହୁଥିବା ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ମାସକୁ ଲକ୍ଷାଧିକ ଲିଟର ପାଣି ବ୍ୟବହାର କରୁଥିଲେ ବି ୟୁନିଟ ପିଛା ଟଙ୍କା ଦେଉନାହାନ୍ତି। ଖାଲି ପାଣି ବିଲ୍ ଆଦାୟ କରିବାର ଅଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗ ଓ ୱାଟ୍‌କୋ ସର୍ବନିମ୍ନ ଦେୟ ଆଦାୟ କରୁଛି। ଯଦି ବିଦ୍ୟୁତ ବିଲ୍ ଆଦାୟରେ ପାତର ଅନ୍ତର ହେଉନି, ତେବେ ପାଣି ବିଲ୍ ଆଦାୟରେ ପାତର ଅନ୍ତର କାହିଁକି? ନଗର ଉନ୍ନୟନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଟାଇପ୍-୨ଆର କ୍ୱାର୍ଟର୍ସରେ ରହୁଥିବା ଲୋକ ସବୁଠୁ କମ୍ ମାସକୁ ୧୫୩ଟଙ୍କା ଦେଉଥିବା ବେଳେ ଏଥିରୁ ୫୦ଟଙ୍କା ସ୍ୱେରେଜ୍ ପାଇଁ ଏବଂ ୧୦୩ଟଙ୍କା ପାଣି ବିଲ୍ ବାବଦକୁ ଦେଉଛନ୍ତି। ମନ୍ତ୍ରୀ, ଆଇଏଏସ୍, ଆଇପିଏସ୍ ମାନେ ରହୁଥିବା ଟାଇପ୍-୮ କ୍ୱାର୍ଟର୍ସ ବାସିନ୍ଦା ସର୍ବାଧିକ ୩୯୨ଟଙ୍କା ଦେଉଥିବାବେଳେ ଏଥିରୁ ୫୦ଟଙ୍କା ସ୍ୱେରେଜ୍ ଏବଂ ୩୪୨ଟଙ୍କା ପାଣି ପାଇଁ ଦେଉଛନ୍ତି। ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ୪ଟି ସହରରେ ଏବେ ପ୍ରାୟ ସମସ୍ତ ସରକାରୀ କ୍ୱାର୍ଟର୍ସରେ ପାଣି ମିଟର ଲାଗିସାରିଲାଣି। ପ୍ରତି ମାସରେ ମିଟର ରିଡିଂ ହେଉଛି। ମିଟର ରିଡିଂ କରିବାକୁ ଯାଉଥିବା ଲୋକ ବି ରିଡିଂ ପାଇଁ ଟଙ୍କା ନେଉଛି। କିନ୍ତୁ ମିଟର ପିଛା ପାଣି ବିଲ୍ ଆଦାୟ ହେଉନି। ଯେଉଁଥିପାଇଁ ୱାଟ୍‌କୋ ଓ ଜନସ୍ୱାସ୍ଥ୍ୟ ବିଭାଗ ବର୍ଷକୁ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛି। ରାଜଧାନୀର ସବୁ ସରକାରୀ ବଡ଼ ବାବୁ, ମନ୍ତ୍ରୀ ରହୁଥିବା ହାୟର ଟାଇପ୍ କ୍ୱାର୍ଟର୍ସରେ ଦିନକୁ ୫ରୁ ୬ହଜାର ଲିଟର ପାଣି (ଗୋଟିଏ ସଂଯୋଗ ପିଛା) ବ୍ୟବହାର ହେଉଛି। ଏପରିକି ମାସକୁ ଦେଢ ଲକ୍ଷରୁ ଦୁଇ ଲକ୍ଷ ଲିଟର ପାଣି ବ୍ୟବହାର ହେଉଥିବା ପାଣି ମିଟର ରିଡିଂରୁ ଜଣାପଡ଼ିଛି। ଏହାକୁ ହିସାବକୁ ନେଲେ ଦୈନିକ ୩୧.୭୪ଟଙ୍କା ହିସାବରେ ମାସକୁ ୯୫୨ଟଙ୍କା ୨୦ପଇସା ହେଉଛି। ହେଲେ ବାବୁମାନେ ମାତ୍ର ୩୪୨ଟଙ୍କା ଦେଉଛନ୍ତି। କେବଳ ଏତିକି ନୁହେଁ। ବଡ଼ ବଡ଼ ବାବୁଙ୍କ ଘରେ ବେଆଇନ ଭାବେ ୫ରୁ ୬ଟି ପାଣି ସଂଯୋଗ ଦିଆଯାଇଛି। ଗୋଟିଏ ପାଣି ସଂଯୋଗ ପାଇଁ ଅର୍ଥ ଦେଉଥିବା ବେଳେ ବାକି ସଂଯୋଗ ଜବରଦସ୍ତ ନେଇଛନ୍ତି। ଏଥିରେ ସେମାନେ ନିଜ କ୍ୱାର୍ଟର୍ସ ପାଇଁ ଦୁଇଟା ସଂଯୋଗ, ବଗିଚା ପାଇଁ ଗୋଟିଏ/ଦୁଇଟା ସଂଯୋଗ, ଘରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ୨ଟି ପାଣି ସଂଯୋଗ ନେଇଛନ୍ତି। ଗୋଟିଏ ସଂଯୋଗରେ ୬ହଜାର ଲିଟର ପାଣି ବ୍ୟବହାର ହେଉଥିବା ହିସାବ କଲେ ମାସକୁ ୫ଟି ସଂଯୋଗ ବାବଦକୁ ପ୍ରାୟ ୪୭୬୧ଟଙ୍କା ଦେବାକୁ ପଡ଼ିବ। ହେଲେ ଅଫିସରମାନେ ଏହାର ୧୦ଭାଗରୁ ଭାଗେ ବି ଦେଉନାହାନ୍ତି। ଅପରପକ୍ଷେ ଜଣେ ସାଧାରଣ ଲୋକ ଦିନକୁ ଦୁଇ ହଜାର ଲିଟର ବ୍ୟବହାର କଲେ ବି ମାସକୁ ୩୧୭.୪୦ ଟଙ୍କା ପାଣି ବିଲ୍ ବାବଦକୁ ଦେଉଛି। ପାଣି ୟୁନିଟ ଦର ବର୍ଷକୁ ବର୍ଷ ବଢୁଥିବାବେଳେ ସାଧାରଣ ଲୋକଙ୍କ ଉପରେ ୟୁନିଟ ବୋଝ ଲଦା ହୋଇଚାଲିଛି। ରାଜ୍ୟର ସମସ୍ତ ସହରାଞ୍ଚଳରେ ପାଣି ମିଟର ଲଗାଇବାକୁ ନଗର ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଥିବାବେଳେ ଆଗକୁ ସରକାରୀ ବାବୁଙ୍କ ପାଣି ବିଲ୍ ବୋଝ ସାଧାରଣ ଲୋକ ବୋହିବେ ବୋଲି କୁହାଯାଉଛି।

## ଗଦାଧର ଗିରି ସ୍ମୃତିବିକାଶ ପରିଷଦ ପକ୍ଷରୁ ବନ୍ୟାକ୍ଷତିଗ୍ରସ୍ତଙ୍କୁ ରିଲିଫ ବଣ୍ଟନ

ବାଲିଆପାଳ,୨୩/୦୯ (ନି.ପ୍ର): ବାଲିଆପାଳ ବ୍ଲକର ବିଭିନ୍ନ ବନ୍ୟାପ୍ରଭାବିତ ଅଂଚଳରେ ଗଦାଧରଗିରି ସ୍ମୃତିବିକାଶ ପରିଷଦ ପକ୍ଷରୁ ରିଲିଫ ବିତରଣ କରାଯାଇଛି ।ସ୍ମୃତିବିକାଶ ପରିଷଦର ଆବାହକ ବିକାଶ ଗିରିଙ୍କ ନେତୃତ୍ୱରେ ପରିଷଦର ସଦସ୍ୟମାନେ ବନ୍ୟାକ୍ଷତିଗ୍ରସ୍ତ ବିଷ୍ଣୁପୁର, ନୟାବାଲି, ଇକଡପାଳ, ବଡତାଳପଦା ପ୍ରଭୃତି ବନ୍ୟାକ୍ଷତିଗ୍ରସ୍ତ ଅଂଚଳ ବୁଲିବା ସହ କ୍ଷତିଗ୍ରସ୍ତ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଅଦ୍ୟାବଧି ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଦେବାରେ ବିଫଳ ହୋଇଥିବାରୁ ଶ୍ରୀ ଗିରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରଶାସନ ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ରିଲୀଫ ସାମଗ୍ରୀ ଓପାନୀୟଜଳ ଯୋଗଇବା ପାଇଁ ଦାବି କରିଛନ୍ତି । ସେହିପରି ପରିଷଦ ପକ୍ଷରୁ କିଛି ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବିତରଣ କରାଯାଇଥିଲା ।

## ନିମ୍ନମାନର କାମ ଯୋଗୁଁ ଲଗାଣ ବର୍ଷାରେ ଗଡ଼ିଗଲା ଗାର୍ଡ ୱାଲ୍‌, ଏପଟେ ଧୋଇଗଲା ରାସ୍ତା

ନୀଳଗିରି,୨୩/୦୯ (ନି.ପ୍ର): ନୀଳଗିରି ଏନ.ଏ.ସି.ର ଏବେ ବିଭିନ୍ନ ପ୍ରକଳ୍ପକୁ ନେଇ ଏନ.ଏ.ସି. ବାସୀଙ୍କ ଚିନ୍ତା ବଢ଼ାଇଥିଲା ବେଳେ ଅତି ନିମ୍ନମାନର କାର୍ଯ୍ୟ ଯୋଗୁଁ ୬ନମ୍ବର ୱାର୍ଡ ଫ୍ୟାଟଲକ୍ସ କ୍ଲବ ନିକଟସ୍ଥ ବାବୁ ପୋଖରୀ ଆଡ଼ି ଠାରେ କିଛି ମାସ ପୂର୍ବରୁ ନିର୍ମାଣ ହୋଇଥିବା ୫୦ଫୁଟ ଲମ୍ବର ଗାର୍ଡ ୱାଲ ସମ୍ପୂର୍ଣ୍ଣ ରୂପେ ଗଡ଼ିପଡ଼ିଥିବା ଦେଖିବାକୁ ମିଳିଛି । ଗାର୍ଡୱାଲଟି ଗଡ଼ି ପଡ଼ିବା ହେତୁ ବର୍ଷା ଜଳ ରାସ୍ତାରେ ପ୍ରବାହିତ ହୋଇ ରାସ୍ତାଟିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି । ଫଳରେ ଉକ୍ତ ୱାର୍ଡର ଲୋକମାନଙ୍କର ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହୋଇଛି । ତେବେ ଅତି ନିମ୍ନମାନର କାମ ଯୋଗୁଁ ସମ୍ପୂର୍ଣ୍ଣ ହୋଇଥିବା ଗାର୍ଡ ୱାଲଟି ଗଡ଼ି ପଡ଼ିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏଥିପ୍ରତି ଏନ.ଏସି. କର୍ତ୍ତୁପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି ।

# ଗଞ୍ଜେଇ ଚୋରାଚାଲାଣ ବେଳେ ଟ୍ରକ ଜବତ : ୨ ଗିରଫ

ବାରିପଦା / ରାଇରଙ୍ଗପୁର,୨୩/୦୯ (ନି.ପ୍ର): ଓଡିଶାର ଗଂଜେଇ ବାହାର ରାଜ୍ୟରେ ବେଶ ଚାହିଦା ରହିଥିବା ବେଳେ, ଗଂଜେଇ ମାଫିଆ ବେଶ ସକ୍ରିୟ ହୋଇ ନିଜର କଳା ବ୍ୟବସାୟ ଚଳାଇଥିବାର ଦେଖା ଯାଉଛି । ଚରା ନିଶା ବେପାରୀ ମାନେ ବିଭିନ୍ନ କୌଶଳରେ ଗଞ୍ଜେଇ, ବ୍ରାଉନ ସୁଗାର ଆଦି ନିଶାଦ୍ରବ୍ୟ ରାଜ୍ୟ ବାହାରକୁ ଚାଲାଣ କରୁଥିବା ମଧ ଦେଖା ଯାଉଛି । ତେବେ ଆଜି ରାଇରଙ୍ଗପୁର ପୋଲିସ ଗୋଟିଏ ଟ୍ରକରେ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଗଞ୍ଜେଇ ସହ ଟ୍ରକ ଜବଦ କରିବା ସହିତ ୨ଜଣଙ୍କୁ ଗରଫ କରିଥିବାର ଜଣା ଯାଇଛି । ସୂଚନା ମୁତାବକ ବୁଧବାର ସକାଳେ ରାଇରଙ୍ଗପୁର ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଜାତୀୟ ରାଜପଥ ୨୨୦ ନମ୍ବର ରାଇରଙ୍ଗପୁର-ତିରିଂ ରାସ୍ତାରେ ଓଡି ୧୧ ଟି ୮୫୬୧ ନମ୍ବର ଏକ ଧଳା ରଙ୍ଗର ଟ୍ରକ ଦୃତ ଗତିରେ ସହର ଦେଇ ତିରିଂ ଅଭିମୁଖେ ଦୃତ ଗତିରେ ଯାଉଥିବ ର ଦେଖି ସଂଦେହରେ ରାଇରଙ୍ଗପୁର ପୋଲିସର ପଟ୍ରୋଲିଂ ଟିମ ପିଛା କରି ଗମ୍ଭାରିଆ ଛକ ପାଖରେ ଟ୍ରକକୁ ଅଟକାଇ ଯାଂଚ କରିଥିଲେ । ଯାଂଚବେଳେ ଟ୍ରକରୁ ୪ଟି ମାଟିଆ କାଗଜ ଖୋଳରେ ଗଞ୍ଜେଇ ଭର୍ତି ଥିବାର ଜଣାପଡିଥିଲା । ରାଇରଙ୍ଗପୁର ସହକାରୀ ଜିଲ୍ଲାପାଳ ଧର୍ମେନ୍ଦ୍ର ଶତପଥୀ ଙ୍କ ଉପସ୍ଥିତିରେ ଜବ ଗଂଜେଇର ଓଜନ କରାଯାଇଥିବା ବେଳେ ୬କେଜି ୨୦୦ ଗ୍ରାମ ଗଂଜେଇ ଥିବର ଜଣା ଯାଇଛି । ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ଅଜୟ ଶୁଦର୍ଶନ ବାଗେ ଟ୍ରକକୁ ଜବତ କରି ଥାନାରେ ଭର୍ତି କରିବା ସହ ଏକ ମାମଲା କେଶ ନଂ ୧୯୯/୨୧ ରୁଜୁ କରିଛନ୍ତି । ସୂଚନା ମୁତାବକ ଟ୍ରକଟି ଝାରପୋଖରିଆ ରୁ ତିରିଂ ଅଭିମୁଖେ ଯାଉଥିଲା । ମାମଲାରେ ପୋଲିସ ଟ୍ରକ ଡ୍ରାଇଭର ମନୋଜ ମୁଣ୍ଡା ଏବଂ ଖଲାସୀ ପବନ ନାଏକକୁ ଅଟକ ରଖି ଘଟଣାର ଅଧିକ ତଦନ୍ତ କରୁଥିବାର ରାଇରଙ୍ଗପୁର ଏସଡିପିଓ ରତିକାନ୍ତ ଗିରି କହିଛନ୍ତି ।



# ବନ୍ୟା କ୍ଷତିଗ୍ରସ୍ତଙ୍କୁ ରନ୍ଧା ଖାଦ୍ୟ ଓ ରିଲିଫ ବଂଟନ

ବାଲିଆପାଳ,୨୩/୦୯ (ନି.ପ୍ର): ବାଲିଆପାଳ ବ୍ଲକର ବନ୍ୟା କ୍ଷତିଗ୍ରସ୍ତଙ୍କ ନିକଟରେ ଏପର୍ଯ୍ୟନ୍ତ ପ୍ରଶାସନ ପହଁଚିନଥିବା ବେଳେ ଆଜି ମଧୁପୁରା ପଂଚାୟତର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଚଉଧୁରିକୁଦ ଓ ଚଡବସ୍ତ କାଳରୁଇ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନି ଜେନା ରନ୍ଧା ଖାଦ୍ୟ ବିତରଣ କରିଛନ୍ତି । ଶ୍ରୀମତି ଜେନାଙ୍କର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଂଚଳବାସୀ ଭୂୟସି ପ୍ରଶଂସା କରିଛନ୍ତି । ଆଜିର ଏହି କାର୍ଯ୍ୟ କ୍ରମରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ ୨୩ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା ତଥା ବ୍ଲକ ମହିଳା ବିଜେଡି ସଭାନେତ୍ରୀ କସ୍ତୁରିବାଳା ପାତ୍ର, ମଧୁପୁରା ପଂଚାୟତ ସରପଂଚ ଦୋଳଗୋବିନ୍ଦ ମୁର୍ମୁ, ସମିତି ସଭ୍ୟା ଅନୁପମା ବାରିକ, ଜାମକୁଣ୍ଡା ପଂଚାୟତ ସରପଂଚ ବ୍ରଜକିଶୋର ବିଶ୍ୱାଳ, ସମିତି ସଭ୍ୟ ସୁଧାଂଶୁ ବାରିକ, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜୟ ପ୍ରଧାନ, ବ୍ଲକ ଯୁବ ବିଜେଡି କାର୍ଯ୍ୟକାରି ସଭାପତି ପ୍ରଦିପ ଜେନା, ଯୁବ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଉଜ୍ଜ୍ୱଳ କୁମାର ଗିରି, ବ୍ଲକ ଛାତ୍ର ବିଜେଡି ସଭାପତି ଲକ୍ଷ୍ମୀଧର ପାତ୍ର, ବରିଷ୍ଠ ବିଜେଡି ନେତା ବସନ୍ତ ମହାନ୍ତି, ମନ୍ମଥ ବାରିକ, ସରୋଜ ଦାସ, ଆଇ.ଟି କୋଡିନେଟର ସୁବ୍ରତ ପାତ୍ର ପ୍ରମୁଖ ସାମିଲ ଥିଲେ । ଏଥିସହିତ ଜାମକୁଣ୍ଡା ପଂଚାୟତରେ ମଧ୍ୟ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା ।



## ଝାଡ଼ଖଣ୍ଡ ଦନ୍ତା ଭାଙ୍ଗିଲା ଘର

ନୀଳଗିରି,୨୩/୦୯ (ନି.ପ୍ର): ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ମଣିଷମରା ଦନ୍ତା ୨ ଦିନ ପୂର୍ବରୁ ନୀଳଗିରି କୁ ପ୍ରବେଶ କରିଥିଲା ବେଳେ ଅନେକ ଧାନ ଫସଲ ନଷ୍ଟ କରିଛି । ଉକ୍ତ ଦନ୍ତା ହାତୀ ପ୍ରତି ବନବିଭାଗ ତୀକ୍ଷଣ ଦୃଷ୍ଟି ରଖିଥିବା ବେଳେ ବୁଧବାର ଭୋର ସମୟରେ ଉକ୍ତ ଦନ୍ତା ହାତିଟି ମହିଷାପଟା ପଞ୍ଚାୟତର ଶାଳବଣି ଗ୍ରାମର ବୁଦ୍ଧିଆ ସିଂ ର ଘଳ ଛପର ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବା ଜଣାପଡ଼ିଛି । ସେପଟେ ଲଗାଣ ବର୍ଷା ଯୋଗୁଁ ଉକ୍ତ ପଞ୍ଚାୟତର ଡମ୍ବରୁଘାଟି ଗ୍ରାମର ସବିତା ସିଂର ଟାଇଲ ଛପର ଘରଟି ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା ବେଳେ ପରିବାରଟି ସମ୍ପୂର୍ଣ୍ଣ ବେସହରା ହୋଇଯାଇଛି । ଏ ବାବଦରେ ସବିତା ସିଂ ନୀଳଗିରି ବି.ଡି.ଓ. ଙ୍କୁ ତୁରନ୍ତ ସହାୟତା ଦେବା ପାଇଁ ଆକୁଳ ନିବେଦନ କରିଛନ୍ତି ।

## ଅଳ୍ପକେ ବର୍ତ୍ତିଲେ ବାଇକ ଆରୋହୀ

ନୀଳଗିରି,୨୩/୦୯ (ନି.ପ୍ର): ଏକ ବୁଲେଟରେ ବାଇକ ଆରୋହୀ ପୋଡ଼ାଶୁଳ ଛକ ନିକଟସ୍ଥ ବାଉଁଶନାଳ ଛକ ଠାରେ ଏକ ଷଣ୍ଢକୁ ଧକ୍କା ଦେବା ପରେ ବୁଲେଟ ଟି ପିଚୁ ରାସ୍ତାରେ ଘୋଷାରି ଯିବା ଫଳରେ ଅଗ୍ନି ଉତ୍ପନ୍ନ ହୋଇ ବୁଲେଟ ଟି ସମ୍ପୂର୍ଣ୍ଣ ରୂପେ ଜଳି ଯାଇଥିଲା । ମାତ୍ର ବାଇକ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଥିଲେ । ଖବର ପାଇ ନୀଳଗିରି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ବାଇକ ଆରୋହୀର ଠିକଣା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଧିନସ୍ଥ ବଡ଼ଖଳାଡ଼ି ଅଞ୍ଚଳର ସୌଭାଗ୍ୟ ରଂଜନ ନାୟକ ବୋଲି ଜଣାପଡ଼ିଛି ।

# ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟରେ ଆରୋଗ୍ୟ କୁଷ୍ଠରୋଗୀ ମାନଙ୍କ ଚକ୍ଷୁ ଅସ୍ତ୍ରୋପଚାର



ବସ୍ତା,୨୩/୦୯ (ନି.ପ୍ର): ରାସଗୋବିନ୍ଦପୁର ବ୍ଲକ ରଙ୍ଗାମାଟିଆ ସ୍ଥିତ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଏବଂ ବାଲେଶ୍ୱର ପ୍ରଶାସନ ସହଯୋଗରେ ୧୭ ଜଣ ଆରୋଗ୍ୟ କୁଷ୍ଠରୋଗୀଙ୍କ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପାଦିତ ହୋଇଯାଇଛି । ମୋତିଆବିନ୍ଦୁରେ ଆକ୍ରାନ୍ତ ହୋଇଥିବା ଏହି ୧୭ ଜଣକୁ ଚିକିତ୍ସାଳୟର ବରିଷ୍ଠ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ସୌମିତ୍ର ଦାସ ଅସ୍ତ୍ରୋପଚାର କରିଥିଲେ । ବାଲେଶ୍ୱର ଜିଲା ହାତୀଗଡ଼ରୁ ଆସିଥିବା ଆରୋଗ୍ୟ କୁଷ୍ଠରୋଗୀ ମାନଙ୍କୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସେକ ରିଜିୱାନ, ୱାକବଙ୍କ ସହଯୋଗରେ କ୍ରମେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ୩ ଟି ଆମ୍ବୁଲାନ୍ସରେ ଚକ୍ଷୁ ରୋଗରେ ଆକ୍ରାନ୍ତଙ୍କୁ ପଠାଇଥିଲେ । ପ୍ରାରମ୍ଭରେ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଡ଼ି ଇଓ ମନୋଜ କୁମାର ଦାସଙ୍କ ସମେତ ଚକ୍ଷୁ ଚିକିତ୍ସାଳୟର କର୍ମକର୍ତ୍ତା, ସହାୟକ ସହାୟିକା ସହଯୋଗ କରିଥିଲେ ।ଚକ୍ଷୁ ଚିକିତ୍ସାଳୟର ନିର୍ଦ୍ଦେଶକ ଡ଼. ଆଦିତ୍ୟ ପଟ୍ଟନାୟକ ଅସ୍ତ୍ରୋପଚାର ହୋଇଥିବା ମହିଳା ମାନଙ୍କୁ ଶାଢ଼ୀ ଓ ପୁରୁଷ ମାନଙ୍କୁ ଲୁଙ୍ଗି, ଟି ସାର୍ଟ ପ୍ରଦାନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆମେରିକାରେ ନରେନ୍ଦ୍ର ....

ବିଦେଶ ମନ୍ତ୍ରାଳୟର ଉଚ୍ଚ ଅଧିକାରୀ ଏବଂ ଭାରତୀୟ ରାଷ୍ଟ୍ରଦୂତ ତରଣଜିତ୍ ସିଂ ସାନ୍ଧୁ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ମୋଦିଙ୍କ ଏହି ଗସ୍ତ ଉପରେ କେବଳ ଭାରତ ନୁହେଁ ବରଂ ବିଶ୍ୱ ସମୁଦାୟର ନଜର ରହିଛି । ଆମେରିକାରେ ଟ୍ରମ୍ପ ଶାସନର ଅନ୍ତ ଓ ବାଇଡେନ ଯୁଗର ଆରମ୍ଭ ପରେ ବିଶ୍ୱର ବୃହତମ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ "ମୋଦି' ପ୍ରଥମ ଥର ଆମେରିକା ଗସ୍ତରେ ଅଛନ୍ତି । ଆଫଗାନିସ୍ତାନରେ ତାଲିବାନର କବଜା ପରେ ଅନ୍ତର୍ଜାତୀୟ ଦୃଶ୍ୟପଟ୍ଟରେ ଅନ୍ୟ ଏକ ସମୀକରଣ ସୃଷ୍ଟି ହୋଇଥିବା ବେଳେ ମୋଦିଙ୍କ ଏହି ଗସ୍ତ ବହୁ ଦିଗରୁ ଗୁରୁତ୍ୱ ବହନ କରୁଛି । କରୋନା କାଳରେ ପ୍ରଥମ ଥର ପାଇଁ ମୋଦି ବିଦେଶ ଯାଉଥିବା ବେଳେ ପ୍ରଧାନମନ୍ତ୍ରୀ ଭାବେ ଏହା ତାଙ୍କର ସପ୍ତମ ଆମେରିକା ଗସ୍ତ । କ୍ୱାଡ ବୈଠକରେ ଯୋଗଦେଇ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସହ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱ ଦେବେ ପ୍ରଧାନମନ୍ତ୍ରୀ, ଚୀନର ଆକ୍ରମଣାତ୍ମକ ଆଭିମୁଖ୍ୟର ମୁକାବିଲା ପାଇଁ ନୂଆ ରଣନୀତି ପ୍ରସ୍ତୁତିରେ ପଡ଼ିପାରେ ମୂଳଦୁଆ, ଜୋ ବାଇଡେନଙ୍କ ସହ ବୈଠକରେ ଭାରତ ଓ ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ପ୍ରୟାସ କରିବେ ମୋଦି, ବିଶେଷ କରି ପ୍ରତିରକ୍ଷା ଓ ଆର୍ଥିକ କ୍ଷେତ୍ରରେ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱ ରହିବ, ସେହିପରି ଜାତିସଂଘର ୭୬ତମ ସାଧାରଣ ଅଧିବେଶନକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ, ବିଶ୍ୱ ସମ୍ମୁଖରେ ଭାରତର ପକ୍ଷ ରଖିବେ ମୋଦି, ସମ୍ବୋଧନରେ କରୋନା ମହାମାରୀ, ଆତଙ୍କବାଦ, ଜଳବାୟୁ ପରିବର୍ତନ ପରି ପ୍ରସଙ୍ଗରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସମ୍ଭାବନା ରହିଛି । ବାଇଡେନ୍ ଓ ମୋଦି ଭର୍ଚୁଆଲରେ ଏକାଧିକ ବାର ଭେଟିଥିବା ବେଳେ ଶୁକ୍ରବାର ପ୍ରଥମ ଥର ବ୍ୟକ୍ତିଗତ ଭାବେ ସାକ୍ଷାତ କରିବେ । ଟ୍ରମ୍ପଙ୍କ ସହ ମୋଦିଙ୍କ ବନ୍ଧୁତା ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ବଢ଼ାଇଥିଲା । ଆଉ ବାଇଡେନଙ୍କ ସହ ବ୍ୟକ୍ତିଗତ ବନ୍ଧୁତା ତିଆରି କରି ଭାରତ-ଆମେରିକା ସମ୍ପର୍କକୁ ଆହୁରି ସମୃଦ୍ଧ କରିବାକୁ ଚେଷ୍ଟା କରିପାରନ୍ତି ପ୍ରଧାନମନ୍ତ୍ରୀ ।

## ପିଓକେରେ ଡେରା ପକାଇଛନ୍ତି ୨୦୦ରୁ ....

ଭାରତ ବିପକ୍ଷରେ ସାଂଘାତିକ ଷଡଯନ୍ତ୍ର କରୁଛି । ଗୁଇନ୍ଦା ସୂଚନା ଅନୁଯାୟୀ, ଆଫଗାନିସ୍ତାନକୁ ତାଲିବାନ କବଜା କରିବା ପରେ ପିଓକେରେ ଆତଙ୍କୀ ଗତିବିଧି ପୂର୍ବ ଅପେକ୍ଷା ଅଧିକ ବଢିଯାଇଛି । ଏପରିକି ଆତଙ୍କବାଦୀଙ୍କୁ ଠୁଳ କରିବାକୁ ଆତଙ୍କୀ କ୍ୟାମ୍ପରେ ମଧ ବୃଦ୍ଧି ଘଟିଛି । ଆଉ ଏହା ପଛରେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇର ହାତ ରହିଛି । ଗୋଟିଏ ପଟେ ଆତଙ୍କବାଦୀ ମାନେ ପିଓକେ ଏକାଠି ହେବା ସହ ଭାରତକୁ ଅନୁପ୍ରବେଶ ପାଇଁ ସୁଯୋଗ ଖୋଜୁଥିବା ବେଳେ ଆଜି ଭାରତୀୟ ଯବାନଙ୍କୁ ବଡ ସଫଳତା ମିଳିଛି । ଉରୀ ସେକ୍ଟରରେ ଅନୁପ୍ରବେଶ ଉଦ୍ୟମ କରୁଥିବା ବେଳେ ୩ ଆତଙ୍କବାଦୀଙ୍କୁ ନିପାତ କରିଛି ଭାରତୀୟ ସେନା । ଆତଙ୍କବାଦୀଙ୍କୁ ନିପାତ କରିବା ସହ ୫ଟି ଏକେ-୪୭ ବନ୍ଧୁକ, ୭୦ଟି ଗ୍ରେନେଡ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି ଭାରତୀୟ ଯବାନ ।

## ମୁଖ୍ୟ ସୂଚନା କମିଶନର ହେଲେ ....

ପୋଲିସ ଡିଜି ପଦବୀରୁ ଅବସର ଗ୍ରହଣ କରିଛନ୍ତି । ଏଥି ପୂର୍ବରୁ ସେ ତିରୁଚିରାପଲ୍ଲୀ ଓ ଚେନ୍ନାଇ ମହାନଗରର ପୁଲିସ୍ କମିଶନର ଭାବେ କାର୍ଯ୍ୟ କରିଥିଲେ। ଶ୍ରୀ ତ୍ରିପାଠୀ ୨୦୦୮ ମସିହାରେ ପ୍ରଥମ ଆଇପିଏସ୍ ଭାବେ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେସନ୍ ରେ ଉଲ୍ଲେଖନୀୟ ସେବା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ସଡ଼କ ସୁରକ୍ଷା ଦିଗରେ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ୨୦୧୯ ମସିହାରେ ସର୍ବୋତ୍କୃଷ୍ଟ ରାଜ୍ୟ ଭାବେ ତାମିଲନାଡୁକୁ ଭାରତ ସରକାର ପୁରସ୍କୃତ କରିଥିଲେ। ଆଇନଶୃଙ୍ଖଳା ପରିଚାଳନାରେ ତାଙ୍କର ଦକ୍ଷତା ପାଇଁ ତାମିଲନାଡୁ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ବିବେଚିତ ହୋଇଥିଲା। ପୋଲିସ୍ ପ୍ରଶାସନରେ ଶୃଙ୍ଖଳିତ ସେବା ପ୍ରଦାନ ଓ ଜନତା-ପୋଲିସ୍ ମଧ୍ୟରେ ଅପୂର୍ବ ସମନ୍ୱୟ ପରିଚାଳନା କରି ଆନ୍ତର୍ଜାତିକ ସ୍ତରରେ ମଧ ସେ ପୁରସ୍କୃତ ହୋଇଛନ୍ତି।

## ପିପିଲି ମୈଦାନରେ ଚାଲିଛି ....

ଜିତିବ ବୋଲି ଦମ୍ଭ ଦେଖାଇଛି । ପିପିଲିରେ ପ୍ରଚାରକୁ ୪ ଦିନ ବିତିଥିଲେ ମଧ ଦିବଙ୍ଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ପତ୍ନୀ ଏଯାଏଁ ମୈଦାନକୁ ଓହ୍ଲାଇ ନାହାନ୍ତି । ପୁଅ ରୁଦ୍ରଙ୍କ ପାଇଁ ମାଆ ପ୍ରତିଭା ମହାରଥୀ ପ୍ରଚାରକୁ ନଆସିବା ବିଜେଡିକୁ ବ୍ୟାକଫୁଟରେ ରଖିପାରେ ବୋଲି ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ବାଲେଶ୍ୱର ପରାଜୟର ପ୍ରତିଶୋଧ ନେବାକୁ ପିପିଲିରେ ବିଜେପି ଜୋରଦାର ଉଦ୍ୟମ କରୁଛି । ବିଶେଷ କରି ଫନି ସହାୟତା ପାଇନଥିବା ଡେଲାଙ୍ଗରେ ସରକାର ବିରୋଧୀ ଜନମତକୁ ପ୍ରଭାବିତ କରିବାରେ କେତେକାଂଶରେ ବିଜେପି ସଫଳ ହେଉଥିବା ଦେଖାଯାଉଛି । ପିଲିଲି ବ୍ଲକର ୨୫ ପଞ୍ଚାୟତ, ଡେଲାଙ୍ଗ ବ୍ଲକର ୨୧ ପଂଚାୟତ ସହ ପିପିଲି ଏନଏସିର ୧୬ଟି ୱାର୍ଡକୁ ମିଶାଇ ପିପିଲି ବିଧାନସଭା କ୍ଷେତ୍ରରେ ଆଗାମୀ ୩୦ ତାରିଖରେ ପଡିବ ଭୋଟ୍ । ଅକ୍ଟୋବର ୩ ତାରିଖରେ ଭୋଟ ଗଣତି ପରେ ପିପିଲିକୁ ମିଳିଯିବ ନୂଆ ବିଧାୟକ । ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ଏହି ଆସନ ପାଇଁ ଉପନିର୍ବାଚନ ହେଉଥିବାବେଳେ କରୋନା କଟକଣା ଭିତରେ ଭୋଟ ପଡିବାକୁ ଯାଉଛି ।

## ଫାର୍ମାସିଷ୍ଟ ଦେଖିବେ ରୋଗୀ....

ଫାର୍ମାସିଷ୍ଟ । ଏଥିପାଇଁ କି ପ୍ରକାର ଔଷଧ ଦିଆଯିବ, ତାର ମଧ ତାଲିକା ପ୍ରକାଶ କରିଛି ସ୍ୱାସ୍ଥ୍ୟ ବିଭାଗ । ଏହି ତାଲିକା ଅନୁସାରେ ଫାର୍ମାସିଷ୍ଟମାନେ ରୋଗୀଙ୍କୁ ଔଷଧ ଦେଇପାରିବେ । ଡାକ୍ତରୀ ପାଠ ଓ ଫାର୍ମାସିଷ୍ଟ ପାଠ ଅଲଗା । ପ୍ରଶ୍ନ ଉଠାଇଲେ ବରିଷ୍ଠ ଡାକ୍ତର । ଫାର୍ମାସିଷ୍ଟ ରୋଗୀ ଦେଖିବା ନେଇ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ଡାକ୍ତର । ଡାକ୍ତର ସିଦ୍ଧାର୍ଥ ଦାସ କହିଛନ୍ତି, ଡାକ୍ତରୀ ପାଠ ଓ ଫାର୍ମାସିଷ୍ଟ ପାଠ ଭିତରେ ଫରକ ରହିଛି । ତେବେ ରାଜ୍ୟର ସରକାରୀ ହସ୍ପିଟାଲରେ ମୋଟ ୮୭୨୯ ଜଣ ଡାକ୍ତର ପଦବୀ ରହିଛି । ତେବେ ଠିକା ଡାକ୍ତରଙ୍କୁ ମିଶାଇ ମୋଟ ୭୭୪୩ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି । ପାଖାପାଖି ୧ ହଜାର ପଦବୀ ଖାଲି ପଡିଛି । ଏଭଳି ସ୍ଥିତିରେ ଫାର୍ମାସିଷ୍ଟଙ୍କୁ ରୋଗୀ ଦେଖିବାକୁ ଅନୁମତି ଦେଇଛନ୍ତି ସରକାର ।

# ଯୁବ ଆଇନଜୀବୀ ନିର୍ମାଲ୍ୟ ପଣ୍ଡାଙ୍କ ବିୟୋଗରେ ଶୋକସଭା



ବାଲେଶ୍ୱର,୨୩/୦୯ (ନି.ପ୍ର): କରୋନାରେ ମୃତ୍ୟୁ ବରଣ କରିଥିବା ଯୁବ ଆଇନଜୀବୀ ନିର୍ମାଲ୍ୟ ପଣ୍ଡାଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ସ୍ଥାନୀୟ କଚେରୀ ହତା ପରିସରର ୨ ନଂ ବାରରେ ଗୁରୁବାର ଅନୁଷ୍ଠିତ ହୋଇଛି। ଓକିଲ ସଂଘ ସଭାପତି ମନୋଜ କୁମାର ନାୟକ ଏଥିରେ ସଭାପତିତ୍ୱ କରିବା ସହିତ ଦିବଂଗତ ନିର୍ମାଲ୍ୟ ପଣ୍ଡାଙ୍କ ଗୁଣାବଳି ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ତୃତୀୟ ଲହର କରୋନା ସକ୍ରିୟ ହେଉଥିବା ବେଳେ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଓକିଲ ସଂଘର ସମ୍ପାଦକ ସମ୍ବିତ କୁମାର ନନ୍ଦୀ, ସହ-ସମ୍ପାଦକ ସୂର୍ଯ୍ୟକାନ୍ତ କର, ବରିଷ୍ଠ ଆଇନଜୀବୀ ରଘୁନାଥ ମହାଳିକ, ପ୍ରତାପ ଚନ୍ଦ୍ର ମହାନ୍ତି, ରାଇମୋହନ ପଟ୍ଟନାୟକ, ବିଦ୍ୟାଧର ସାହୁ, ରଣଶଜିତ ପଣ୍ଡା, ଜୟନ୍ତ କୁମାର ପରିଡ଼ା, ଜୟନାରାୟଣ ପଣ୍ଡା, ଲମ୍ବୋଦର ନାୟକ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜଣେ ଉଦୀମାନ ଆଇନଜୀବୀ ଭାବେ ତାଙ୍କର ଆକଳ ବିୟୋଗ ପରିବାର ସମେତ ବାଲେଶ୍ୱର ଓକିଲ ସମାଜ ପାଇଁ ଅପୂରଣୀୟ କ୍ଷତି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ସମସ୍ତେ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପରକୀୟାପ୍ରିତି ପାଇଁ ଯୁବକଙ୍କୁ ବିଭତ୍ସ ହତ୍ୟା : ତିନି ଥାନାରେ ଅଟକ



ବାଲିଆପାଳ,୨୩/୦୯ (ନି.ପ୍ର): ପରକୀୟା ପ୍ରିତି ପାଇଁ ଜଣେ ଯୁବକଙ୍କୁ ହତ୍ୟା । ଧାରୁଆ ଅସ୍ତ୍ରରେ ଯୁବକ ଜଣଙ୍କୁ ହାଣି ମୃତ ଦେହକୁ ଧାନ ବିଲ ଭିତରେ ପୋତିଦେବା ଘଟଣା ବାଲିଆପାଳ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ହତ୍ୟାକାରୀ ସନ୍ଦେହରେ ଗ୍ରାମବାସୀ ଜନୈକ ଦମ୍ପତ୍ତିକୁ ନିର୍ଦ୍ଧମ ଛେଚିବା ସହ ପୋଲିସ ହାତରେ ଜିମ୍ମା ଦେଇଛନ୍ତି ।ଏହି ଘଟଣାରେ ସାଇନଟିଫିକ ଟିମ ସହ ବାଲିଆପାଳ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ୧୬୬/୨୦ରେ ଏକ ହତ୍ୟା ମାମାଲା ରୁଜୁ କରି ତିନିଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଛି । ମିଳିଥିବା ସୂଚନା ମୃତାବକ ବାଲିଆପାଳ ଥାନା ଅନ୍ତର୍ଗତ ଘଣ୍ଟୁଆ ପଞ୍ଚାୟତ ବଡକସବା ଗ୍ରାମର ଭାନୁଚରଣ ପାତ୍ରଙ୍କ ପୁଅ ତରୁଣ ପାତ୍ର (୩୬) ଗତକାଲି ରାତ୍ରୀଠାରୁ ଘରକୁ ଫେରିନଥିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ । ତରୁଣଙ୍କ ମୋବାଇଲକୁ କଲ କରିଥିଲେ ମଧ ମୋବାଇଲ ସୁଇଚ ଅଫ ରହିଥିଲା । ପରିବାର ଲୋକ ସମେତ ଗ୍ରାମବାସୀ ତରୁଣଙ୍କୁ ଖୋଜା ଖୋଜି କରିଥିଲେ । । ବଡକସବା-ଗେଙ୍ଗୁଟିଆ ମୁଖ୍ୟ ରାସ୍ତ ପାର୍ଶ୍ୱରେ ଏକ ରକ୍ତଭିଜା କାତି ସହ ରାସ୍ତାରେ ବୁନ୍ଦା ବୁନ୍ଦା ରକ୍ତ ପଡିଥିବା ଦେଖିବାକୁ ମିଳିଥିଲ । ଏହାକୁ ନେଇ ଗ୍ରାମବାସୀଙ୍କ ମଧରେ ସନ୍ଦେହ ଉପୁଜିଥିଲା । ତରୁଣ ଙ୍କ ର ସେହି ଗ୍ରାମର ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ ସଂନ୍ଧ୍ୟାରାଣିଙ୍କ ସହ ଦୀର୍ଘଦିନ ଧରି ଅନୈତକ ସମ୍ପର୍କ ରହିଥିବା ବେଳେ ବହୁବାର ଏନେଇ ଗ୍ରାମରେ ବୈଠକ ଏବଁ ଥାନାରେ ମାମାଲ ମଧ ରୁଜୁ ହୋଇଥିଲା । ସବୁ ପରେ ମଧ ତରୁଣ ବାରମ୍ବାର ସନ୍ଧ୍ୟାରାଣୀଙ୍କ ଘରକୁ ଯାଆଆସ କରୁଥିଲ । ବୁଧବାର ରାତ୍ରରେ ତରୁଣ ରୁ ସନ୍ଧ୍ୟାରାଣୀଙ୍କ ଘରକୁ ଯାଇ ଆଉ ଘକୁ ଫେରିନଥବା ତରୁଣଙ୍କ ପତ୍ନୀ ଅଞ୍ଜଳି ମଧ କହିଥିଲେ ।ଏନେଇ ଗ୍ରାମବାସୀ ସନ୍ଧ୍ୟାରାଣୀ ଏବଂ ରବୀନ୍ଦ୍ରଙ୍କୁ ପଚା ଉଚୁରା କରିଥିଲେ । ସନ୍ଧ୍ୟାରାଣି କିଛି ଜାଣିନଥିବା କହିଥିଲ । ତେବେ ସନ୍ଧ୍ୟାରାଣୀ ଘର ଠାରୁ ବୁନ୍ଦା ବୁନ୍ଦା ରକ୍ତ କାତି ପର୍ଯ୍ୟନ୍ତ ଲମ୍ବିଥିଲା । ଯାହାକୁ ନେଇ ଗ୍ରାମବାସୀଙ୍କ ଅଧିକ ସନ୍ଦେହ ଉପୁଜିଥିଲା । ଗ୍ରାମବାସୀ ସନ୍ଧ୍ୟାରାଣୀ ଏବଂ ତାଙ୍କ ସ୍ୱାମୀ ରବୀନ୍ଦ୍ରଙ୍କୁ ନିର୍ଦ୍ଧମ ଛେଞ୍ଚିବା ପରେ ସନ୍ଧ୍ୟାରାଣୀ ତରୁଣ ତାଙ୍କ ଘରକୁ ଆସିଥିବା ସ୍ୱୀକାର କରିଥିଲ । ତରୁଣଙ୍କ ସହ ବଚସା ହେବାରୁ ସେ ତାଙ୍କ ମୁହଁ ଉପରକୁ ଲଙ୍କାପାଣି ପକାଇଥିବା ମଧ ସ୍ୱୀକାର କରିଥିଲା । ତେବେ ତରୁଣ ଘର ବାହାରେ ତାଙ୍କ ସ୍ୱାମୀ ଏବଂ ତାଙ୍କର ସମ୍ପର୍କୀୟ ଭାଇ ବଡାପାଳ ଗ୍ରାମର ବିଶ୍ୱଜିତ ଦାସ ଙ୍କ ସହ ଗଣ୍ଡଗୋଳ ପରେ କୁଆଡେ ଯାଇଥିବା ସେ ଜାଣିନଥିବା କହିଥିଲେ । ସନ୍ଧ୍ୟାରାଣି ଏବଂ ତାଙ୍କ ସ୍ୱାମୀ ରବୀନ୍ଦ୍ରକୁ ଅଟକ ରଖି ବାଲିଆପାଳ ପୋଲିସକୁ ଖବର ଦେଇଥିଲେ । ବାଲିଆପାଳ ଆଇଆଇସି ପର୍ଶୁରାମ ସାହୁ ପୋଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଂଚି ଅଟକ ସ୍ୱାମୀ ସ୍ତ୍ରୀ ଙ୍କୁ ପଚରା ଉଚୁରା କରୁଥିବା ବେଳେ କିଛି ଗ୍ରାମବାସୀ କାତି ପଡିଥିବା ସ୍ଥାନଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଏକ ଧାନ ଜମି ଭିତରେ ମୃତଦେହ ପୋତା ହୋଇଥିବା ଦେଖିବାକୁ ପାଇଥିଲେ । ଆଇଆଇସି ପର୍ଶୁରାମ ସାହୁ ଘଟଣା ସ୍ଥଳରେ ପହଂଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋତା ହୋଇଥିବା ତରୁଣଙ୍କ ମୃତଦେହକୁ ଉଦ୍ଧାର କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଘଟନା ସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ବସ୍ତା ଏସଡିପିଓ ଜଳନ୍ଧର ଜାଲି ଏବଂ ସାଇନଟିଫିକ ଟିମ ସହ ଘଟଣାସ୍ଥଳରେ ପହଂଚି ହତ୍ୟାକାଣ୍ଡ ସମ୍ପର୍କୀତ ଅଧିକ ତଦନ୍ତ କରିଥିଲେ । ପରେ ମୃତଦେହକୁ ବ୍ୟବେଚ୍ଛଦ ପାଇଁ ପଠାଯାଇଥିଲା ତେବେ ମୃତ ତରୁଣଙ୍କ ପତ୍ନୀ ଅଞ୍ଜଳୀ ତାଙ୍କ ସ୍ୱାମୀ ଙ୍କୁ ସନ୍ଧ୍ୟାରାଣି ତାଙ୍କ ସ୍ୱାମୀ ରବୀନ୍ଦ୍ର ଏବଂ ତାଙ୍କର ସଂମ୍ପର୍କୀୟମାନେ ମିଶି ହତ୍ୟାକରିଥିବା ଅଭିଯୋଗ କରିଛନ୍ତି । ସୂଚନା ଯୋଗ୍ୟ ମୃତ ତରୁଣଙ୍କ ଦୁଇ ଛୋଟ ଝିଅ ଅଛନ୍ତି । ପୋଲିସ ଏହି ଘଟଣାରେ ସନ୍ଧ୍ୟାରାଣୀ,ତାଙ୍କ ସ୍ୱାମୀ ରବୀନ୍ଦ୍ର ଏବଂ ତାଙ୍କର ସମ୍ପର୍କୀୟ ଭାଇ ବିଶ୍ୱଜିତ ଦାସଙ୍କୁ ବାଲିଆପାଳ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି । ତଦନ୍ତ ପରେ ପୋଲିସ ଏହି ଘଟଣାର ପର୍ଦ୍ଦାଫାସ କରାଯିବ ବୋଲି ଆଇଆଇସି ପର୍ଶୁରାମ ସାହୁ କହିଛନ୍ତି ।

# ବିଶ୍ୱ ବିଦ୍ୟାଳୟରେ ତାଲା ମାରି ଆନ୍ଦୋଳନ କଲେ ଛାତ୍ରଛାତ୍ରୀ



## ୭୦ ପରତିଶତ ଫିଛାଡ ପାଇଁ ଦାବି

ବାରିପଦା ଟାଉନ,୨୩/୦୯ (ନି.ପ୍ର): ଆଜି ବାରିପଦା ତକତପୁର ସ୍ଥିତ ମାହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ଗେଟରେ ଛାତ୍ରଛାତ୍ରୀ ମନେ ତାଲା ମାରି ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରିଥିବାର ଦେଖା ଯାଇଛି । ସୂଚନା ମୁତାବକ ଗତ ସେପଟ୍ଟେମ୍ବର ୨୦ ତାରିଖ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଉଦ୍ଦେଶ୍ୟର ଏକ ଦାବୀ ପତ୍ର ସ୍ନାତକୋତ୍ତର ପରିଷଦର ଅଧକ୍ଷଙ୍କୁ ପ୍ରଦାନ କରାଯାଇଥିଲା । ଏହିଦାବୀପତ୍ର ରେ ଉଲ୍ଲେଖିଥିବା ଦୁଇଟି ପ୍ରମୁଖ ଦାବୀ ମଧ୍ୟରୁ ୨ୟ ବର୍ଷ ପୁନଃ ନାମଲେଖା ତାରିଖକୁ ହିଁ କେବଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମାନି ନେଇ ନାମଲେଖା ତାରିଖ ଘୁଞ୍ଚାଇ ଦେଇଛନ୍ତି । କିନ୍ତୁ ମୂକ୍ୟ ଦାବୀ ପିଲାଙ୍କ ୭୦ ପ୍ରତିଶତ ଫିଛାଡ଼ ଦାବୀଟି ପୂରଣ ହୋଇନଥିବା କାରଣରୁ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଚାଲୁ ରହିଥିଲା । ତେବେ ଏହି ଫିଛାଡ ଦାବୀରେ ଆଜି ବହୁ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ମାରି ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିବାର ଦେଖା ଯାଇଛି । ତେବେ ଆଜିର ବିକ୍ଷୋଭ ସମୟରେ ବିଶ୍ୱ ବିଦ୍ୟାଳୟ କର୍ତୃପକ୍ଷ ଆନ୍ଦୋଳନ ରତ ଛାତ୍ରଛାତ୍ରୀଙ୍କ ସହ କୌଣଷି ଆଲୋଚନା କରି ନାହାନ୍ତି । ଏଣୁ ଦାବୀ ପୁରଣ ନହେବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମନେ ଆନ୍ଦୋଳକୁ ଚାଲୁ ରଖିବେ ବୋଲି କହିଛନ୍ତି । ଆନ୍ଦୋଳନରେ ସନତ ଗୋପ , କେଶବ ରାଉତ , ସିପୁନ କୁମାର , କୁନାଲ ସାହୁ , ନିଗମ ପ୍ରିୟା , ସୁଭାଶିଷ ମିଶ୍ର , ମାଧୁରୀ ବେହେରା, ରାନୀ ପରିଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ୧୭ଦଫା ଦାବିରେ ୭ ରାଜନୈତିକ ଦଳର ଗଣଧାରଣା

ଭୁବନେଶ୍ୱର,୨୩/୦୯ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ବିରୋଧି ଆର୍ଥିକ ନୀତି ଏବଂ ବିଦ୍ୱେଷ ଓ ବିଭାଜନର ରାଜନୀତି ସାଂଗକୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧି ନୀତି ବିରୋଧରେ ୧୭ଦଫା ଦାବିରେ ଆଜି ମାଷ୍ଟର କ୍ୟାଂଟିନ ଛକରେ ୭ଟି ଦଳର ରାଜ୍ୟସ୍ତରୀୟ ମିଳିତ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଏଠାରେ ଆୟୋଜିତ ପ୍ରତିବାଦ ସଭାକୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ସିପିଆଇଏମର ରାଜ୍ୟ ସଂପାଦକ ଅଲି କିଶୋର ପଟ୍ଟନାୟକ, ସିପିଆଇର ରାଜ୍ୟ ସଂପାଦକ ଆଶିଷ କାନୁନଗୋ, ସମାଜବାଦୀପାର୍ଟି ସାଧାରଣ ସଂପାଦକ ସୁଦର୍ଶନ ପ୍ରଧାନ, ସିପିଆଇ ଏମଏଲ (ରେଡଫ୍ଲାଗ)ର ନେତ୍ରୀ ପ୍ରମିଳା ବେହେରା ଏବଂ ଏନ୍‌ସିପି ରାଜ୍ୟ ସାଧାରଣ ସଂପାଦକ ବିକ୍ରମ ସ୍ୱାଇଁ ପ୍ରମୁଖଙ୍କୁ ନେଇ ଗଠିତ ସଭାପତି ମଣ୍ଡଳି ପରିଚାଳନା କରିଥିଲେ। କଂଗ୍ରେସ ନେତା ଯଜ୍ଞେଶ୍ୱର ପ୍ରତିବାଦ ଧାରଣା ଉଦ୍ଦେଶ୍ୟ ସଂପର୍କରେ ସମ୍ୟକ ସୂଚନା ଦେବାପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୋଦି ସରକାରର ବିନାଶକାରୀ ନୀତିର କଠୋର ସମାଲୋଚନା କରି ଗତ ୭୦ ବର୍ଷରେ ଏ ଦେଶରେ ନିର୍ମିତ ହୋଇଥିବା ସରକାରୀ ସଂପତି ଓ ସଂସ୍ଥାନ ଗୁଡିକୁ ଘରୋଇ ବ୍ୟବସାୟୀଙ୍କ ହାତରେ ଶାଗମାଛ ମୂଲ୍ୟରେ ବିକିଦେବା ବିରୋଧରେ ସମସ୍ତ ଗଣତନ୍ତ୍ର ଓ ଦେଶପ୍ରେମୀ ରାଜନୈତିକ ଦଳ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର ମଧ ମୋଦି ସରକାରର ସଖି କଣ୍ଢେଇ ସାଜି କେନ୍ଦ୍ରର ସମସ୍ତ ଜନବିରୋଧି ନୀତିଗୁଡ଼ିକୁ ନିସର୍ତ୍ତ ସମର୍ଥନ ଜ୍ଞାପନ କରୁଥିବା ବେଳେ ରାଜ୍ୟରେ ବିଭିନ୍ନ ଜନସ୍ୱାର୍ଥ ନୀତି ପ୍ରଚଳନ କରୁଥିବାର ଏହା ବିରୋଧରେ ଗଣ ଆନ୍ଦୋଳନ ଗଢ଼ି ତୋଳିବା ଜରୁରୀ ବୋଲି କହିଥିଲେ। କଳାକୃଷି ଆଇନ ବିରୋଧରେ ଦେଶତମାମ ଚାଲିଥିବା କୃଷକ ଆନ୍ଦୋଳନ ପ୍ରତି ମୋଦି ସରକାରଙ୍କ ଆଭିମୁଖ୍ୟକୁ ନିନ୍ଦା କରିବା ସହ ଆସନ୍ତା ୨୭ ତାରିଖରେ ଭାରତ ବନ୍ଦକୁ ରାଜ୍ୟବାସୀ ସମର୍ଥନ କରିବାକୁ ନିବେଦନ କରିଥିଲେ। ଏଆଇସିସି ସଂପାଦକ ରୁଦ୍ର ରାଜୁ ମଧ ଦେଶର ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରୁଥିବା ସାଂପ୍ରଦାୟୀକ ଦଳଗୁଡ଼ିକର ଗୁପ୍ତ ଏଜେଣ୍ଡା ପ୍ରତି ସର୍ତକ କରିବା ସହ ମିଳିତ ଏବଂ ଐକ୍ୟବଦ୍ଧ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

# ଜଳକାରେ ବନ୍ୟା ଛାଡୁଛି ହେଲେ ଲୋକଙ୍କର ଦୁର୍ଦ୍ଦଶା ବଢୁଛି



ବସ୍ତା,୨୩/୦୯ (ନି.ପ୍ର): ଜଳକାନଦୀର ବନ୍ୟା ପାଣି କ୍ରମଶ ହ୍ରାସ ପାଇଆସୁଥିବାବେଳେ ସନ୍ଧ୍ୟା ସାତଟା ସୁଦ୍ଧା ୭.୫୧ଜଳସ୍ତର ଅଛି। ବସ୍ତା ବ୍ଲକ ରେ ଥିବା କେତେକ ପଞ୍ଚାୟତ ଅଧିନରେଥିବା ଗାଁ ସାହି ରେ ପାଣିଘେରରେ ଅନେକ ପରିବାର ଫସିରହିଛନ୍ତି । ପୁଣି ଯାତାୟତ ରାସ୍ତା ରେ ପାଣି ଜମି ରହିଛି ଫଳରେ ପ୍ରଶାସନ ପକ୍ଷରୁ ଖାଦ୍ୟ ଯୋଗାଇବା ସେତେମାତ୍ରାରେ ସଫଳହେଇନି କିଛି ବିଫଳ ହୋଇଛି ବୋଲି ପାଣି ଘେରରେଥିବା ଲୋକେ ଅଭିଯୋଗ କରିଛନ୍ତି । ଏହିପର ିଦୃଶ୍ୟ ଦେଖିବାକୁ ମିଳିଛି ମଥାନୀ ପଞ୍ଚାୟତର ସାନଖୁଡି ଗିରି ସାହି ର ୩୫ପରିବାର ଏବେବି ଜଳ ବନ୍ଦି ଅବସ୍ଥାରେ ରହିଛନ୍ତି । ସାହି ରାସ୍ତା ଉପରେ ୫ଫୁଟ ପାଣି ଘର ଭିତରେ ପଲଙ୍କ ଉପରେ ଆଶ୍ରୟ ନେଉଛନ୍ତି । ପଞ୍ଚାୟତ ପକ୍ଷରୁ କୌଣସି ସାହାର୍ଯ୍ୟ ପାଇପାରି ନାହାନ୍ତି ଚୁଲିରେ ପାଣି ପଶିବାଫଳରେ ଭୋକ ଉପବାସରେ ଦିନ ବିତୁଛି ବୋଲି ଗ୍ରାମର ବିଜୁ ଗିରି, ସୃଷ୍ଟିଧରଗିରି, ଗୋପାଳଦାସ, ବିଜୟ ଦାସ, ବିଶ୍ୱରଞ୍ଜନ ଦାସ, ଶ୍ରୀକାନ୍ତ ପରିଡା, ଧିରେନ ବେହେରା, ଅଭିରାମ ଦାସ, ପ୍ରତାପଦାସ, ଚନ୍ଦ୍ରା ଦାସ, ବାବୁଲା ଦାସ, ମନୁଆ ଦାସ, ଜଗାଦାସ, ବାଜଦାସ, ଗେଣ୍ଡୁଆ ଦାସ, ରାମଚନ୍ଦ୍ରଦାସ, ବିଦୁଆ ଦାସ, ଅଭିଯୋଗ କରିଛନ୍ତି । ସେହିପରି ମଥାନୀ ପଞ୍ଚାୟତ ଧାନହଣ୍ଡା ଗ୍ରାମରେ ଅଧିକାଂଶ କଂଛା ମାଟିଘରେ ପାଣି ପଶିବା ଫଳରେ ବିପଦଶଙ୍କୁଳ ଅବସ୍ଥାରେ ଭାଗ୍ୟକୁ ଆବରି ରହିଛନ୍ତି । ତେବେ ବସ୍ତାବ୍ଲକ ର କୁଡିଆପଞ୍ଚାୟତ ମାଛିଆ ଜମାଲପୁର, ବାହାର୍ଦ୍ଦା ପଞ୍ଚାୟତର ତଳତାପଣ୍ଡା ମେଳକ ଚନ୍ଦନସିଆ ଦଉପୁର ରେ ତଳିଆ ଲୋକଙ୍କ ଘରେ ପାଣିପସି ଯିବାଫଳରେ ନାହିନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକମାନେ । ତେବେ ଯଥାଶୀଘ୍ର ବନ୍ୟା ପ୍ରପିଡିତ ପରିବାରକୁ ତଦନ୍ତ କରି ସରକାରି ସହାୟତା ଯୋଗାଇଦିଆଯିବ ବୋଲି ବସ୍ତା ତହସିଲଦାର କାର୍ତ୍ତିକ ଦାସ ପ୍ରକାଶ କରିଛନ୍ତି ।

## କୁକୁର ଯୋଗୁଁ ବାଇକ୍ ଆରୋହୀଙ୍କ ଗୋଡ଼ ଭାଙ୍ଗିଲା

ନୀଳଗିରି,୨୩/୦୯ (ନି.ପ୍ର): ନୀଳଗିରି ବଡ଼ଅତା ଗ୍ରାମର କିଶୋର ଚନ୍ଦ୍ର ପ୍ରଧାନ ନିଜ ବାଇକ୍‌ରେ ନୀଳଗିରିରୁ ଓରି ପ୍ଲାଷ୍ଟକୁ ଡ୍ୟୁଟି କରିବାକୁ ନିଜ ବାଇକରେ ଯାଉଥିବା ବେଳେ ସିମୁଳିଆ ଛକ ଠାରେ ହଠାତ୍ ୨ଟି କୁକୁର ତାଙ୍କ ବାଇକ ଆଗକୁ ଋଲି ଆସିବାରୁ କିଶୋର ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ିଯାଇଥିଲେ। ଫଳରେ ତାଙ୍କର ବାମଗୋଡ଼ ଭାଙ୍ଗିଯାଇଥିବା ବେଳେ ମୁଣ୍ଡର ଗଭୀର ଆଘାତ ଲାଗିଛି । ପରେ ନୀଳଗିରି ଦମକଳ ବାହିନୀ କିଶୋରକୁ ନୀଳଗିରି ଡାକ୍ତରଖାନାକୁ ଆଣି ଚିକିତ୍ସିତ କରାଇଥିଲେ ।

# 'ଜଳକା'ବନ୍ୟା ପ୍ରଭାବିତଙ୍କୁ ସଦର ବିଜେପି ପକ୍ଷରୁ ରିଲିଫ



ବାଲେଶ୍ୱର,୨୩/୦୯ (ନି.ପ୍ର): ଦ୍ୱିତୀୟ ଥର ଜଳକା ନଦୀର ବନ୍ୟାଜଳ ପ୍ରଭାବିତ ସଦର ବ୍ଲକର ବିଭିନ୍ନ ଅଞ୍ଚଳକୁ ଯାଇ ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ଉପ-ସଭାପତି ମାନସ ଦତ୍ତ ଲୋକଙ୍କୁ ସାହାଯ୍ୟ ସହଯୋଗ କରୁଛନ୍ତି। ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ଶ୍ରୀ ଦତ୍ତ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସଲପୁର, ଶ୍ରୀରାମପୁର ପଞ୍ଚାୟତକୁ ଡଙ୍ଗାରେ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଜଳବନ୍ଦୀରେ ଥିବା ଲୋକଙ୍କୁ ରିଲିଫ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଦୁଇଥର ବନ୍ୟାରେ ଏହିସବୁ ପଞ୍ଚାୟତରେ କ୍ଷତି ହୋଇଥିବା ଚାଷର ତୁରନ୍ତ ସର୍ଭେ ସହ ସରକାରୀ ସହାୟତା ପ୍ରଦାନ ନେଇ ପ୍ରଶାସନ ସହ କଥାବାର୍ତ୍ତା କରିବେ ବୋଲି ସେ ଗ୍ରାମାବାସୀଙ୍କୁ ପ୍ରତିଶ୍ରୁତି ଦେଇଚନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପି ମଣ୍ଡଳ ସଭାପତି ତପନ ଗିରି, ସରପଞ୍ଚ ସୁଭେଶ ନାୟକ, ପଞ୍ଚାୟତ ସଭାପତି ଜଗଦାନନ୍ଦ ବେହେରା, ମାନସ ମହାପାତ୍ର, ଧନଞ୍ଜୟ ମହାନ୍ତି, ଶ୍ରୀକାନ୍ତ ପାଣି, ହରେକୃଷ୍ଣ ଦଳେଇ, ସତ୍ୟ ମହାନ୍ତି, ଜଳଧର ଜେନା, କୌଶିକ ଚାନ୍ଦ, ପବନ କମିଳା, ମାୟାଧର ପ୍ରଧାନ, ବବଲୁ ମିଶ୍ର ସହିତ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସୁବର୍ଣ୍ଣରେଖା ଗାଲୁଡିହିର ୯ ଫାଟକ ଖୋଲା

ଜଳେଶ୍ୱର, ୨୩/୯(ନିପ୍ର) : ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ଥିବା ଗାଲୁଡିହି ବ୍ୟାରେଜ୍ ଠାରେ ୯ଟି ଫାଟକ ଖୋଲା ଯାଇଥିବାରୁ ୨ଲକ୍ଷ କ୍ୟୁସେକ୍ ପାଣି ନିଷ୍କାସିତ ହେଉଛି । ଫଳରେ ସୁବର୍ଣ୍ଣରେଖା ପୁଣି ଫୁଲିବା ଆଶଙ୍କା ଦେଖା ଦେଇଛି । ଆଜି ସକାଳ ୮ଟା ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ ବିଶେଷ ବର୍ଷା ହୋଇନଥିଲେ ମଧ୍ୟ ଗାଲୁଡିହି , କରକାଇ, ଜାମଶୋଳାଘାଟ ଓ ଆଦିତ୍ୟପୁର ଠାରେ ଜଳପଉନ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ଫଳରେ ଆଦିତ୍ୟପୁର ବ୍ୟାରେଜ୍‌ଠାରେ ୯ଟି ଫାଟକ ଖୋଲାଯାଇଛି ବୋଲି କେନ୍ଦ୍ରୀୟ ଜଳ ଆୟୋଗ ପ୍ରକାଶ କରିଛି । ୨ଲକ୍ଷ ୧୦ହଜାର କ୍ୟୁସେକ୍ ପାଣି ପ୍ରାବାହିତ ହେଉଛି । ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବନ୍ୟାପାଣି କମିଚାଲିଥିବା ବେଳେ ଆଜି ସଂଧ୍ୟାରେ ୮.୯୦ ମିଟରରେ ପ୍ରବାହିତ ହେଉଛି ଓ ଆସ୍ତେଆସ୍ତେ ବଢିବାରେ ଲାଗିଛି ।

# ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତି ବୈଠକ



ବାଲେଶ୍ୱର,୨୩/୦୯ (ନି.ପ୍ର): ବାଲେଶ୍ୱର ନିର୍ମାଣ ସଂଘ ସମିତିର କର୍ମକର୍ତ୍ତା ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଆପଣ ସମସ୍ତଙ୍କୁ ସ୍ୱାଗତ ଜଣାଉଛୁ । ବିରଞ୍ଚି ପ୍ରଧାନ ଓ ଅନ୍ୟାନ୍ୟ ଶ୍ରମିକ ନେତାଙ୍କ ବିରୋଧରେ କେତେକ ପ୍ରମୁଖ ଖବର କାଗଜରେ ପ୍ରକାଶିତ ଭିତ୍ତିହୀନ ସମ୍ବାଦର ସ୍ପଷ୍ଟୀକରଣ ଦେବା ଉଦ୍ଦେଶ୍ୟରେ ଆପଣମାନଙ୍କୁ ଏଠାକୁ ଆମନ୍ତ୍ରଣ କରିଛୁ । ପ୍ରକାଶିତ ଖବର ଅନୁସାରେ ବିରଞ୍ଚି ପ୍ରଧାନ ନିର୍ମାଣ ଶ୍ରମିକ ପରିଚୟପତ୍ର କରାଇ ଦେବା ନାମରେ ଜଣ ପ୍ରତି ୨ରୁ ୩ ହଜାର ଟଙ୍କା ନେଉଛନ୍ତି । ଶ୍ରମ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତ ବାରିସି କରି ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଉପାୟରେ ସେ ଶୋଷଣ କରୁଛନ୍ତି ବୋଲି କେତେକ ତଥାକଥିକ ଶ୍ରମିକ ନେତା ମିଳିତ ଭାବେ ଉପ-ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏମିତିକି ଏ ବାବଦରେ ଉଚିତ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜୟ ପାତ୍ର, ହରିଶ ପାତ୍ର, ଗଦାଧର ପ୍ରଧାନ, ଚନ୍ଦନ ରାୟ, ଶ୍ୟାମସୁନ୍ଦର ଜେନା, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ବ୍ୟକ୍ତିମାନେ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଡିଏଲସିଙ୍କୁ ମିଳିତ ଦାବିପତ୍ର ମଧ୍ୟ ଦେଇଥିଲେ । ତେବେ ଆମର କହିବା କଥା ହେଲା, ବାଲେଶ୍ୱର ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଡିଏଲସିଙ୍କୁ ମିଳିତ ଦାବିପତ୍ର ମଧ୍ୟ ଦେଇଥିଲେ । ତେବେ ଆମର କହିବା କଥା ହେଲା, ବାଲେଶ୍ୱର ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକୃତ ନିର୍ମାଣ ଶ୍ରମିକ ସଂଘର କର୍ମକର୍ତ୍ତା ଭାବେ କେବଳ ଶ୍ରୀ ପ୍ରଧାନ ନୁହନ୍ତି ବରଂ, ଏହି ନିର୍ମାଣ ଶ୍ରମିକ ସମନ୍ୱୟ ସମିତିରେ ଅନ୍ତର୍ଭୁକ୍ତ ବିଭିନ୍ନ ସଂଗଠନରୁ ତାଙ୍କ ଭଳି ବହୁ ଶ୍ରମିକନେତା ପ୍ରତିଦିନ ଲୋକଙ୍କୁ ସାହାଯ୍ୟ ସହଯୋଗ କରନ୍ତି । ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ନବୀକରଣ ଓ ବିଭିନ୍ନ ଯୋଜନାରେ ଶ୍ରମିକ କଲ୍ୟାଣ ପାଣ୍ଠିରୁ ସହାୟତା ପ୍ରଦାନରେ ସାହାଯ୍ୟ ସହଯୋଗ କରିବା ପଞ୍ଜୀକୃତ ଶ୍ରମିକ ସଂଗଠନର କର୍ମକର୍ତ୍ତାଙ୍କ ମୌଳିକ କର୍ତ୍ତବ୍ୟ ଅଟେ । ମାତ୍ର ଯେଉଁମାନେ ଅଭିଯୋଗ କରିଛନ୍ତି ସେମାନେ କୌଣସି ନିର୍ମାଣ ଶ୍ରମିକ ସଂଘର କର୍ମକର୍ତ୍ତା ବା ସଦସ୍ୟ ମଧ୍ୟ ନୁହନ୍ତି । ଶ୍ରମ କାର୍ଯ୍ୟାଳୟରେ ଦଲାଲି ସହ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନେ ଦୀର୍ଘଦିନ ଧରି ସାଧାରଣ ଲୋକଙ୍କୁ ଠକି ଅର୍ଥ ଶୋଷଣ କରି ଚାଲିଥିଲେ । ରାତି ପାହିବା ମାତ୍ରେ ସେମାନେ ଶ୍ରମ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକଙ୍କୁ ମିଛସତ କଥା କହି ଅର୍ଥ ଠକୁଥିଲେ । ମାତ୍ର ସରକାରଙ୍କ ଶ୍ରମ ନୀତି ଅନୁସାରେ ଆମ୍ଭେମାନେ ନିର୍ମାଣ ଶ୍ରମିକ ସଂଗଠନ ପଞ୍ଜୀକରଣ ସହ ଲୋକଙ୍କୁ ମାଗଣାରେ ସାହାଯ୍ୟ ସହଯୋଗ କରିବା ଦ୍ୱାରା ସେମାନଙ୍କ ଦଲାଲିରେ ବାଧା ଉପୁଜିବାରୁ ସେମାନେ ଏଭଳି ମିଥ୍ୟା ଆରୋପ ଉଠାଇଛନ୍ତି । ସେମାନଙ୍କ ଅତୀତ କାର୍ଯ୍ୟଧାରା ଉପରେ ଦୃଷ୍ଟିପାତ କଲେ ଆପଣମାନେ ସତ୍ୟତା ସମ୍ପର୍କରେ ବେଶ ଅବଗତ ହୋଇପାରିବେ । ଭାତହାଣ୍ଡିରୁ ଗୋଟିଏ ଭାତ ଚିପିବା ପରି ଗୌରାଙ୍ଗ ପାଣିଗ୍ରାହୀଙ୍କ ସମ୍ପର୍କରେ ଜାଣିବାକୁ ଥରେ ଚେଷ୍ଟା କରନ୍ତୁ, କେଉଁଟା ସତ୍ୟ ଓ କେଉଁଟା ମିଥ୍ୟା, ତାହା ଆପଣଙ୍କ ସମ୍ମୁଖକୁ ଆସିଯିବ । ଜଗତସିଂପୁର ତିର୍ତ୍ତୋଲ ଅଞ୍ଚଳରୁ ଆସି ଜଣେ ପମ୍ପ ଡ୍ରାଇଭର ଭାବେ ବାଲେଶ୍ୱର ଉଠା ଜଳସେଚନ ବିଭାଗରେ କାର୍ଯ୍ୟ ଆରମ୍ଭ କରିଥିଲେ ସେ । ପରେ ରାତାରାତି ଶ୍ରମିକନେତା ହୋଇଯାଇ ଚାନ୍ଦା ଆଦାୟ ଓ ବ୍ରିଟ ଜମି ହାତେଇବା ଆଦି ତାଙ୍କର ନିୟମିତ କାର୍ଯ୍ୟ ହୋଇଯାଇଛି । ଅନ୍ୟମାନଙ୍କ କଥା କିଛି ନ କହିବା ଭଲ । ତେବେ ଆମର ଅନୁରୋଧ ସେମାନେ ବି ସରକାରୀ ନିୟମ ମାନି ଗୋଟିଏ ଗୋଟିଏ ନିର୍ମାଣ ଶ୍ରମିକ ସଂଘ ପଞ୍ଜୀକରଣ କରି ସାଧାରଣ ଲୋକଙ୍କୁ ସାହାଯ୍ୟ ସହଯୋଗ ପାଇଁ ଆଗେଇ ଆସନ୍ତୁ । ମାତ୍ର କାହା ଉପରେ ଏଭଳି ମିଥ୍ୟା ଆରୋପ ଲଗାଇ ସାଧାରଣ ଲୋକଙ୍କୁ ସାହାଯ୍ୟ ସହଯୋଗ କ୍ଷେତ୍ରରେ ବାଧା ଉପୁଜାନ୍ତୁ ନାହିଁ ।

# ଭଦ୍ରକ ପ୍ରଗତି ପାଠକ ସଂଘ ପକ୍ଷରୁ ନାଟ୍ୟଶ୍ରୀଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,୨୩/୦୯ (ନି.ପ୍ର): ଭଦ୍ରକ ପ୍ରଗତି ପାଠକ ସଂଘ ପକ୍ଷରୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟଶ୍ରୀ ନିର୍ମଳ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପାଠାଗାର ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଂଘର ସଭାପତି କାହ୍ନୁ ଚରଣ ବିଶ୍ୱାଳ ଅଧକ୍ଷତା କରିଥିଲେ। ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ଡ. ବଳରାମ ମିଶ୍ର ମୁଖ୍ୟଅତିଥି, ଶିକ୍ଷାବିତ୍ ନରେନ୍ଦ୍ର ଦାସ, ପୂର୍ବତନ ଅଧକ୍ଷ ରତ୍ନାକର ଦାସ, ଶିକ୍ଷାବିତ୍ ଭାବଗ୍ରାହୀ ତ୍ରିପାଠୀ, କଳାଶିକ୍ଷକ ଜୟନ୍ତ ନାୟକ, ଅବସରପ୍ରାପ୍ତ ବୀମା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଦାସ, ସମାଜସେବୀ ଦେବ କେଶ୍, ଧାରାବାହିକ କଳା ନିର୍ଦ୍ଦେଶକ ବାବୁ ନିରନ୍‌ସ, ଧାରାବାହିକ କଳାକାର ସଂଜୀବ ନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିବା ବିଶିଷ୍ଟ ନାଟ୍ୟକାର ଦୂରଦର୍ଶନ ଓ ମଞ୍ଚ ଅଭିନେତା ନାଟ୍ୟଶ୍ରୀ ନିର୍ମଳ ରାଉତଙ୍କୁ ସଂଘ ପକ୍ଷରୁ 'ନାଟ୍ୟ ପ୍ରଦୀପ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂଘଣ ସମ୍ପାଦକ ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ତଥା ସଂସ୍କୃତି ଅଧିକାରୀ ହରମୋହନ ଜେନାଙ୍କ ଆୟୋଜନ ଓ ପରିଚାଳନାରେ ଅନୁଷ୍ଠିତ ସଭାରେ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ ଯୋଗ ଦେଇ ନାଟ୍ୟଶ୍ରୀଙ୍କ ଭୂୟସୀ ପ୍ରଶଂସା କରିଥିଲେ।

# ଅଜଣା ବାଇକ ଧକ୍କାରେ ୭ବର୍ଷର ବାଳକ ମୃତ



ବାଲିଆପାଳ, ୨୩/୦୯ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ନେପୁରା ଛକରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି । ଏକ ଅଜଣା ବାଇକ ଧକ୍କାରେ ଜଣେ ୭ ବର୍ଷ ବାଳକର ମୃତ୍ୟୁ ହୋଇଯାଇଛି । ମୃତବାଳକ ଜଣଙ୍କ ହେଲେ ଶୈତପୁରା ଗ୍ରାମର ସଞ୍ଜିବ ଦାସ ଙ୍କ ପୁଅ ଶିଭମ ।ଶିଭମ ଆଜି ସକାଳେ ନିଜ ଘରୁ ବାହାରି ବାଲିଆପାଳ –ଖପରାପଦା ମୁଖ୍ୟ ରାସ୍ତା ପାରି ହେଉଥିବା ବେଳେ ବାଲିଆପାଳ ପଟରୁ ଦୃତ ଗତିରେ ଆସୁଥିବା ଏକ ନମ୍ବର ବିହୀନ ଗାଡି ଶିଭମଙ୍କୁ ଧକ୍କା ଦେଇ ଦୃତଗତିରେ ପଳାଇଯାଇଥିଲା ।ଘଟଣା ସ୍ଥଳରେ ଶିଭମ ଗୁରୁତର ଆହାତ ହୋଇଥିଲେ ।ପରିବାର ଲୋକେ ତୁରନ୍ତ ଶିଭମକୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବ ଅବସସ୍ଥା ସଂଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# 'ଅଟଳ ଯୁବଶକ୍ତି'ର ରକ୍ତଦାନ ଶିବିର ୨୬ରେ

ବାଲେଶ୍ୱର,୨୩/୦୯ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶ ଆଧାରରେ ଗଠିତ ବାଲେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ଅଟଳ ଯୁବଶକ୍ତି' ପକ୍ଷରୁ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟଧାରା ସମ୍ପର୍କରେ କର୍ମର୍କ୍ତାମାନେ ସୂଚନା ଦେଇଛନ୍ତି। ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ବିକାଶ ପାଢ଼ୀଙ୍କ ସମେତ ସତ୍ୟଜିତ ମିଶ୍ର, ଧୀରଜ ମହାନ୍ତି, ଅରୂପ ଜେନା, ଅରବିନ୍ଦ ପାତ୍ର, ବିବେକ ମହାନ୍ତି, ଅନୀଲ ମହାନ୍ତି, ମଧୁଶ୍ରୀ ମିଶ୍ର, ସଂଜୀବ ପ୍ରଧାନ ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇ ଅଟଳ ଶକ୍ତି'ସଙ୍ଗଠନର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। 'ସେବା ହିଁ ଜୀବନ'ମନୋଭାବ ନେଇ ଯୁବଗୋଷ୍ଠୀ ଏହି ସଂଗଠନ ସହ ଯୋଡ଼ିହୋଇ କାର୍ଯ୍ୟ କରୁଛନ୍ତି। ଗତ ୟସ ବାତ୍ୟା ସମୟରେ ଦୁର୍ଗତଙ୍କୁ ଏହି ସଂଗଠନ ସାହାଯ୍ୟ ସହଯୋଗ କରିବା, କରୋନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, କରୋନାରେ ମୃତ ରୋଗୀଙ୍କ ଶବ ଦାହ କରିବା, ବୃକ୍ଷରୋପଣ ଆଦି କାର୍ଯ୍ୟ କରି ଏହି ସଂଗଠନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି ବୋଲି କର୍ମକର୍ତ୍ତାମାନେ କହିଥିଲେ। ଏବେ ଜିଲାର ରକ୍ତର ଅଭାବକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସେମାନେ ସୂଚନା ଦେଇଛନ୍ତି। ଏନେଇ ଆସନ୍ତା ୨୬ ତାରିଖରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଏହି ଶିବିର ଆୟୋଜନ ହେବାକୁ ଯାଉଥିବା ସେମାନେ ସୂଚନା ଦେଇଛନ୍ତି। ଏହାକୁ ସଫଳ କରିବା ପାଇଁ କର୍ମକର୍ତ୍ତାମାନେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଆଗାମୀ ଦିନରେ ଅଟଳ ଯୁବଶକ୍ତି ବିଭିନ୍ନ ସ୍ଥାନରେ ଏଭଳି ରକ୍ତଦାନ ଶିବିର ଆୟୋଜନ ଜାରି ରଖିବ ବୋଲି ସେମାନେ କହିଛନ୍ତି।

## ଡ୍ରେନ ସମସ୍ୟାକୁ ନେଇ ଧାରଣାରେ ବସିଲେ ବରିଷ୍ଠ ନାଗରିକ

ନୀଳଗିରି,୨୩/୦୯ (ନି.ପ୍ର): ନୀଳଗିରି ଏନ.ଏ.ସି.ର ୧୦ନମ୍ବର ୱାର୍ଡର ପ୍ରଫୁଲ୍ଲ ମହାନ୍ତି ଘର ଠାରୁ ସିମୁଳିଆ ରାବାଣି ଠାକୁରାଣି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଡ୍ରେନ ଓ ରାସ୍ତା ମଝିରେ ମଟି ପୁରାଇବା ଓ ମରାମତି ହେବା କାର୍ଯ୍ୟ ବହୁ ମାସ ଧରି ହୋଇ ନ ଥିବା ବେଳେ ଛୋଟ ଛୋଟ ପିଲାମାନେ ଯାତାୟତରେ ଅସୁବିଧା ଉପୁଜିବା ଓ ଛୋଟ ବଡ଼ ଦୁର୍ଘଟଣା ଘଟିବା ଯୋଗୁଁ ପ୍ରଫୁଲ୍ଲ ମହାନ୍ତି ଗତ ୨୪/୨/୨୦୨୦ରିଖରେ ଏନ.ଏ.ଏସି.. କର୍ତ୍ତୃପକ୍ଷଙ୍କୁ ଏବଂ ୩/୫/୨୧ରିଖରେ ନୀଳଗିରି ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର ଏ ଯାବତ୍ କୌଣସି କାର୍ଯ୍ୟ ନ ହେବାରୁ ନୀଳଗିରି ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପ୍ରଫୁଲ୍ଲ କୁମାର ମହାନ୍ତି ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିବା ଜଣାପଡ଼ିଛି। ଉପଜିଲ୍ଲାପାଳ ଉକ୍ତ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶୃତି ଦେବା ପରେ ଶ୍ରୀ ମହାନ୍ତି ଧାରଣା ପ୍ରତ୍ୟାହୃତ କରିଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୮ ଗିରଫ, ୭୮୪ ବାହନ ଜବତ

ଭୁବନେଶ୍ୱର,୨୩/୦୯ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୮ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୭୮୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୫୭,୨୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

# ୭ ବର୍ଷ ପୂର୍ବେ ହଜିଥିବା ନାବାଳିକାର ଘର ବାହୁଡା

ଜଳେଶ୍ୱର, ୨୩/୯(ନିପ୍ର) : ୭ ବର୍ଷ ପୂର୍ବେ ଜଳେଶ୍ୱର ଥାନା ଅନ୍ତର୍ଗତ ଶାଳିକୋଠାର ଜନୈକା ନାବାଳିକା ନିଖୋଜ ହୋଇଥିବା ବେଳେ ଆଜି ତାର ଘର ବାହୁଡା ସମସ୍ତଙ୍କୁ ଆନନ୍ଦ ଆଣି ଦେଇଛି । ଘଟଣାରୁ ପ୍ରକାଶ, ଦାରିଦ୍ରତା ଯୋଗୁଁ ଶଳିକୋଠା ଗାଁର ୧୦ବର୍ଷର ସେହି ଝିଅଟି ୭ବର୍ଷ ପୂର୍ବେ ନିଖୋଜ ହୋଇଥିଲା । କିନ୍ତୁ ଘଟଣାର କିଛିଦିନ ପରେ ଏହି ନାବାଳିକାକୁ ପଶ୍ଚିମବଂଗର ବର୍ଦ୍ଧମାନ ଷ୍ଟେସନରୁ ଉଦ୍ଧାର କରାଯାଇଥିଲା । ପଶ୍ଚିମବଂଗର ଶିଶୁ କଲ୍ୟାଣ ସମିତି ନାବାଳିକାକୁ ମେଦିନୀପୁରସ୍ଥିତ ବାଳିକା ହୋମ୍‌କୁ ପଠାଇଥିଲା । ତାର ଘର ଶାଳିକୋଠା ହୋଇଥିଲା ବେଳେ ୨୦୧୪ ମସିହାରେ ମାମୁଁ ଘର ବାଲିଚକରୁ ନିଖୋଜ ହୋଇଥିଲା । କିନ୍ତୁ ଶିଶୁ କଲ୍ୟାଣ ସମିତି ଏପରି ଏକ ସମବେଦନଶୀଳ ଘଟଣାରେ ଅଧିକ ତଦନ୍ତ କରିଥିଲା । ଉଦ୍ଧାର ହୋଇଥିବା ନାବାଳିକାର ମାନସିକସ୍ଥିତ ଠିକ୍ ନଥିବାରୁ ତାର ଚିକିତ୍ସା କରାଯାଇଥିଲା । ମେଦିନୀପୁର ଜିଲ୍ଲା ଶିଶୁ କଲ୍ୟାଣ ବିଭାଗ ଏଥିରେ ହସ୍ତକ୍ଷେପ କରି ଦାନ୍ତୁନସ୍ଥିତ ବାଳିକାହୋମ୍‌କୁ ପଠାଇଥିଲା । ସେଠାରେ ସେ ଗତ ୧ବର୍ଷରୁ ଅଧିକକାଳ ରହିବାପରେ ନିଜ ପ୍ରକୃତ ଠିକଣା କହିବାପରେ ଆଜି ଗୁରୁବାର ଦୋୟେଲ ପ୍ରଚଣ୍ଡ ଜଳେଶ୍ୱରସ୍ଥିତ ଶାଳିକୋଠା ଗ୍ରାମକୁ ପଠାଇବାର ବ୍ୟବସ୍ଥା କରିଥିଲେ । ଏବେ ପିଲାଟିର ବୟସ ୧୭ ହୋଇଥିଲେ ମଧ୍ୟ ତାର ଅତୀତ ସ୍ମୃତି ଫେରିପାଇବା ସହିତ ପରିବାରବର୍ଗଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି । ପ୍ରକାଶଯୋଗ୍ୟ ଇତିମଧ୍ୟରେ ସେ ହସ୍ତଶିଳ୍ପ କାର୍ଯ୍ୟରେ ପାରଦର୍ଶିତା ଅର୍ଜନ କରିଛି । ବାଳିକାଟି ଅଧିକ ଶିକ୍ଷାଲାଭଲାଗି ପ୍ରୟାସ ରଖୁଥିବାରୁ ସରକାର ଉକ୍ତ ପିଲାର ପାଠପଢାରେ ସହାୟତା କରିବାକୁ ଗ୍ରାମବାସରମାନେ ଦାବି କରିଛନ୍ତି ।

# ଏବେବି ପଣି ଘେରରେ ବହୁ ଲୋକ : ବ୍ୟାପକ ଚାଷଜମୀ ନଷ୍ଟ, ଚିନ୍ତାରେ ଚାଷୀ



ବାରିପଦା,୨୩/୦୯ (ନି.ପ୍ର): ବିଗତ ଦୁଇଦିନ ଧରି ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ମରୋଡା ଓ ରାସଗୋବିନ୍ଦ ପୁର ବ୍ଲକର ବିଭିନ୍ନ ଅଂଚଳରେ ଲୋକଙ୍କ ଜୀବନ ଯାତ୍ରା ବହାଲ ହୋଇ ପଡିଥିବାର ଜନାଯାଇଛି । ବର୍ଷାର ପ୍ରକପ ଆଜି କମିଥିଲେ ମଧ ଆଜିବି ଜଳବନ୍ଦୀ ମଧରେ ଶୁଳିଆପଦା ବ୍ଲକର ପଖାପାଖି ୧୦ ଗାଁ ତଥା ୭୦ ପରିବାର ରହିଥିବାର ଜଣା ଯାଇଛି । ଏହା ସହିତ ପଶ୍ଚିମବଙ୍ଗ କୁ ସଂଯୋଗ କରୁଥିବା ବାରିପଦା କୋଷ୍କକ ବାଘଡା ଦେଇ ଯାଇଥିବା ରାସ୍ତା ପାକଟିଆ ପାଖ ମାହାନ୍ତି ନଦୀ ପୋଲ କତା ଖାଇଯାଇଛି ଓ ପୋଲର ଅପ୍ରୋଚ ରୋଡ ମାଟି ଦବି ଯାଇଛି ଏବଂ ପିଡବ୍ଲୁଡି ରାସ୍ତା ଲଗାଣ ବର୍ଷାରେ ଧୋଇଯିବାରୁ ପଶ୍ଚିମବଙ୍ଗକୁ ଯାତାୟତ ଏକ ପ୍ରକାର ବାଧାପ୍ରାପ୍ତ ହୋଇଛି । କେବଳ ଦୁଇଚାକିଆ ଯାନ ବ୍ୟତୀତ ଭାରିଯାନ ଯିବା ବିପଦ ଶଂକୁଳ ହୋଇପଡିଛି । ଯାହାଫଳରେ ଚାରି ଚକିଆ ଯାନ ଓ ଭରିଯାନ ରାସ୍ତାକଡରେ ଛିଡ଼ାହୋଇ ରହିଛି । ଅଞ୍ଚଳବାସୀ ଖୁବଶୀଘ୍ର ରାସ୍ତାର ମରାମତି କରିବାକୁ ଦାବୀ କରିଛନ୍ତି । ସେହିପରି ଲଗାଣ ବର୍ଷା ଓ ବନ୍ୟାରେ ବହୁ କଚ୍ଚାଘର ଭାଙ୍ଗି ଯାଇଥିବା ବେଳେ, ବୟାପକ ଚାଷଜନୀରେ ପାଣି ଓ ବଲି ମାଡି ଯାଇଥିବାରୁ ଚାଷୀକୂଳ ଚିନ୍ତାରେ । ଲୋକଙ୍କ ଘରେ ପାଣି ପଶି ରହିଥିବାରୁ ଲୋକେ ଖାଦ୍ୟ ପ୍ରସ୍ତୁତ କରି ନପାରି ଶୁଖିଲା ଖାଦ୍ୟ ଖାଉଥିବାର ଦେଖା ଯାଇଛି । ତେବେ ଅଗ୍ନିଶମ ଓ ଓଡ୍ରାଫ ଟିମ କମରେ ଲାଗିଥିବା ବେଳେ, ସ୍ଥାନୀୟ ପ୍ରସାଶନ ପକ୍ଷରୁ ବହୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳିରେ ରଖା ଯାଇଛି । ସେଠାରେ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଥିବାର ଜଣା ଯାଇଛି । ସେହିପରି ଅଜି ମରୋଡା ବିଧାୟକ ରାଜକିଶୋର ଦାସ ବିଭିନ୍ନ ବନ୍ୟା ସ୍ଥଳ ବୁଲି ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ବୁଝିଥିବାର ଦେଖା ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo